R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୬
ତିଥି : ତ୍ରୟୋଦଶୀ
୨୩ ଜୁନ୍ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 256
23 June 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଆମେରିକାର 'ଅପରେସନ୍ ମିଡନାଇଟ ହାମର'

# ଇରାନର ୩ ପରମାଣୁ କେନ୍ଦ୍ର ଧ୍ୱଂସ



- ଜଳୁଛି ତେହେରାନ- ତେଲ ଆଭିଭ
- ୩ ଶୀର୍ଷ ସାମରିକ କମାଣ୍ଡର ନିହତ
- ପରମାଣୁ ଆଲୋଚନାକୁ ଇରାନର ପ୍ରତ୍ୟାଖ୍ୟାନ
- ଚିନ୍ତା ପ୍ରକଟ କଲେ ବିଭିନ୍ନ ରାଷ୍ଟ୍ର

ୱାଶିଂଟନ,୨୨।୬: ଆମେରିକା ଏବେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇଛି । ଆମେରିକା ଇରାନ ବିରୋଧରେ ଅପରେସନ ମିଡ ନାଇଟ୍ ହାମର ଆରମ୍ଭ କରିଛି । ଏହି ଅପରେସନ୍‌ରେ ଆମେରିକା ଇରାନର ତିନୋଟି ପରମାଣୁ ସ୍ଥାନ ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ବିମାନ ଆକ୍ରମଣ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି । ଟ୍ରମ୍ପ୍ କହିଛନ୍ତି, ଏହି ଆକ୍ରମଣ ଦ୍ୱାରା ସେ ଆଶ୍ୱସ୍ତ ଅନୁଭବ କରୁଛନ୍ତି । ଟ୍ରମ୍ପ୍ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି, ଆମେ ଇରାନର ତିନୋଟି ପରମାଣୁ ସ୍ଥାନ, ଫୋର୍ଡୋ, ନାଟାଞ୍ଜ ଏବଂ ଏସଫାହାନ ଉପରେ ଆମର ସଫଳ ଆକ୍ରମଣ ସମାପ୍ତ କରିଛୁ । ସମସ୍ତ ବିମାନ ଏବେ ଇରାନ ଆକାଶ ସୀମା ବାହାରକୁ ଫେରି ଆସିଛନ୍ତି । ପ୍ରାଥମିକ ସ୍ଥାନ, ଫୋର୍ଡୋରେ ସମ୍ପୂର୍ଣ୍ଣ ବୋମା ପକାଯାଇଛି । ଭାରତୀୟ ସମୟ ଭୋର୍ ସାଢ଼େ ୪ଟାରେ ଏହି ଆକ୍ରମଣ କରାଯାଇଛି । ଆମେରିକୀୟ ସେନାର ପ୍ରଶଂସା କରି ଟ୍ରମ୍ପ୍ କହିଛନ୍ତି, ସମସ୍ତ ବିମାନ ସୁରକ୍ଷିତ ଭାବରେ ଘରକୁ ଫେରୁଛନ୍ତି । ଆମର ମହାନ ଆମେରିକୀୟ ଯୋଦ୍ଧାମାନଙ୍କୁ ଅଭିନନ୍ଦନ । ବିଶ୍ୱରେ ଅନ୍ୟ କୌଣସି ସେନା ଏହା କରିପାରି ନଥାନ୍ତା । ଏବେ ଶାନ୍ତିର ସମୟ ! ଏହି ପ୍ରସଙ୍ଗ ପ୍ରତି ଆପଣଙ୍କ ଧ୍ୟାନ ପାଇଁ ଧନ୍ୟବାଦ ।

ସୂଚନା ଅନୁଯାୟୀ, ଆମେରିକା ଇରାନ ଉପରେ ଆକ୍ରମଣ କରିବା ପାଇଁ ଏହାର ବି-୨ ଷ୍ଟିଲ ବୋମାବର୍ଷୀ ବିମାନ ବ୍ୟବହାର କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମିସୌରୀର ହ୍ୱାଇଟମ୍ୟାନ୍ ବାୟୁସେନା ଘାଟିରେ ବି-୨ ଷ୍ଟିଲ ବୋମାବର୍ଷୀ ବିମାନ ଉପସ୍ଥିତ ଥିଲା ଏବଂ ଇରାନ ଅଭିମୁଖେ ଉଡୁଥିଲା । ଏହା ପରେ, ଏହି ବିମାନଗୁଡ଼ିକୁ ଗୁଆମ୍ ଘାଟି ନିକଟରେ ଦେଖାଯାଇଥିଲା । ବି-୨ ଷ୍ଟିଲ ବୋମାବାହୀ ବିମାନଗୁଡ଼ିକ ଅର୍ଡନାନ୍ସ ପେନେଟ୍ରେଟର ବହନ କରିବାକୁ ସକ୍ଷମ, ଯାହା ଏକ ୩୦,୦୦୦ ପାଉଣ୍ଡ ବଙ୍କର ବଷ୍ଟର ବୋମା । ବି-୨ ବୋମାବାହୀ ବିମାନଗୁଡ଼ିକୁ ଇରାନରେ ପରମାଣୁ ସ୍ଥାନ ଉପରେ ଆକ୍ରମଣ କରିବାକୁ ସକ୍ଷମ ବୋଲି ବିବେଚନା କରାଯାଉଛି । ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶକୁ ସମ୍ବୋଧିତ କରିଛନ୍ତି । ଅପରପକ୍ଷରେ ଶନିବାର ରାତି ଓ ରବିବାର ସକାଳେ ଇସ୍ରାଏଲ ଓ ଇରାନ (୯ ପୃଷ୍ଠାରେ)

## ଟ୍ରମ୍ପଙ୍କୁ ନେତାନ୍ୟାହୁଙ୍କ ପ୍ରଶଂସା

ୱାଶିଂଟନ: ଇରାନର ୩ଟି ପରାମାଣୁ କେନ୍ଦ୍ରକୁ ଆମେରିକା ଧ୍ୱଂସ କରିଦେବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଶଂସା କରିଛନ୍ତି । ଟ୍ରମ୍ପଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି, ଇରାନର ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ (୯ ପୃଷ୍ଠାରେ)

### ଉତ୍ତେଜନା ହ୍ରାସ ପାଇଁ ଆହ୍ୱାନ

## ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦି



ନୂଆଦିଲ୍ଲୀ,୨୨।୬: ଆମେରିକାର ତେହେରାନ ଉପରେ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନ ରାଷ୍ଟ୍ରପତିଙ୍କୁ ଫୋନ୍ କରିଛନ୍ତି । ପରିସ୍ଥିତିକୁ ତୁରନ୍ତ ହ୍ରାସ କରିବା, ଆଲୋଚନା ଏବଂ କୂଟନୀତିକୁ ଆଗକୁ ବଢାଇବା ଏବଂ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତାର ଶୀଘ୍ର ପୁନଃସ୍ଥାପନ ପାଇଁ ଆମର ଆହ୍ୱାନକୁ ମୋଦି ଦୋହରାଇନ୍ତି । ଆମେରିକା ସେନା ଇରାନର ତିନୋଟି ପରମାଣୁ ସ୍ଥାନ ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ଆକ୍ରମଣ କରିବାର କିଛି ଘଣ୍ଟା ପରେ, ପ୍ରଧାନମନ୍ତ୍ରୀ ଇରାନର ରାଷ୍ଟ୍ରପତି ମାସୁଦ ପେଜେଶକିଆନଙ୍କୁ ଫୋନ୍ କରି ତୁରନ୍ତ ଉତ୍ତେଜନା ହ୍ରାସ କରିବାକୁ ଅନୁରୋଧ କରିଛନ୍ତି । ମୋଦୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଇରାନର ରାଷ୍ଟ୍ରପତିଙ୍କ ସହ କଥା ହେଲୁ । ଆମେ ବର୍ତ୍ତମାନର ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କଲୁ । ସାମ୍ପ୍ରତିକ ଉତ୍ତେଜନା ବୃଦ୍ଧି ପାଇଁ ଗଭୀର ଚିନ୍ତା ପ୍ରକାଶ କଲୁ । ତୁରନ୍ତ ଉତ୍ତେଜନା ହ୍ରାସ, ଆଲୋଚନା ଏବଂ କୂଟନୀତିକୁ ଆଗକୁ ବଢ଼ିବା ଏବଂ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତାର ଶୀଘ୍ର ପୁନରୁଦ୍ଧାର ପାଇଁ ଆମର ଆହ୍ୱାନକୁ ଦୋହରାଇଲୁ । ଆମେ ଶାନ୍ତି ଚାହୁଁଛୁ । ବିଶ୍ୱର ଅନେକ ନେତା ମଧ୍ୟ ଯୁଦ୍ଧ ପରିସ୍ଥିତି ଏଡାଇବା ପାଇଁ ଉଭୟ ଦେଶକୁ ଆହ୍ୱାନ ଦେଇଛନ୍ତି । ଯୁଦ୍ଧ ଜାରି ରହିଲେ ପରିସ୍ଥିତି ଅଧିକ ବିଗିଡି ଯିବ ବୋଲି ଉଭୟ ନେତା କହିଛନ୍ତି ।

## ସ୍ୱତନ୍ତ୍ର ସମୀକ୍ଷା ବୈଠକ

# ଶୃଙ୍ଖଳିତ ରଥଯାତ୍ରା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ




ପୁରୀ,୨୨।୬ (ସବ୍ୟୁ): ରବିବାର ପୂର୍ବାହ୍ନରେ ପୁରୀ ଟାଉନ ହଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ରଥଯାତ୍ରା ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି । ମୁଖ୍ୟମନ୍ତ୍ରୀ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଅଘଟଣ-ମୁକ୍ତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପୋଲିସ ନିୟୋଜନ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡିକୁ ସଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁ ମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗନେଇ ପାରିବେ ସେଥି ପ୍ରତି ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଜିଲ୍ଲାରେ ଡାଇରିଆ ପରିସ୍ଥିତି ଥିବା ଯୋଗୁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ । କୌଣସି (୯ ପୃଷ୍ଠାରେ)

## ନବୀନଙ୍କ ଅସ୍ତ୍ରୋପଚାର ସଫଳ

ଭୁବନେଶ୍ୱର,୨୨।୬ (ସବ୍ୟୁ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଅସ୍ତ୍ରୋପଚାର ସଫଳ ହୋଇଛି । ମୁମ୍ବାଇର କୋକିଲାବେନ୍ ଧିରୁବାଇ ଅମ୍ବାନୀ ହସ୍ପିଟାଲରେ ଶ୍ରୀ ପଟ୍ଟନାୟକଙ୍କର ସର୍ଭାଇକାଲ ଆର୍ଥ୍ରାଇଟିସ୍‌ର ଅସ୍ତ୍ରୋପଚାର କରାଯାଇଥିଲା । ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରାୟ ଦୁଇ ଘଣ୍ଟା ଧରି ଏହି ଅପରେସନ୍ ଚାଲିଥିଲା । ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ମଧ୍ୟ ସହାୟତା କରିଥିଲେ । ସ୍ପାଇନ୍ସ ବିଶେଷଜ୍ଞ ଡାକ୍ତର ରାଜ ଶେଖର ଅପରେସନ୍ କରିଥିଲେ ।

ଅପରେସନ୍ ପରେ ଡାକ୍ତର ପଣ୍ଡା କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦରୁ ଅପରେସନ୍ ସଫଳ ହୋଇଛି । ନବୀନ ବାବୁ ସୁସ୍ଥ ଅଛନ୍ତି । ୨ରୁ ୩ ଦିନ ଅବଜରବେସନ୍‌ରେ ରହିବେ ଏବଂ ୫ରୁ ୭ ଦିନ ମଧ୍ୟରେ ଡିସ୍‌ଚାର୍ଜ ହେବେ । ନବୀନ ପଟ୍ଟନାୟକଙ୍କ (୯ ପୃଷ୍ଠାରେ)

## ଅଦିନିଆ ବର୍ଷା: ଟୋକନ ସମସ୍ୟାରେ ଯୁଝୁଛି ଚାଷୀ



ସମ୍ବଲପୁର/ସୋନପୁର/ବରଗଡ଼,୨୨।୬ (ସବ୍ୟୁ): ସମ୍ବଲପୁରରେ ଚଳିତବର୍ଷ ରବିଋତୁ ଧାନ କିଣା ଆରମ୍ଭ ହୋଇଯାଇଛି । ଧାନ ଅମଳ ବେଳକୁ ଅଦିନିଆ ବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ସରକାର ଟାର୍ଗେଟ ଦେଇନଥିବା ବେଳେ ଚାଷୀ ମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ସେହିପରି ଟୋକନ ସମସ୍ୟାରେ ମଧ୍ୟ ଚାଷୀ ଯୁଝିବାକୁ ପଡିଛି । ତେଣୁ ବିଭିନ୍ନ ସମୟରେ ବାଧ୍ୟହୋଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଛି । ଏହାସତ୍ତ୍ୱେ କୌଣସି ସୁଫଳ ମିଳିନଥିବା ବେଳେ ଚାଷୀ ଅସନ୍ତୋଷ ଦେଖାଯାଉଛି । ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗତ ମେ ମାସ ଶେଷ ବେଳକୁ ପବନ ସହ ଭଲ ଅସରାଏ ବର୍ଷା ହୋଇଥିଲା । ଏଥିଯୋଗୁଁ ରବି(ଡାଲୁଅ)ଧାନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ଡାଲୁଅ ଧାନ ସଂଗ୍ରହ ବେଳେ ବର୍ଷା ଯୋଗୁଁ କ୍ଷେତ, ଖଳା ଓ ବଜାର ପ୍ରାଙ୍ଗଣ ଗୁଡିକରେ ଥିବା ଧାନ ଭିଜିଥିଲା । ଫଳରେ ଅନେକ ଧାନ ଗଜା ହେବା ଯୋଗୁଁ ସଠିକ୍ ମୂଲ୍ୟରେ ବିକ୍ରି ହୋଇ ପାରୁନାହିଁ । ସେହିପରି ଏଫ୍‌ଏକ୍ୟୁ ମାନ ଯାଞ୍ଚବେଳେ ଏହା କାଟ୍ ଖାଉଥିବା ବେଳେ ଚାଷୀ ବାଧ୍ୟ ହୋଇ ଅଣ୍ଡର ରେଟ୍‌ରେ ଧାନ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଅନ୍ୟପଟେ ରବି ଋତୁରେ ଧାନ ଅମଳ ହୋଇଥିଲେ ମଧ୍ୟ ସରକାର ଟାର୍ଗେଟ ଦେଇନଥିବାରୁ ଚାଷୀ ଅସନ୍ତୋଷ ଦେଖାଯାଇଥିଲା । ଗତ ଜୁନ୍ ୯ ଓ ୧୧ରେ ଚାଷୀ ମାନେ ଏହାକୁ ପ୍ରତିବାଦ କରି ଜାତୀୟ ରାଜପଥ ଅବରୋଧ କରିଥିଲେ । ଏଥିସହ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଘେରିଥିଲେ । ତେବେ ଧାନ ବିକ୍ରିବଟାରେ କୌଣସି ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଅନ୍ୟ ପକ୍ଷରେ ଓଡ଼ିଶା ଧାନ ମିଲରେ ଛତିଶଗଡ଼ ଧାନ ପ୍ରବେଶ କରୁଥିବାରୁ ଧାନ କିଣା ବ୍ୟବସ୍ଥାରେ ଜଟିଳତା ଆସିଛି । ବରଗଡ଼ ଜିଲ୍ଲା ଓ ଝାରସୁଗୁଡ଼ା (୯ ପୃଷ୍ଠାରେ)



ପ୍ରତିବର୍ଷ ଜୁନ୍ ୨୩ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ । ସୂଚନା ଅନୁସାରେ ୧୮୯୪ ମସିହା ଜୁନ୍ ୨୩ରେ ପ୍ରଥମଥର ପାଇଁ ଇଣ୍ଟରନ୍ୟାସନାଲ ଅଲିମ୍ପିକ କମିଟିର ଗଠନ କରାଯାଇଥିଲା । ତେଣୁ ଏହି ଦିନକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିନ ବିଭିନ୍ନ ସ୍ଥାନରେ ଅଲିମ୍ପିକ୍‌ରେ ଖେଳାଯାଉଥିବା ଖେଳର ଆୟୋଜନ କରାଯାଇଥାଏ । ଯାହା ସାହାଯ୍ୟରେ ଏହି ସମସ୍ତ ଖେଳ ବିଷୟରେ ଜନସାଧାରଣ ସଚେତନ ହୋଇ ପାରିବେ । ଏଥିରେ ବିଶେଷ ଭାବେ ଏକ ଅଲମ୍ପିକ ରନ୍‌ର ଆୟୋଜନ କରାଯାଇଥାଏ । ଯେଉଁଥିରେ ଅନେକ ଲୋକ ସାମୂହିକଭାବେ ଭାଗ ନେଇଥାଆନ୍ତି । ଇଣ୍ଟରନ୍ୟାସନାଲ ଅଲିମ୍ପିକ କମିଟି ଗଠନର ଗୋଟିଏ ଉଦ୍ଦେଶ୍ୟଥିଲା ଯାହା ଲୋକଙ୍କୁ ବିଭିନ୍ନ ପ୍ରକାର ଅଲିମ୍ପିକ ଖେଳ ସମ୍ବନ୍ଧରେ ଜଣାଇବା । ପ୍ରତିବର୍ଷ ଏହି ଦିବସ ପାଇଁ ବିଭିନ୍ନ ପ୍ରକାରର ଥିମ୍‌ର ଆୟୋଜନ କରାଯାଇଥାଏ, ଯାହାକୁ ମାନି ଏହି ଦିବସ ପାଳନ ହୋଇଥାଏ ।




## ଇତିହାସ

**ସଂଯୁକ୍ତ ରାଷ୍ଟ୍ର ଲୋକସେବା ଦିବସ**

୧୮୧୦– ବମ୍ବେ ଡନକନ୍ ଡକ୍‌ର ନିର୍ମାଣ ଶେଷ ।

୧୯୧୨– ଇଂରେଜୀ ଗଣିତଜ୍ଞ ତଥା କମ୍ପ୍ୟୁଟର ବୈଜ୍ଞାନିକ ଏଲେନ ଟ୍ୟୁରିଂଙ୍କ ଜନ୍ମ ।

୧୯୫୩– କାଶ୍ମୀରର ଏକ ହସ୍ପିଟାଲରେ ଶେଷନିଃଶ୍ୱାସ ତ୍ୟାଗକଲେ ଭାରତୀୟ ଜନସଂଘ ସଂସ୍ଥାପକ ଶ୍ୟାମା ପ୍ରସାଦ ମୁଖାର୍ଜୀ ।

୧୯୮୦– ସ୍ୱାଧୀନ ଭାରତର ଚତୁର୍ଥ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ପରଲୋକ ।

୧୯୮୦– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ କନିଷ୍ଠ ପୁତ୍ର ସଞ୍ଜୟ ଗାନ୍ଧିଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ।


୧୯୮୫– ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଆୟରର୍ଲାଣ୍ଡ ଆକାଶରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୩୨୯ ଯାତ୍ରୀଙ୍କ ମୃତ୍ୟୁ ।

୧୯୯୪– ପରମାଣୁ କାର୍ଯ୍ୟକ୍ରମରେ ରୋକ୍ ଲଗାଇବାକୁ ଘୋଷଣା କଲା ଉତ୍ତର କୋରିଆ ।

୨୦୦୮– ମେକ୍ସିକୋର ଟାୟାର କମ୍ପାନୀ ଟୋର୍ନେଲକୁ ୨୭୦ କୋଟି ଡଲାରରେ ଅଧିଗ୍ରହଣ କଲା ଭାରତର ପ୍ରସିଦ୍ଧ ଟାୟାର କମ୍ପାନୀ ଜେକେ ଟାୟାର ଇଣ୍ଡିଆ ।

୨୦୧୩– ଆମେରିକାର ଗ୍ରାଣ୍ଡ କେନିୟାନ ପାହାଡ଼କୁ ରଶିରେ ଚଢ଼ି ପାର୍ କରିବାର ରେକର୍ଡ଼ କଲେ ନିକ ବାଲେଣ୍ଡା ।

୨୦୧୪– ବିଶ୍ୱ ଐତିହ୍ୟ ସୂଚୀରେ ସାମିଲ ହେଲା ଗୁଜରାଟର 'ରାନୀ କି ବାବ' ଓ ହିମାଚଳର 'ଗ୍ରେଟ୍ ହିମାଳୟନ ନେଶନାଲ ପାର୍କ' ।




## ଡିଜାଇନ୍ ପାଇଁ ସମାଲୋଚନା

ପ୍ରାଡା କମ୍ପାନୀ ସବୁବେଳେ ନିଜର ଡିଜାଇନ୍ ପାଇଁ ପ୍ରଶଂସିତ ହୋଇଥାଏ, ହେଲେ ନିକଟରେ ଏକ ଡିଜାଇନ୍ ପାଇଁ କମ୍ପାନୀ ଖୁବ ଟ୍ରୋଲିଂର ଶିକାର ହୋଇଛି । ସୋସିଆଲ ମିଡିଆରେ ବ୍ୟାଗ୍‌ଟିର ଫଟୋ ଭାଇରାଲ ହେବା ସହିତ ୟୁଜର୍ସ ଏହାର ମଜାକ ଉଡାଇବାରେ ଲାଗିଛନ୍ତି । ବ୍ୟାଗ୍‌ର ଡିଜାଇନ୍‌କୁ ଟ୍ରେନ୍‌ର ବାଥ୍‌ରୁମ୍ ସହିତ ତୁଳନା କରାଯାଇଛି । ଟ୍ରେନ୍ ବାଥ୍‌ରୁମ୍‌ରେ ଯେଉଁଭଳି ଡିଜାଇନ୍ ହୋଇଥାଏ ତାହାକୁ ପ୍ରାଡା କପି କରିଛି ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି । ସେହିଭଳି ବ୍ୟାଗ୍‌ର ଦାମକୁ ନେଇ ମଧ୍ୟ ଅନେକ ଚର୍ଚ୍ଚା ହେଉଛି । ବ୍ୟାଗ୍‌ଟିର ଦାମ ରହିଛି ୨ ଲକ୍ଷ ୭୨ ହଜାର ୩୬୨ ଟଙ୍କା । ତେବେ ଏହି ଚର୍ଚ୍ଚା ଉପରେ କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।

## ଆଳୁ ପରିବା ଟୋଷ୍ଟ

**ସାମଗ୍ରୀ–** ଆଳୁ, କ୍ୟାପ୍‌ସିକମ୍, କଞ୍ଚାଲଙ୍କା, ଟମାଟୋ, ଅଦା, ହଳଦୀ ଗୁଣ୍ଡ, ଲେମ୍ବୁ ରସ, ଧନିଆ ପତ୍ର, ଜୀରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଘିଅ, ଲୁଣ ।

**ପ୍ରଣାଳି–** ପ୍ରଥମେ ଆଳୁକୁ ଭଲ କରି ଚୋପା ଛଡାଇ ବଡ ବଡ ସ୍ଲାଇସ୍‌ରେ କାଟି ନିଅନ୍ତୁ । ଏହାପରେ ଏହି ବଡ ମୋଟା ଆଳୁକୁ ଅଳ୍ପ ସିଝାଇ ନିଅନ୍ତୁ । ଆଳୁ ସିଝିବାପରେ ଏକ ତାୱାରେ ଘିଅ ଗରମ କରନ୍ତୁ ଏଥିରେ ସିଝା ସ୍ଲାଇସ୍ ଆଳୁକୁ ଭାଜି ନିଅନ୍ତୁ । ଏହାକୁ ଭଲକରି କ୍ରିସ୍ପ ହେବା ଯାଏ ଭାଜନ୍ତୁ । ଆଉ ଏକ ପାତ୍ରରେ କିଛି ସିଝା ଆଳୁକୁ ଭଲ କରି ଚକଟି ନିଅନ୍ତୁ । ଏଠିରେ କଟା ଟମାଟୋ, କ୍ୟାପସିକମ୍, ଲଙ୍କା ଓ ଅଦା ପକାଇ ଗୋଳାନ୍ତୁ । ଏଥିରେ ଗୁଣ୍ଡ ମସଲା, ଲୁଣ ଓ ଲେମ୍ବୁ ରସ ମିଶାନ୍ତୁ । ଏହାପରେ ବଡ ବଡ ସ୍ଲାଇସ୍‌ରେ କଟା ହୋଇଥିବା ଆଳୁ ଖଣ୍ଡରେ ସିଝା ଆଳୁର ମିଶ୍ରଣ ଲଗାଇ ଏହାକୁ ପୂନର୍ବାର ଘିଅରେ ଭାଜି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଭେଜି କ୍ରଞ୍ଚି ଆଳୁ ଟୋଷ୍ଟ ।



## ସୋସିଆଲ କୋଟ୍ସ



"ଆମ ଭଗବାନ ହେଲେ ଆମର ସତ ସୁପର ହିରୋ । ଫିଲ୍ମ ଆଦିପୁରୁଷ ମାଧ୍ୟମରେ ନୂଆ ଜେନେରେସନ୍‌କୁ ବୁଝାଇବା ପାଇଁ ମର୍ଡର୍ଣ୍ଣ ଲୁକ ଦେବାକୁ ଚେଷ୍ଟା କରାଯାଇଥିଲା । ଅନ୍ୟ କୌଣସି ଉଦ୍ଦେଶ୍ୟ ନଥିଲା ।

ସିଦ୍ଧାନ୍ତ କାର୍ତ୍ତିକ, ଅଭିନେତା

"ଗଦରର ମେ ନିକଲା ଗଡ୍ଡି ଲେକେ ଗୀତକୁ ଲୋକଗୀତ ଭାବେ ଦେଶର ବିଭିନ୍ନ ଅଂଶରେ ଗାନ କରାଯାଏ । ଏହା ପ୍ରଥମ ଫିଲ୍ମ ସଙ୍ଗୀତ ଯିଏ ଲୋକଗୀତରେ ପରିଣତ ହୋଇଥିଲା ।

ଅନିଲ ଶର୍ମା, ଫିଲ୍ମ ମେକର






"ସ୍କାଏ ଡାଇଭିଂ କରିବା ପାଇଁ ମୋତେ ଖୁବ ଡର ଲାଗିଥାଏ । ଏପରିକି ସ୍କାଏ ଡାଇଭିଂ କରିବାକୁ ମୁଁ ମୋ ପିଲାଙ୍କୁ ମଧ୍ୟ କେବେ ବି ଅନୁମତି ଦେଇ ନାହିଁ ।

ଅମିତାଭ ବଚ୍ଚନ, ଅଭିନେତା

## ଘର ଭଡାକୁ ନେଇ ଚର୍ଚ୍ଚାରେ

ବଲିଉଡ ଅଭିନେତା ଆର୍ ମାଧବନ ନିକଟରେ ନିଜର ଘର ଭଡାକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ଚର୍ଚ୍ଚା ଅନୁସାରେ ବର୍ତ୍ତମାନ ସେ ଘରେ ବସି ସେ ଦୁଇ ବର୍ଷରେ ୧.୬୦ କୋଟି ଟଙ୍କା ଆମଦାନୀ କରିବେ । ସୂଚନା ଅନୁସାରେ ମାଧବନ ନିଜର ଲଗ୍‌ଜୁରୀ ଆପାର୍ଟମେଣ୍ଟକୁ ଭଡାରେ ଦେଇଛନ୍ତି ଆର୍ ମାଧବନ ଯାହାର ଭଡା ସ୍ୱରୂପ ସେ ଏତେ ଟଙ୍କା ଆମଦାନୀ କରିବେ ବୋଲି ଜଣା ପଡ଼ିଛି । ସେହିଭଳି ଏହି ଘର ବାବଦକୁ ୩୯ ଲକ୍ଷର ସିକୁରିଟି ଆମାଉଣ୍ଟ ମଧ୍ୟ ତାଙ୍କୁ ମିଳିସାରିଛି । ଘରର ଲିଜ୍ ୨୦୨୫ରୁ ଆରମ୍ଭ ହୋଇ ୨୦୨୭ରେ ସରିବ ବୋଲି ସୂଚନା ରହିଛି ।



## ଅଭିଭାବକଙ୍କ ଝଗଡାର ନକାରାତ୍ମକ ପ୍ରଭାବ

ଅନେକ ସମୟରେ ପରିବାରରେ ଦେଖିବାକୁମିଳେ ବାପା ମାଆମାନେ ପିଲାଙ୍କ ଆଗରେ ଝଗଡା କରିଥାଆନ୍ତି, ହେଲେ ଏହାର ଖୁବ ଖରାପ ପ୍ରଭାବ ସେମାନଙ୍କ ଉପରେ ପଡିଥାଏ ବୋଲି ବିଭିନ୍ନ



ଗବେଷଣାରୁ ଜଣା ପଡିଛି । ପିଲାମାନେ ସବୁବେଳେ ବାପା ମାଆଙ୍କ ପାଖରୁ ହିଁ ଦୁନିଆ ବିଷୟରେ ଜାଣନ୍ତି । ସେମାନେ ସମ୍ପର୍କର ମାନେ ସେମାନଙ୍କ ପାଖରୁ ହିଁ ବୁଝିଥାଆନ୍ତି ବୋଲି ଏହି ରିପୋର୍ଟ ସବୁରେ ଦର୍ଶାଯାଇଥାଏ । ତେଣୁ ବାପା ମାଆଙ୍କ ମଧ୍ୟରେ ବାରମ୍ବାର ଝଗଡା ହେବା ଫଳରେ ସେମାନଙ୍କର ମେଣ୍ଟାଲ ଓ ଇମୋସନାଲ ହେଲ୍‌ଥ ନଷ୍ଟ ହୋଇଥାଏ ବୋଲି ଦର୍ଶାଯାଇଛି । ଏଭଳି ମାହୋଲ ଘରେ ରହିବା ଫଳରେ ସେମାନେ ସବୁବେଳେ ନିଜକୁ ଅସୁରକ୍ଷିତ ଭାବିଥାଆନ୍ତି । ବାପା ମାଆଙ୍କ ଠାରୁ ସେମାନେ ଦୂରେଇ ଯାଇଥାଆନ୍ତି । ଭଲ ପାଇବା ଉପରେ ସେମାନଙ୍କର ବିଶ୍ୱାସ ରହି ନଥାଏ । ଧୀରେଧୀରେ ସେମାନେ ବି ଚିଡ଼୍‌ଚିଡା ଓ ରାଗ ସ୍ୱଭାବର ହୋଇ ଯାଆନ୍ତି । ସେହିଭଳି ଯଦି ଘରର ପରିସ୍ଥିତି ନ ବଦଳେ ତେବେ ସେମାନଙ୍କ ଭିତରେ ଆତ୍ମ ବିଶ୍ୱାସ ମଧ୍ୟ କମିବାରେ ଲାଗିଥାଏ । ସେମାନେ ଅନେକ କଥା ବାପା ମାଆଙ୍କ ସହିତ ସେୟାର କରି ପାରନ୍ତି ନାହିଁ, ଯାହା ସେମାନଙ୍କ ଜୀବନରେ ବିଭିନ୍ନ ସମସ୍ୟା ତିଆରି କରିଥାଏ । ବିଭିନ୍ନ ଗବେଷଣାରେ ମିଳିଥିବା ତଥ୍ୟ ଅନୁସାରେ ବାପା ମାଆଙ୍କର ନିଜ ନିଜ ଭିତର ଝଗଡା କାରଣରୁ ପିଲାଙ୍କ ନିକଟରେ ଆଙ୍ଗଜାଇଟି, ଡିପ୍ରେସନ ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ତେଣୁ ସବୁବେଳେ ପିଲାଙ୍କ ଆଗରେ ବାପା ମାଆଙ୍କୁ ଭଲ ମନରେ ରହିବାର ଆବଶ୍ୟକତା ରହିଛି । ସେମାନଙ୍କ ଆଗରେ ଝଗଡା ନକରି ମିଳିମିଶି ରହିଲେ ସେମାନଙ୍କ ପାଇଁ ଏକ ଭଲ ଉଦାହରଣ ସୃଷ୍ଟି ହେବ ।

## ସୌରଶକ୍ତିରୁ ପ୍ରସ୍ତୁତ ଇନ୍ଧନ

ସୌର ଶକ୍ତିକୁ ବ୍ୟବହାର କରି ବର୍ତ୍ତମାନ ବିଭିନ୍ନ କାର୍ଯ୍ୟ କରାଯାଉଛି । ଏହାକୁ ଆମର ବିଭିନ୍ନ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରାଯାଉଛି । ତେବେ ଏହାକୁ ବିଶେଷକରି ଇନ୍ଧନ ପ୍ରସ୍ତୁତ ପାଇଁ ବ୍ୟବହାର କରିବାକୁ ଗବେଷକମାନେ ଚେଷ୍ଟା ଜାରି ରଖିଛନ୍ତି । କେମ୍ବ୍ରିଜ ୟୁନିଭର୍ସିଟିର କିଛି ଗବେଷକ ବର୍ତ୍ତମାନ ସୋଲାର ଏନର୍ଜିରୁ ଏକ ଲିକ୍ୟୁଇଡ୍ ଫୁଏଲ୍ ପ୍ରସ୍ତୁତ କରିଛନ୍ତି, ଯାହାକୁ ସିଧାସଳଖ ଗାଡି ଗୁଡିକରେ ବ୍ୟବହାର କରିହେବ । ଏହି ପ୍ରକ୍ରିୟାରେ ସୌର ଶକ୍ତିକୁ ବ୍ୟବହାର କରି ଏଥିରେଥିବା କାର୍ବୋନ ଡାଇଅକ୍ସାଇଡ୍ ଓ ଜଳକୁ ଲିକ୍ୟୁଇଡ ଫୁଏଲରେ ପରିବର୍ତ୍ତନ କରାଯାଉଛି । ଏଥିରେ ଗବେଷକମାନେ ଆଲୋକ ସଂଶ୍ଳେଷଣ ପ୍ରକିୟାକୁ ବ୍ୟବହାର କରି ମଲ୍ଟି କାର୍ବୋନ ଫୁଏଲ୍ ଯେପରି ଇଥାନୋଲ ଓ ପ୍ରୋପାନୋଲ ପ୍ରସ୍ତୁତ କରାଯାଉଛି । ଏହି ଫୁଏଲର ହାଇ ଏନର୍ଜି ଡେନସିଟି ଥିବାରୁ ଏହାକୁ ଷ୍ଟୋର ଏବଂ ନେବାଆଣିବା କରିବା ସହଜ ହୋଇଥାଏ । ପ୍ରଥମେ ଏକ ମନୁଷ୍ୟକୃତ ପତ୍ର ଉପରେ ସୂର୍ଯ୍ୟକିରଣ ପକାଯାଇ ଏହି ପ୍ରକ୍ରିୟାକୁ ଆରମ୍ଭ କରାଯାଇଥାଏ । ସାଧାରଣତଃ କାର୍ବୋନଡାଇଅକ୍ସାଇଡ୍‌କୁ ରୁପାନ୍ତର କରିବା ସମୟରେ କାର୍ବୋନ ମନୋଅକ୍ସାଇଡ୍ ମିଳିଥାଏ, ହେଲେ ଏଠାରେ ଗବେଷକମାନେ ଏକ ଲିକ୍ୟୁଇଡ ଫୁଏଲ ପ୍ରସ୍ତୁତ କରିବାରେ ସମର୍ଥ ହୋଇପାରିଛନ୍ତି । ସେହିଭଳି ଏହି ଫୁଏଲ୍ ଜିରୋ କାର୍ବୋନ ଏମିସନ୍ ହେବାସହ ନବୀକରଣ ଯୋଗ୍ୟ ବୋଲି ବୈଜ୍ଞାନିକ ସୂଚନା ଦେଇଛନ୍ତି । ଏହା ମାର୍କେଟକୁ ଆସିଲେ ଅନେକ ପ୍ରକାରର ଲାଭ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି ।




## ପଦାର୍ପଣ ପାଇଁ କରିଥିଲେ ବର୍ଷେ ଅପେକ୍ଷା

ବଲିଉଡ ଅଭିନେତ୍ରୀ ଡାଏନା ପେଣ୍ଟି ଫିଲ୍ମ କକ୍‌ଟେଲ୍‌ରେ ବଲିଉଡ ଡେବ୍ୟୁ କରିଥିଲେ । ତେବେ ସମସ୍ତଙ୍କ ଜାଣିବାରେ ଏହା ତାଙ୍କର ଡେବ୍ୟୁ ଫିଲ୍ମ ହେଲେ ଏହା ପୂର୍ବରୁ ମଧ୍ୟ ଡାଏନାଙ୍କୁ ଏକ ଫିଲ୍ମ ପାଇଁ ଫାଇନାଲ କରାଯାଇଥିଲା । ହେଲେ କିଛି କାରଣ ବଶତଃ ଡାଏନାଙ୍କୁ ଏହି ଫିଲ୍ମରୁ ବାହାର କରିଦିଆଯାଇଥିଲା । ପ୍ରଥମେ ତାଙ୍କୁ ଇମ୍‌ତିଆଜ ଅଲ୍ଲୀଙ୍କର ଫିଲ୍ମ ରକଷ୍ଟାର୍ ପାଇଁ ତାଙ୍କୁ ଅଫର ମିଳିଥିଲା । ସେ ସମୟରେ ସେ ନ୍ୟୁୟର୍କରେ ମଡେଲିଂ କରୁଥିଲେ । ହେଲେ ପରେ ଇମ୍‌ତିଆଜ ତାଙ୍କୁ ଏହି ରୋଲ ଦେବା ପାଇଁ ମନା କରିଥିଲେ, କାରଣ ଡାଏନା ସେହି ସମୟରେ ଏଥିପାଇଁ ପ୍ରସ୍ତୁତ ହୋଇନଥିଲେ । ଇମ୍‌ତିଆଜ ତାଙ୍କର ପ୍ରଶଂସା କରିଥିଲେ ହେଲେ ସେହି ସମୟରେ ସେ ଅଭିନୟ ପାଇଁ ପ୍ରସ୍ତୁତ ହୋଇ ନଥିଲେ ବୋଲି ଡାଏନାଙ୍କୁ ବୁଝାଇଥିଲେ । ଏହାକୁ ଡାଏନା ମଧ୍ୟ ଖୁବ ସକରାତ୍ମକ ସହକାରେ ନେଇଥିଲେ । ଏହାର ଏକ ବର୍ଷ ପରେ କକ୍‌ଟେଲ ଫିଲ୍ମରେ ସେ ବି ଟାଉନ୍ ଡେବ୍ୟୁ କରିଥିଲେ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀକ୍ଷେତ୍ର ଗୁଣ୍ଡିଚା ମନ୍ଦିର ଠାରେ ହେଉଥିବା ଉନ୍ନତିମୂଳକ ତଥା ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ବୁଲି ଦେଖୁଛନ୍ତି





ବ୍ରହ୍ମଗିରି ପ୍ରଭୁ ଅଲାରନାଥ ମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ଅସ୍ପଷ୍ଟ ଶ୍ରୀଜଗନ୍ନାଥ ବନପ୍ରକଳ୍ପର ସ୍ଥିତି

## କାଠ ସମସ୍ୟା ଦୂର ପାଇଁ ଉଦ୍ୟମ ନହେଲେ ଉପୁଜିପାରେ ସମସ୍ୟା : ଗଜପତି

ପୁରୀ (ସବ୍ୟୁ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆବଶ୍ୟକ କାଠ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ଏବେ ଠାରୁ ଉଦ୍ୟମ ନ କଲେ ସମସ୍ୟା ଉପୁଜିପାରେ ବୋଲି ଏହା କହିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ । ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର କଣ ସ୍ଥିତି ରହିଛି ସେ ନେଇ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଏଯାଏଁ ଜଙ୍ଗଲ ଓ ପରିବେଶ ବିଭାଗ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିନାହିଁ। ପୂର୍ବରୁ ପର୍ଯ୍ୟାପ୍ତ ଜଙ୍ଗଲ ଥିଲା ଓ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ କାଠର ସମସ୍ୟା ନଥିଲା ।ରଥଯାତ୍ରାରେ କାଠ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ବ୍ୟବହାର କରାଯାଇପାରିବ ନାହିଁ।ତେଣୁ ରଥ କାଠ ଅଭାବକୁ ପୂରଣ କରିବା ପାଇଁ ଏବେ ଠାରୁ ରାଜ୍ୟ ସରକାର ତତ୍ପର ହେବା ଆବଶ୍ୟକ ବୋଲି କହିଛନ୍ତି ଗଜପତି ମହାରାଜା । ଆଜି ରାଜପ୍ରସାଦ ବିଜେ ନୀତି ପରେ ଶ୍ରୀନହର ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ଏହା କହିଛନ୍ତି ।

ସେହିପରି ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସରିବା ପାଇଁ ନୀତି କାନ୍ତି ସମ୍ପାଦାନ ଉପରେ ଗୁରୁତ୍ୱ ଦିଆଯାଇଛି । ମହାପ୍ରଭୁଙ୍କ ଅଣସର ନୀତି ଠିକ୍ ଭାବେ ସରିଛି ।ଅଣସର ତ୍ରୟୋଦଶୀ ଠାରୁ ନବଯୌବନ ଦର୍ଶନ ଓ ରଥଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତି କାନ୍ତି ସୁରୁଖୁରୁରେ ସାରିବା ପାଇଁ ସେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରି ଏହି ପରାମର୍ଶ ଦେଇଛନ୍ତି ।ଚଳିତ ବର୍ଷ ଗୋଟିଏ ଦିନରେ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ଗୋଟିଏ ଦିନରେ ପଡୁଥିବାରୁ ଠିକ୍ ବାହ୍ନେ ନୀତି ସରି କିଭଳି ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ସେ ଆଲୋଚନା କରିଛନ୍ତି ।ଗତବର୍ଷ ଆଡ଼ପ ମଣ୍ଡପ ପହଣ୍ଡି ସମୟରେ ପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାକୁ ନେଇ ଗଠିତ କମିଟି ନିଷ୍ପତି ଆଧାରରେ ଚାରମାଳ ଲମ୍ବା ବୃଦ୍ଧି କରାଯାଇଛି ।ରଥ ଉପରକୁ ମୋବାଇଲ ଫୋନ୍ ନେବା ଉପରେ ସଂପୂର୍ଣ୍ଣ କଟକଣା ଜାରୀ କରାଯାଇଛି ।ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇଛି । ଗୁଣ୍ଡିଚା ମନ୍ଦିର ଭିତର ଓ ପଛ ପଟ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରଥଯାତ୍ରା ପରେ ଏକ ଦୀର୍ଘ ମିଆଦି ଯୋଜନା କରାଯିବ ବୋଲି ଗଜପତି କହିଛନ୍ତି ।

### ଜୁନ୍ ୩୦ରୁ ଦଶମ ସପ୍ଲିମେଣ୍ଟାରୀ

## ୯୮ କେନ୍ଦ୍ରରେ ପରୀକ୍ଷା ଦେବେ ୩୨୩୨ ପରୀକ୍ଷାର୍ଥୀ

କଟକ,(ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ଜୁନ୍ ୩୦ ତାରିଖରୁ ଆରମ୍ଭ ହେବ। ୩୨୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିବାବେଳେ ସେମାନଙ୍କ ନିମନ୍ତେ ୯୮ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଚଳିତ ବାର୍ଷିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଏବଂ ପରୀକ୍ଷା ଦେଇପାରିନଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ନିମନ୍ତେ ୧୦୩ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି। ପ୍ରାୟ ୧୦ ହଜାର ୮୦୯ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା ଦେବେ। ଉଭୟ ପରୀକ୍ଷା ପାଇଁ ବୋର୍ଡ ୱେବସାଇଟ୍‌ରେ ପ୍ରବେଶ ପତ୍ର ଉପଲବ୍ଧ ଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

### ଡିଜେ ବାଦକଙ୍କ ସୋସିଆଲ୍ ମିଡିଆ ପୋଷ୍ଟ

## ନୂଆ ଜୀବନ ସାଥୀ ସହ ସୁଖରେ ରୁହ

ଭୁବନେଶ୍ୱର, (ସବ୍ୟୁ) : ନୂଆ ଜୀବନ ସାଥୀ ସହ ସୁଖରେ ରୁହ ବୋଲି ପ୍ରେମିକାକୁ ଏକ ଚିଠି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ପରେ ଡିଜେ ବାଦକ ସୋମନାଥ ବରଗଛରେ ଆତ୍ମହତ୍ୟା କରିଛନ୍ତି । ଏୟାରଫିଲ୍ଡ ଥାନା ଅଞ୍ଚଳରେ ଡିଜେ ବାଦକଙ୍କ ଘର ହୋଇଥିବାରୁ ସେ ତାଙ୍କ ଘର ପଛପାଖ ବରଗଛରେ ମା'ଙ୍କ ଓଢଣୀ ସହାୟତାରେ ଆତ୍ମହତ୍ୟା କରିଥିବା ଖବର ପାଇ ପୋଲିସ ପହଞ୍ଚି ଶବ ଜବତ କରିବା ସହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ପ୍ରେମରେ ବିଫଳ ହେବା ପରେ ସେ ହତୋତ୍ସାହ ହୋଇ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ରେ ପ୍ରେମିକାଙ୍କ ଉଦ୍ଦେଶ୍ୟରେ ମନର କଥାକୁ ଷ୍ଟୋରୀ ଆକାରରେ ଅପ୍‌ଲୋଡ୍ କରି ଆତ୍ମହତ୍ୟା କରିଛନ୍ତି ।

ସବୁଦିନ ପାଇଁ ମୁଁ ଦୁନିଆ ଛାଡି ଚାଲିଯାଉଛି, ଲେଖିବା ସହ ପ୍ରେମିକାର ଫଟୋକୁ ପୋଷ୍ଟ କରି ତା'ତଳେ "ଆଇ ମିସ୍‌ୟୁ' ବୋଲି ଲେଖିଛନ୍ତି । ଡିଜେ ବାଦକ ତାଙ୍କ ଘର ପାଖରେ ଜଣେ ଯୁବତୀଙ୍କୁ ଦୀର୍ଘଦିନ ହେବ ପ୍ରେମ କରୁଥିଲେ । ସେ ତାଙ୍କୁ ପ୍ରତାରଣା କରିବାରୁ ମାନସିକ ଭାରସାମ୍ୟ ହରାଇ ବରଗଛରେ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା କରିବା ପୂର୍ବରୁ ସୋସିଆଲ୍ ମିଡିଆରେ ସେ ତାଙ୍କ ମନର କଥାକୁ ପ୍ରେମିକା ଉଦ୍ଦେଶ୍ୟରେ ଅପ୍‌ଲୋଡ୍ କରିବାକୁ ନେଇ ସେହି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

## ହସ୍ପିଟାଲରେ ଭୁଲ ଇଞ୍ଜେକ୍ସନ୍ ଯୋଗୁଁ ରୋଗୀ ମୃତ

ପୁରୀ (ସବ୍ୟୁ): ରବିବାର ସକାଳେ ପୁରୀ କୁମ୍ଭାରପଡା ଥାନା ନିକଟ ଘରୋଇ ଶ୍ୟାମାଶ୍ରୀ ହସ୍ପିଟାଲରେ ଅଭାବନୀୟ ଘଟଣା ଘଟିଛି । ଚିକିତ୍ସା ଅବହେଳା ଏବଂ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ମହିଳା ରୋଗୀଙ୍କ ଜୀବନ ଚାଲିଯାଇଛି । ମୃତ ମହିଳା ଜଣଙ୍କ ହେଉଛନ୍ତି ପୁରୀ ସଦର ଥାନା ଅନ୍ତର୍ଗତ ଚାରିନଳା ଗ୍ରାମର ପୂଜାରାଣୀ ଦଳେଇ। ତେବେ ରୋଗୀ ମୃତ୍ୟୁ ଘଟଣାକୁ ନେଇ ପରିବାର ସଦସ୍ୟ ଏବଂ ସମ୍ପର୍କୀୟ ମାନେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରି ଥିଲେ । ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଦୀର୍ଘ ସମୟ ଧରି ରାସ୍ତା ଉପରେ ଟାୟାର ଜାଳି ମୃତକଙ୍କ ପରିବାର ଲୋକେ ଧାରଣରେ ବସିଥିଲେ। ଖବର ପାଇ ପୁରୀ ଜିଲ୍ଲାପାଳ, ଏସ୍ପି, ଡିଜିପି, ଲୋକସଭା ସାଂସଦ ପହଞ୍ଚି ମୃତକଙ୍କ ପରିବାର ଲୋକକୁ ବୁଝାସୁଝା କରିବା ପରିସ୍ଥିତି ଶାନ୍ତ ପଡିଥିଲା । ଚିକିତ୍ସା ଅବହେଳା ଓ ଭୁଲ ଇଞ୍ଜେକ୍ସନ ନେଇ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିବା ପରେ ସିଡ଼ିଏମଓଙ୍କ ଅଦ୍ଧକ୍ଷତାରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଚିକିତ୍ସା ଅବହେଳା ନେଇ ପ୍ରମାଣିତ ହେଲେ ସମ୍ପୃକ୍ତ ହସ୍ପିଟାଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

DSPL-136



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଯୁବ ଶକ୍ତି ସମାବେଶ

ଓଡ଼ିଶା ପ୍ରଗତିର ସାରଥି, ଆମ ଯୁବଶକ୍ତି

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ

୨୩ ଜୁନ୍ ୨୦୨୫ | ଆସ୍କା କଲେଜ ଗ୍ରାଉଣ୍ଡ, ଗଞ୍ଜାମ

କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର

OIPR: 29001/13/0093/2526

# ପ୍ରତି ବର୍ଷ ପରି ଏଥର ବି ସୋଲଫୁଲରେ ଝଲସିବ ୩ ରଥ

## ପ୍ରଭୁଙ୍କ ଆଶୀର୍ବାଦରୁ ଚାଲିଛି ୨୫ବର୍ଷର ସେବା



ଖୋର୍ଦ୍ଧା, (ଲଳିତ ମୋହନ ମହାପାତ୍ର): ବିଶ୍ୱପ୍ରସିଦ୍ଧ ପବିତ୍ର ଘୋଷଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଭଗବାନ ଓ ଭକ୍ତ ମିଳନକୁ ଉତ୍କଣ୍ଠାର ସହିତ କୋଟି କୋଟି ଭକ୍ତ ଚାହିଁ ବସିଛନ୍ତି।ବିଶ୍ୱାସ ରହିଛି ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଚଳନ୍ତି ପ୍ରତିମା। ଘୋଷଯାତ୍ରାରେ ଭକ୍ତଙ୍କ ଗହଣକୁ କୋଳାହଳ କରି ଆସୁଥିବା ବେଳେ ସେ ହେଉଛନ୍ତି ସମନ୍ୱୟର ଦେବତା । ତାଙ୍କ ନିକଟରେ ଜାତି, ଧର୍ମ ଛୁଆଁ ଅଛୁଆଁ ଭେଦଭାବ ନଥାଏ। ଘୋଷଯାତ୍ରାକୁ ଆଖି ଆଗରେ ରଖି ଅକ୍ଷୟ ତୃତୀୟା ଠାରୁ ରଥଖଳା ଚଳଚଂଚଳ ହେବାରେ ଲାଗିଛି। ପ୍ରତ୍ୟେକ ଭକ୍ତର ମନରେ ଥାଏ ଜଗନ୍ନାଥ ସେବାର ସୁଯୋଗ ପାଇଲେ ନିଜ ଜୀବନ ସାର୍ଥକ ହୋଇଥାଏ। ଯାହାକୁ ହୃଦୟର ସହିତ ବେଶ ଅନୁଭବ କରିଥିଲେ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ଗ୍ରାମ ଭୋଇ ସାହିର ରାଜ କିଶୋର ନାୟକ ଏବଂ ତାଙ୍କ ପରିବାର।ତେଣୁ ଗତ ୨୫ବର୍ଷ ହେବ ସୋଲଫୁଲ ପ୍ରସ୍ତୁତ କରି ଶ୍ରୀ କ୍ଷେତ୍ରର ନନ୍ଦିଘୋଷ,ତାଳଧ୍ୱଜ, ଦେବଦଳନ ରଥ ପାଇଁ ସୋଲଫୁଲ ଯୋଗାଇ ଆସୁଛନ୍ତି। ଚଳିତ ବର୍ଷ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତିରେ ରଥାରୁଢ ହେବାକୁଥିବାବେଳେ ସୋଲଫୁଲ ଲଗାଇବା ନେଇ ଉତ୍ସାହ ତାଙ୍କ ମନରେ ଭରିଦେଇଛି। ବିଗତ ୨୫ବର୍ଷ ଧରି ନିଜକୁ ଜଗନ୍ନାଥଙ୍କ ସେବକ ବୋଲି ଦାବି ରାଜ କିଶୋର କରୁଥିବା ବେଳେ ନେତ୍ର ଉତ୍ସବରେ ସୋଲଫୁଲ ତିନି ରଥରେ ସଜାଇବା ନେଇ ପ୍ରସ୍ତୁତି ତାଙ୍କର ଶେଷ ପର୍ଯ୍ୟାୟରେ ପହଁଛି। ଏପର୍ଯ୍ୟନ୍ତ ସରକାର କିମ୍ବା ମନ୍ଦିର ପ୍ରଶାସନ ନାଲି ଟୋଲିଟିଏ ପାରିଶ୍ରମିକ ବାବଦ ଅର୍ଥ ଦେଇନଥିବା ରାଜ କିଶୋର ପ୍ରକାଶ କରିଛନ୍ତି। ଯାହା ଫଳରେ ଅଧିକା ରଙ୍ଗବେରଙ୍ଗ ସୋଲଫୁଲ ଲଗାଇବାକୁ ଆଶା ଥିବା ଅର୍ଥ ବାଧକ ସାଜିଛି। ସୋଲଫୁଲ ପ୍ରସ୍ତୁତ କାମରେ କେବଳ ରାଜ କିଶୋର ନୁହେଁ ତାଙ୍କର ପରିବାର ସୋଲ ଫୁଲ ପ୍ରସ୍ତୁତରେ ଲାଗିପଡିଛନ୍ତି। ରଥରେ ସୋଲଫୁଲ ଚଢିବା ପର୍ଯ୍ୟନ୍ତ ଆମିଷ ପରିବାରରେ ବନ୍ଦ ହୋଇଯାଇଛି। ରାଜ କିଶୋର ଏବଂ ତାଙ୍କ ପରିବାର ୨୦୦୦ ମସିହା ଠାରୁ ଯୋଗାଇଥିବା ବେଳେ ଗତ ୨୦୦୪ ମସିହାଠାରୁ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଅନୁମତି ପ୍ରଦାନ କରିଆସୁଛନ୍ତି। ରାଜ କିଶୋରଙ୍କ କହିବା କଥା ଏହି ସୋଲ କାମ କରିବାରେ ତାଙ୍କର ଜେଜେ ବାପା,ବାପା ବେଶ ନିପୁଣ ଥିଲେ। ଯାହା ଫଳରେ ସ୍ଥାନୀୟ ଅଂଚଳରେ ଅନୁଷ୍ଠିତ ଦୋଳ,ମେଳଣ ସମେତ ବିବାହ, ବ୍ରତ ସମୟରେ ତାଙ୍କୁ ଲୋକ ଖୋଜୁଥିଲେ। ତାଙ୍କ ପ୍ରେରଣାରେ ସେ ସୋଲ ଫୁଲ କାମ ସିଖିଥିଲେ। କିଛି ବର୍ଷ ତଳେ ନିଜର ସାଙ୍ଗ ସହିତ ରାଜ କିଶୋର

### ସତ ହେଲା ପ୍ରଭୂଙ୍କ ସ୍ୱପ୍ନାଦେଶ

ଶ୍ରୀକ୍ଷେତ୍ର କୁ ଘୋଷଯାତ୍ରା ଦେଖିବାକୁ ଯାଇଥିଲେ। ମାତ୍ର ତିନିରଥ ଗୁଡିକ ଖାଲି ଦେଖିବା ନେଇ ମନରେ କଷ୍ଟ ଅନୁଭବ କରିବାପରେ ମହାପ୍ରଭୁଙ୍କ ଆର୍ଶିବାଦ ହେଲେ ସୋଲଫୁଲ ଲଗାଇବା ନେଇ ମନସ୍ଥ କରିଥିଲେ। ଶେଷରେ ସେ ଯାହା ଆଶା କରୁଥିଲେ ମହାପ୍ରଭୁ ତାଙ୍କର ଗୁହାରୀ ଶୁଣିଥିଲେ। ହଠାତ୍ ବାଟରେ ଫେରିବା ସମୟରେ ଏକ ଆଲୌକିକ ଶକ୍ତି ଅନୁଭବ ସହିତ ତିନି ରଥରେ ସୋଲଫୁଲ ଲଗାଇବାକୁ ସ୍ୱପ୍ନାଦେଶ ହୋଇଥିଲା। ମାତ୍ର ସେହିଦିନ ଠାରୁ ରାଜ କିଶୋର ଆଉ ପଛକୁ ଫେରିନାହାନ୍ତି। ଯେତେ ସମସ୍ୟା ଆସିଲେ ସୁଧା ପ୍ରତିବର୍ଷ ସୋଲଫୁଲ ପ୍ରସ୍ତୁତ କରି ଶ୍ରକ୍ଷେତ୍ରର ତିନିରଥରେ ସଜାଇଆସୁଛନ୍ତି। ଚଳିତ ବର୍ଷ ପାଇଁ ରାଜଙ୍କର ସପରିବାର ସୋଲର କଦମ୍ବଫୁଲ ସେବତୀ ଓ ଅନ୍ୟ ରଙ୍ଗବେରଙ୍ଗର ସୋଲଫୁଲ ପ୍ରସ୍ତୁତ କରିବାରେ ବ୍ୟସ୍ତ। ଫୁଲ କାମ ପ୍ରାୟ ଶେଷ ପର୍ଯ୍ୟୟରେ ପହଁଚିଛି। ବିଭିନ୍ନ ରଙ୍ଗର ସୂତା ,ଜମ୍ବୁରା, ଚୁମୁକି, ବାଉଁଶକଣୀ, ପରିଜିନିଷ ଲଗାଇ ସୁସଜ୍ଜିତ କରାଯାଇଛି। ଆଉ ଏହା ପରେ ରାଜ ଓ ତାଙ୍କ ପରିବାରର ୮ରୁ ୧୦ଜଣ ସଦସ୍ୟ ସୂତାରେ ବାନ୍ଧି ବିଭିନ୍ନ ରଙ୍ଗବେରଙ୍ଗ ସୋଲଫୁଲ ପ୍ରସ୍ତୁତ କରିଛନ୍ତି।ଏବେ କେବଳ ଅପେକ୍ଷା କେତେ ବେଳେ ନେତ୍ର ଉତ୍ସବ ହେବ।ତେଣୁ ସମୟ ପାଖେଇ ଆସୁଥିବା ପ୍ରସ୍ତୁତ ସୋଲ ଫୁଲ ରଥରେ ଲଗାଇବେ ତାକୁ ଅପେକ୍ଷା କରିଛନ୍ତି।ପାରିଶ୍ରମିକ ନମିଳିଲେ ମଧ୍ୟ ପ୍ରଭୁଙ୍କର କାର୍ଯ୍ୟ କରି ନିଜକୁ ଆନନ୍ଦ ମିଳିଥାଏ ବୋଲି ରାଜକିଶେରଙ୍କର ପରିବାର କହିଛନ୍ତି।

# ଓଡିଶା ରେଳ ବିକାଶର ସଫଳ ବିନ୍ଧାଣି ସାତକଡ଼ି ହୋତା




ଭୁବନେଶ୍ୱର, (ସବ୍ୟୁ): ଓଡିଶା ରେ ରେଳ ବିକାଶ ର ସଫଳ ବିନ୍ଧାଣି ଓ କିମ୍ବଦନ୍ତୀ ପୁରୁଷ ସାତ କଡ଼ି ହୋତା ଅଟନ୍ତି ବୋଲି ପ୍ରଭାତ କୁମାର ନନ୍ଦ ଙ୍କ ସଭାପତି ତ୍ୱରେ ଓଡିଶା ଲେଖକ ସମବାୟ ସମିତି ପରିସର ରେ ଅନୁଷ୍ଠିତ ସତକଡି ହୋତା ସ୍ମୃତି ସଂସଦ ର ମାସିକ ଆଲୋଚନା ଚକ୍ର ରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଡ଼କ୍ଟର ଅଲେଖ ଚନ୍ଦ୍ର ପଡ଼ିଆରୀ ବିଭିନ୍ନ ଉଦାହରଣ ମାଧ୍ୟମ ରେ ପ୍ରକାଶ କରିଛନ୍ତି । ବକ୍ତା ଓ ଆଲୋଚକ ଭାବେ ନାଟ୍ୟକାର ବିଜୟକୁମାର ମହାନ୍ତି, ସିଦ୍ଧାର୍ଥ କାନୁନଗୋ, ପିତାମ୍ବର ରଥ, ପ୍ରହଲ୍ଲାଦ ସାହୁ, ଶ୍ରୀବସ ମହାପାତ୍ର, ଶୁଭେନ୍ଦୁ ପରିଡା ଆଦି ଯୋଗଦାନ କରି ଡ଼କ୍ଟର ହୋତା ଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ, ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଡ଼କ୍ଟର ହୋତାଙ୍କ ସହ ବିଗତ ଦିନ ର ଅନୁଭୂତି ବର୍ଣନା କରିଥିଲେ, ବିଶିଷ୍ଟ ସାମ୍ବାଦିକ ତଥା ଲୋକସେବକ ମଣ୍ଡଳ ର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା । ତପନ କୁମାର କର ଧନ୍ୟବାଦ ଅର୍ପଣକରିଥିଲେ।

# ଚିକିତ୍ସା ବାହାନାରେ ମା'ଙ୍କଠାରୁ ୧୦ଲକ୍ଷ ଟଙ୍କା ହଡପ

ଭୁବନେଶ୍ୱର, (ସବ୍ୟୁ) : ଚିକିତ୍ସା ବାହାନାରେ ମା'ଙ୍କଠାରୁ ୧୦ଲକ୍ଷ ଟଙ୍କା ଓ ଗହଣା ହଡପ କରିଥିବା ଝିଅ-ଜ୍ୱାଇଁଙ୍କୁ ପଚରାଉଚରା କରୁଛି ନୂଆପଲ୍ଲୀ ଥାନା ପୋଲିସ । ଏ ସମ୍ପର୍କରେ ସାନଝିଅ ପ୍ରତିମା ନାୟକ ଏତଲା କରିଥିବା ପୋଲିସ କହିଛି ।

ପ୍ରତିମାଙ୍କ କହିବାନୁଯାୟୀ ମା'ଙ୍କ ବ୍ରେନ୍‌ଷ୍ଟ୍ରୋକ୍ ହେବା ପରେ ବଡଝିଆ ଭଉଣୀ ପଦ୍ମାବତୀ ନାୟକ ଓ ତାଙ୍କ ସ୍ୱାମୀ ସରୋଜ ନାୟକ ଚିକିତ୍ସା ପାଇଁ ପାଖରେ ଆଣି ରଖିଥିଲେ । କିଛିଦିନ ପାଖରେ ରଖିବା ପରେ ଚିକିତ୍ସା ବାହାନାରେ ମା'ଙ୍କ ଠାରୁ ଟିପଚିହ୍ନ ନେଇ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ନେଇଥିଲେ । ଟଙ୍କା ଉଠାଇବା ପରେ ଚିକିତ୍ସା ତ ଦୂରର କଥା ମା'ଙ୍କ ସୁନା ଗହଣା ସବୁ ପଦ୍ମାବତୀ ନିଜ ଦଖଲକୁ ନେଇଯାଇଥିଲା । ଏ ସମ୍ପର୍କରେ ପ୍ରତିମା ଜାଣିବା ପରେ ଭରତପୁର ଥାନାରେ ଏତଲା କରିଥିଲେ । ସେମାନେ ନୂଆପଲ୍ଲୀ ଥାନା ଅଞ୍ଚଳରେ ରହୁଥିବାରୁ ଭରତପୁର ଥାନା ପୋଲିସ ମାମଲାକୁ ନୂଆପଲ୍ଲୀ ଥାନାକୁ ହସ୍ତାନ୍ତର କରିବା ପରେ ତଦନ୍ତ ଜାରି ରହିଛି ।

ଏତଲାକାରୀ ସାନଝିଅ ପ୍ରତିମାଙ୍କ କହିବାନୁଯାୟୀ ପଦ୍ମାବତୀ ଓ ତାଙ୍କ ସ୍ୱାମୀ ମା'ଙ୍କ ଟଙ୍କା ଓ ଗହଣା ଫେରାନ୍ତୁ । ଟଙ୍କା ଓ ଗହଣା ନଫେରାଇଲେ ସେମାନଙ୍କ ସହ ସାଲିସ୍ କରିବାର ପ୍ରଶ୍ନ ଉଠୁନାହିଁ । ପୋଲିସ କହିବାନୁଯାୟୀ ତଦନ୍ତ ଜାରି ରହିଛି, ଆଗକୁ ବଢିଲେ ଗଣମାଧ୍ୟମକୁ ଏ ସମ୍ପର୍କରେ ସବିଶେଷ ସୂଚନା ଦିଆଯିବ ।

## ଭିଏସ୍‌ଏସ୍ ନଗର ରଥ ଯାତ୍ରା ପ୍ରସ୍ତୁତି କମିଟି ବୈଠକ

# ୨୪ ରେ ଖୋଲିବ ଓଭରବ୍ରିଜ ପାଖ ସର୍ଭିସ୍ ରୋଡ୍



ଭୁବନେଶ୍ୱର (ସବ୍ୟୁ): ବୀର ସୁରେନ୍ଦ୍ର ସାଏ ନଗରର ରଥ ଯାତ୍ରା ପାଇଁ ପ୍ରସ୍ତୁତି କମିଟି ବୈଠକ ଡି ଏଲ କଲୋନୀ ସ୍ଥିତ ଭୁବନେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ରେଳ ଓଭରବ୍ରିଜ ପାଖ ରାସ୍ତା ନିର୍ମାଣ ଶେଷ ହୋଇ ନଥିବାରୁ ଏହା ଭି ଏସ୍ ଏସ୍ ନଗର ରଥ ଯାତ୍ରା ପାଇଁ ସବୁଠାରୁ ମୁଖ୍ୟ ସମସ୍ୟା ହେବ ବୋଲି ଆଶଙ୍କା କରି ଏହି ବୈଠକକୁ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଇଂ. ବିମଳ ଦାଶଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଭୁବନେଶ୍ୱରୀ ମନ୍ଦିର କମିଟିର ସଭାପତି ଡ. ଜୟନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଇଂ. ବିମଳ ଦାଶ ଯୋଗ ଦେଇ ଆସନ୍ତା ୨୪ ତାରିଖରେ ଏହି ସର୍ଭିସ୍ ରୋଡ ଖୋଲିବ ଓ ରଥଯାତ୍ରା ପୂର୍ବରୁ ଏହି ରାସ୍ତା ପାଖରେ ଥିବା ଡ୍ରେନ ଉପରେ ସ୍ଲାପ ପଡିବା ସହିତ ଡାକ୍ତରଖାନା ସମ୍ମୁଖ ଓ ଲେବଲକ୍ରସିଙ୍ଗ ପାଖରେ ରାସ୍ତା ଉପରେ ଥିବା ଗାତକୁ ପୋତାଯିବ ବୋଲି ଦୃଢତାର ସହିତ କହିଥିଲେ। ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଏହି ବୈଠକରେ ଯୋଗଦେଇ ନିର୍ମାଣ ଚାଲିଥିବା ସର୍ଭିସ୍ ରୋଡ ସହିତ ଅପର ପାଖ ସର୍ଭିସ୍ ରୋଡ କାମ ଅତିଶିଘ୍ର ଆରମ୍ଭ କରିବା ପାଇଁ ବିମଳ ବାବୁଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରୀ ମନ୍ଦିର କମିଟିର ସମ୍ପାଦକ ପ୍ରତାପ କୁମାର ନନ୍ଦ, ଉନ୍ନୟନ ପରିଷଦର ଯୁଗ୍ମ-ସମ୍ପାଦକ ଚିନ୍ତାମଣି ବାରିକ, ଭୁବନେଶ୍ୱରୀ ମନ୍ଦିର କମିଟିର ଧରଣୀଧର ରାଉତ, ପ୍ରେମାନନ୍ଦ ଲେଙ୍କା, ପ୍ରକାଶ କୁମାର ଦାସ, ରବିନାରାୟଣ ରାୟ, ରାଖାଲ ଚନ୍ଦ୍ର ମହାନ୍ତି, ନବକିଶୋର ବେଉରା, ଅସିମ କୁମାର ସିହ୍ନା ଓ କେଶବ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

### ବାଇକ ଧକ୍କାରେ ମହିଳା ମୃତ

ରଣପୁର, (ସବ୍ୟୁ) : ଶନିବାର ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଏକ ନମ୍ବର ଓ୍ୱାର୍ଡର ଜନୈକ ମହିଳାଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ରଣପୁର ଏନ୍‌ଏସି ଏକ ନମ୍ବର ୱାର୍ଡ ର ବିରଞ୍ଚି ନାରାୟଣ ସାହୁଙ୍କ ପତ୍ନୀ ହାରାମଣି ସାହୁ (୫୪) ଶନିବାର ସକାଳେ ଔଷଧ ଆଣିବା ପାଇଁ ରାଜସୁନାଖଳା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ । ଔଷଧ ଆଣି ଫେରୁଥିବା ବେଳେ ମଧ୍ୟାହ୍ନ ରଣପୁର ହାଟସାହି ସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଏକ ଅଜଣା ବାଇକ ଧକ୍କା ହୋଇ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ । ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ସେଠାରେ ହାରାମଣିଙ୍କ ମୃତ ଘୋଷଣା କରିଥିଲେ ।

### ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ

# ଦୁଇ ଜଣଙ୍କୁ ଅଧା ଲଣ୍ଡା କରି ଆଣ୍ଠୁରେ ଚଲେଇଲେ : ନର୍ଦ୍ଦମା ପାଣି ପିଆଇଲେ

ଧରାକୋଟ, (ସବ୍ୟୁ): ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ । ଦୁଇ ଜଣ ଦଳିତଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ଆଣ୍ଠେଇଲେ । ଆଣ୍ଠେଇ ଦୁଇ କିଲୋ ମିଟର ଚଲେଇବା ସହ ନର୍ଦ୍ଦମାର ମଇଳା ପାଣି ପିଆଇଲେ ଲୋକେ । ଏମିତି ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମ ରାଜରାସ୍ତାରେ । ଅକାରଣରେ ଦଣ୍ଡ ପାଇଥିବା ଦୁଇ ବ୍ୟକ୍ତି ହେଲେ ସୀଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ । ସୂଚନା ଅନୁସାରେ ଝିଅକୁ ଯୌତୁକ ଦେବା ପାଇଁ ଦୁଇ ଦଳିତ ବ୍ୟକ୍ତି ହରିପୁରରୁ ତିନୋଟି ଗାଈ ଧରି ସିଙ୍ଗିପୁର ଯିବା ବେଳେ ଖାରିଗୁମ୍ମା ଠାରେ ତାଙ୍କୁ କିଛି ଲୋକ ଅଟକାଇବା ସହ ଗୋଚାଲାଣ କରୁଥିବା କହି ପଇସା ମାଗିଥିଲେ । ପଇସା ନଦେବାରୁ ଦୁଇ ନିରୀହ ଲୋକଙ୍କୁ ମାଡ ମାରିବା ସହ ସେଲୁନରେ ଅଧା ଲଣ୍ଡା କରିଥିଲେ । ଅଧା ଲଣ୍ଡା କରି ଦୁଇ ଦଳିତଙ୍କୁ ଖାରିଗୁମ୍ମା ଠାରୁ ପାଦରେ ଚଲାଇ ଜାହାଡା ଆଣି ଜାହାଡା ଗାଁ ଦାଣ୍ଡରେ ପାଖାପାଖି ଦୁଇ କିଲୋମିଟର ରାସ୍ତା ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ । ଦୁଇ ଦଳିତଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମାର ମଇଳା ପାଣି ପିଇବାକୁ ବାଧ କରାଇଥିଲେ । ତେବେ ସୁଯୋଗ ପାଇ ଦୁଇ ଦଳିତ ବ୍ୟକ୍ତି ସେଠାରୁ ଖସି ଆସିଥିବା ବେଳେ ଏନେଇ ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୁକ୍ତଙ୍କ ମୁଣ୍ଡ ଆଉ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୋଲିସ ତାଙ୍କୁ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିବା ସହ ଘଟଣାରେ ତଦନ୍ତ କରୁଛି । ଏ ନେଇ ଧରାକୋଟ ଥାନାରେ ମାମଲା ରୁଜୁ ହେବା ସହ ଏ ଘଟଣାରେ ସାତରୁ ଆଠ ଜଣ ଅଭିଯୁକ୍ତ ସଂପୃକ୍ତ ଥିବା ନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି । ଏପରି ଏକ ସାଙ୍ଘାତିକ ଘଟଣାରେ ଯିଏବି ଆଇନକୁ ହାତକୁ ନେଇଛି ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି । ଏସଂକ୍ରାନ୍ତରେ ଜଣକୁ ଧରାକୋଟ ପୁଲିସ ଅଟକ ରଖି ତଦନ୍ତ କରୁଛି ।



# କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଜନ୍ମଦିନ ପାଳନ




ଭୁବନେଶ୍ୱର (ସବ୍ୟୁ): କେଶରୀୟା ହିନ୍ଦୁ ବାହିନୀ ଓଡ଼ିଶା ସଂଗଠନ ତରଫରୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଙ୍କ ଜନ୍ମଦିନ ୟୁନିଟ୍- ୯ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଡଃ ଅଭୟ କୁମାର ପରିଡ଼ା,(ସତସଙ୍ଗ ବିହାର ମୁଖ୍ୟ), ଡଃ ପ୍ରଫୁଲ୍ଲ କୁମାର ମହାନ୍ତି,( ଜେନେରାଲ ସେକ୍ରେଟାରୀ, ଜିଏଚ୍‌ଆରଟି ଓଡ଼ିଶା),ଶ୍ରୀମତୀ ଶୈଳଭାମା ମହାପାତ୍ର ( ସଂଗିତ କାର), ଅଜିତ୍ କୁମାର ଦାଶ, ଡଃ ମାନସ କୁମାର ଦାଶ, ସମେତ କେଶରୀୟା ହିନ୍ଦୁ ବାହିନୀ ର ମୁଖ୍ୟ ଉପଦେଷ୍ଟା ପିୟୂଷ ମହାନ୍ତି, ପ୍ରତିଷ୍ଠାତା ରୁଦ୍ରନାରାୟଣ ଜିତ ବାବୁ, କର୍ଯ୍ୟ କାରୀଣି ସଭାପତି ଶ୍ରୀଯୁକ୍ତ ଆରିୟବ୍ରତ ସାମଲ, ମାର୍ଗ ଦର୍ଶକ ପ୍ରସନ୍ନ ମହାନ୍ତି, ମିଡ଼ିଆ ପ୍ରଭାରି ସୁଶାନ୍ତ କୁମାର ଦାସ, ମିଡ଼ିଆ ପ୍ରଭାରି ଗୋଲକ ବିହାରୀ ଦୀକ୍ଷିତ, ସାଂସ୍କୃତିକ ପ୍ରକୋଷ୍ଠ ଅଧକ୍ଷ ସରୋଜ କୁମାର ଜେନା, ସଭା ପରିଚାଳନା କରିଥିଲେ । ଯୁବମୋର୍ଚ୍ଚା ଅଧକ୍ଷ ପ୍ରଣବ ଦାସ, କୋଷାଧକ୍ଷ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ।

### ଗ୍ୟାସ ସିଲିଣ୍ଡର ଚୋରି ଘଟଣା : ୨ ଗିରଫ

ଜଟଣୀ, (ସବ୍ୟୁ) : ଗ୍ୟାସ ସିଲିଣ୍ଡର ଲୁଟିନେବା ଘଟଣାରେ ଜଟଣୀ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ସ୍ଥାନୀୟ ଗୋପବନ୍ଧୁ ନଗର ଅଂଚଳର ଆଲୋକ ହଦ ଓରଫ ବାବୁ ଓ ବିଡିଏ କଲୋନୀର ସମୀର ରାୟ। ସେମାନଙ୍କ ଠାରୁ ଗ୍ୟାସ ସିଲିଣ୍ଡର ଓ ଗୋଟିଏ ବାଇକ ପୁଲିସ ଜବତ କରିଛି। ଅଭିଯୋଗକାରୀ ପ୍ରକାଶ ସାହୁ ଗ୍ୟାସ ସିଲିଣ୍ଡର ବିତରକ ଭାବେ କାର୍ଯ୍ୟ କରନ୍ତି। ଗତ ୧୯ ତାରିଖ ଅପରାହ୍ନରେ ତାଙ୍କ ବାଇକ୍‌ରେ ୩ଟି ଗ୍ୟାସ ସିଲିଣ୍ଡର ଲଦି ଗ୍ରାହକଙ୍କୁ ଦେବା ପାଇଁ ସ୍ଥାନୀୟ ରାଜାବଜାର ଅଂଚଳକୁ ଯାଇଥିଲେ। ଗୋଟିଏ ସିଲିଣ୍ଡର ଦୁର୍ବୃତ୍ତ ଲୁଟି ନେଇଥିବା ଦେଖିବାକୁ ପାଇଥିଲେ। ଏନେଇ ପ୍ରକାଶ ଥାନାରେ ଅଭିଯୋଗ କଲା ପରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା।

## ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ନିର୍ବାଚନ

# ଧର୍ମବ୍ରତ ସଭାପତି, ମନୋରଞ୍ଜନ ସମ୍ପାଦକ

କଟକ, (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର ଅଫ ୱିଜ୍‌ଡମରେ ରବିବାର ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୨୦୦ରୁ ଅଧିକ ଶିକ୍ଷକ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ଉଚ୍ଚଶିକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୨୪ ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସ୍ୱାୟତ୍ତ ଓ ଏହା କିପରି କାର୍ଯ୍ୟକାରୀ କରାଯିବ ,ସେଥିନେଇ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ବେନିୟମ ଭାବରେ ଆରମ୍ଭ କରାଯାଇଥିବା ଶିକ୍ଷକ ପଦବୀ ସଙ୍ଗତୀକରଣ ପ୍ରଚେଷ୍ଟାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସଂଘ ମତ ପୋଷଣ କରିଥିଲା। ଏହି ପରିପ୍ରେକ୍ଷୀରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମବ୍ରତ ମହାପାତ୍ର ସଭାପତି ନିର୍ବାଚିତ ହୋଇଥିବାବେଳେ ପ୍ରଫେସର ମଧୁସ୍ମିତା ପତି, ବିଶ୍ୱଜିତ ପ୍ରସାଦ ଛାଟୋଇ, ଏକାମ୍ବର କରେଇଲା, ପ୍ରସନ୍ନ କୁମାର ପାତ୍ର ଓ ଇଶ୍ୱର ଚନ୍ଦ୍ର ନାୟକ ଉପ ସଭାପତି ପଦବୀରେ ନିର୍ବାଚିତ ହୋଇଥିଲେ। ମନୋରଞ୍ଜନ ମିଶ୍ର ସମ୍ପାଦକ, ସଂଯୁକ୍ତା ପାଢ଼ୀ ଓ ପ୍ରିୟଙ୍କା ଚକ୍ରବର୍ତ୍ତୀ ଯୁଗ୍ମ ସମ୍ପାଦକ, ପପେଶ କୁମାର ଲେଙ୍କା କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ସଂଘ ଖୁବଶୀଘ୍ର କୁଳାଧିପତିଙ୍କୁ ଭେଟି ଉଚ୍ଚଶିକ୍ଷାର ବିକାଶ ପାଇଁ ଆଲୋଚନା କରିବାକୁ ଯୋଜନା ରଖିଥିବା ସଂଘ ପକ୍ଷରୁ ସୂଚନା ମିଳିଛି।

# ଓଇଏସ୍‌ରେ କର୍ମଶାଳା : 'ଖଣି ବର୍ଜ୍ୟର ପରିଚାଳନା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, (ସବ୍ୟୁ): ଖଣି ଉତ୍ତୋଳନ ଏବଂ ଶିଳ୍ପାୟନ ପ୍ରକ୍ରିୟା ଆଗକୁ ବଢ଼ିବା ସହିତ, ଅତିରିକ୍ତ ପ୍ରଦୂଷକ ପଦାର୍ଥସବୁର ମାନବ ପରିବେଶରେ ପ୍ରବେଶ ଘଟୁଛି, ଯାହାର ପରିଣାମରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ନିମନ୍ତେ, ସାଧାରଣତଃ ବର୍ଜ୍ୟ ଜଳ ଏବଂ ସମ୍ଭାବ୍ୟ ବିଷାକ୍ତ ପଦାର୍ଥ, ଭାରୀ ଧାତୁ ଏବଂ ରେଡ଼ିଓଆକ୍ଟିଭ ପଦାର୍ଥ ସମେତ ସୂକ୍ଷ୍ମ କଣିକାର ଏକ ସ୍ଲରି ରୂପେ ନିର୍ଗତ ହେଉଥିବା ଖଣି ବର୍ଜ୍ୟ ପଦାର୍ଥ (ଟେଲିଂ)କୁ ଗଚ୍ଛିତ କରି ରଖିବା ପାଇଁ ଟେଲିଂ ବନ୍ଧମାନ ନିର୍ମାଣ କରାଯାଏ। ଖଣି କାର୍ଯ୍ୟରୁ ନିର୍ଗତ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣ କରି ପରିବେଶ ପ୍ରଦୂଷଣକୁ ରୋକିବା ଏବଂ ମାନବ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ବନ୍ଧଗୁଡ଼ିକ ଅତ୍ୟନ୍ତ ଜରୁରୀ। ଓଡିଶା ବିବିଧ ଖଣିଜ ପଦାର୍ଥରେ ଭରପୂର ଏକ ରାଜ୍ୟ ହୋଇଥିବାରୁ, ଏହାର ବର୍ଦ୍ଧିତ ଖଣି କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ସହନୀୟ ଏବଂ ସୁରକ୍ଷିତ ଖଣିବର୍ଜ୍ୟ ପରିଚାଳନା ନିମନ୍ତେ ଉନ୍ନତ ଭୂ-ପରିବେଶିକ ପଦ୍ଧତି ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖଣି ଉପ-ଉତ୍ପାଦକୁ ହ୍ରାସ କରିବା ଏବଂ ପରିବେଶଗତ ଅବକ୍ଷୟକୁ ରୋକିବା ପାଇଁ ଆମକୁ ବିଶ୍ୱସ୍ତରୀୟ ଉନ୍ନତିରୁ ଶିଖିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି, ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୁଲ୍ୟରେ ଏହାର ସମ୍ମିଳନୀ କକ୍ଷରେ 'ସ୍ଥାୟୀ ଖଣିବର୍ଜ୍ୟ ବନ୍ଧ ନିର୍ମାଣ: ଭାରତୀୟ ଏବଂ ଅନ୍ତର୍ଜାତୀୟ ଅଭ୍ୟାସଗୁଡିକ ମଧ୍ୟରେ ସମନ୍ୱୟ' ବିଷୟବସ୍ତୁ ଉପରେ ଏକ କର୍ମଶାଳା ଆୟୋଜନ ହୋଇଯାଇଛି।

ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ଏହି ଅବସରରେ ମୁଖ୍ୟବକ୍ତା ଥିଲେ ଆମେରିକାର ଆରିଜୋନାରେ ଏଇକମ୍ କମ୍ପାନୀରେ କାର୍ଯ୍ୟରତ ବରିଷ୍ଠ ଭୂ-ବୈଜ୍ଞାନିକ ଇଞ୍ଜିନିୟର ଡ. ବିଭୂତି ଭୂଷଣ ପଣ୍ଡା। ତାଙ୍କ ବକ୍ତବ୍ୟରେ ଡ. ପଣ୍ଡା ଖଣି ପ୍ରକ୍ରିୟାକରଣ ମାଧ୍ୟମରେ ଇଚ୍ଛିତ ମୂଲ୍ୟବାନ ଖଣିଜ ପଦାର୍ଥ ନିଷ୍କାସନ ପରେ ବର୍ଜ୍ୟ କିପରି ପୃଥକ୍ କରାଯାଏ ଏବଂ ସାଧାରଣତଃ ମୃତ୍ତିକା କିମ୍ବା ପଥର ଖଣ୍ଡରେ ନିର୍ମିତ ବନ୍ଧରେ ଗଚ୍ଛିତ ରଖାଯାଏ, ତାହା ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ବନ୍ଧର ସ୍ଥିରତା ସୁନିଶ୍ଚିତ କରିବା ଏବଂ ଲିକ୍ କିମ୍ବା ବିଫଳତାକୁ ରୋକିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଅନ୍ୟଥା ମାନବ ସୁରକ୍ଷା ଏବଂ ପରିସଂସ୍ଥା ପାଇଁ ବିପଦ ସୃଷ୍ଟି କରିପାରେ। ଡ. ପଣ୍ଡା ଦୀର୍ଘକାଳୀନ ବିପଦକୁ ହ୍ରାସ କରିବା ପାଇଁ ଖଣିବନ୍ଧ ବନ୍ଧ ପରିଚାଳନାରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଏବଂ ନବସୃଜନ ବିଷୟରେ ତାଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ବ୍ୟକ୍ତ କରିଥିଲେ । ଡ. ପାଣିଗ୍ରାହୀ ତାଙ୍କ ସଭାପତି ଅଭିଭାଷଣରେ ସମ୍ଭାବ୍ୟ ପରିବେଶୀୟ ଏବଂ ସୁରକ୍ଷା ବିପଦକୁ ହ୍ରାସ କରିବା ନିମନ୍ତେ ନଦୀବନ୍ଧଗୁଡ଼ିକର ଯତ୍ନର ସହିତ ଯୋଜନା ପ୍ରଣୟନ ଏବଂ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ ଏବଂ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଡ. ଲାଲା ଏ.କେ. ସିଂହ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ହାଇବ୍ରିଡ୍ ପଦ୍ଧତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, ପ୍ର. କୃଷ୍ଣଚନ୍ଦ୍ର ସାହୁ, ପ୍ର. ବି ସୀତାରାମ ପାତ୍ର, ଡ. ଭି.ପି. ଉପାଧ୍ୟାୟ, ଡ. ଚିତ୍ତରଂଜନ ମିଶ୍ର, ଇଂ ଅଶୋକ ବେହେରା, ଇଂ ବିମଳ ମିଶ୍ର, ସ୍ୱପ୍ନା ବେହେରା, ପ୍ର. ନିମାଇଁ ଚରଣ ମିଶ୍ର, ଇଂ ରାମଚନ୍ଦ୍ର ତ୍ରିପାଠୀ, ବିପିନ ବିହାରୀ ପାଢ଼ୀ, ଭୁବନ ମୋହନ ପଟ୍ଟନାୟକ ଏବଂ ଇଂ ଶଶୀ ଭୂଷଣ ଦାଶ ପ୍ରମୁଖ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବହୁ ଓଇଏସ୍ ସଦସ୍ୟ ତଥା ଶିଳ୍ପ ଓ ଖଣି କ୍ଷେତ୍ରରେ ଅଭିଜ୍ଞତା ଥିବା ବ୍ୟକ୍ତି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।



## ନିସ୍ ଶିକ୍ଷାନୁଷ୍ଠାନରେ ଅନ୍ତର୍ଜାତୀୟ ଯୋଗ ଦିବସ



ଭୁବନେଶ୍ୱର, (ସବ୍ୟୁ): ନିସ୍ ଶିକ୍ଷାନୁଷ୍ଠାନ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନେ ଉନ୍ନତମାନର ଶିକ୍ଷା ଗ୍ରହଣ କରିବା ସହିତ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗକୁ ଶକ୍ତିଶାଳୀ ମାଧ୍ୟମ ରୂପେ ଦୈନନ୍ଦିନ ଅଭ୍ୟାସ କରିବାକୁ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧକ୍ଷ ଡକ୍ଟର ଭାରେସ ସାଇଁ, ଡେପୁଟି ଡାଇରେକ୍ଟର ଡକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଡକ୍ଟର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପିନାକର ଚୟନୀଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗାଭ୍ୟାସ କରିଥିଲେ । ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଛାତ୍ରଛାତ୍ରୀ ମାନେ ସାମଗ୍ରିକ ଭାବରେ ସୁସ୍ଥ ରହିବାକୁ ଦୃଷ୍ଟିରେ ରଖି ସମସ୍ତ ଆଇ.ଟି, କମ୍ପ୍ୟୁଟରସାଇନ୍ସ, ମ୍ୟାନେଜମେଣ୍ଟ, ଇଞ୍ଜିନିୟରିଂ ଓ ଡିପ୍ଲୋମାର ଛାତ୍ରଛାତ୍ରୀମାନେ ଯୋଗ ଶିବିରରେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ଶିକ୍ଷାନୁଷ୍ଠାନର ଅନ୍ୟ ଛାତ୍ରଛାତ୍ରୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତୀୟ ଯୋଗ ଦିବସରେ ସାମିଲ ହୋଇଥିଲେ।

## ଡ୍ରିମ୍ସରେ ଅନ୍ତର୍ଜାତୀୟ ଯୋଗ ଦିବସ



କଟକ, (ସବ୍ୟୁ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ କେନ୍ଦ୍ରସରକାରଙ୍କ ବାର୍ତ୍ତା ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗର ପ୍ରାସଙ୍ଗିକତାକୁ ପ୍ରତ୍ୟେକ ବ୍ୟକ୍ତି ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଏହାକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ପ୍ରବୀଣ ଯୋଗ ପ୍ରଶିକ୍ଷିକା ଡ. ଅର୍ପିତା ପ୍ରିୟଦର୍ଶିନୀ ଯୋଗ ଓ ପ୍ରାଣାୟାମ ପ୍ରଦର୍ଶନ ମାଧ୍ୟମରେ ଏହା ଶରୀରରେ ଶକ୍ତି ଓ ହୃଦୟରେ ଶାନ୍ତି ପାଇଁ କେତେ ଉପଯୋଗୀ ସେ ସଂପର୍କରେ ମାର୍ଗଦର୍ଶନ କରିଥିଲେ । ଅନ୍ୟତମ ଯୋଗ ପ୍ରଶିକ୍ଷିକା ଶୁଭଶ୍ରୀ ସାହୁ ଯୋଗର ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡିନ୍ ଡ. ନୟନ ରଂଜନ ସାମଲ, ଡ. ବିଶ୍ୱରଂଜନ ମହାନ୍ତି, ଡ. କୁଳକର୍ଣ୍ଣ ରାଉତ, ଡ. ଆଲୋକ ରଂଜନ ବିଶ୍ୱାଳ, ଡା. ଦୁର୍ଗା ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ଡ. ବିଶ୍ୱରଂଜନ ତ୍ରିପାଠୀ, ଡ. ଅମୂଲ୍ୟ କୁମାର ବେହେରା, ପ୍ରାଧ୍ୟାପିକା ଏନ୍ ପ୍ରେମଲତା ଦେବୀ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଡ. ଅଭିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ, ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ବିଭାଗୀୟ ମୁଖ୍ୟ ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ଡାଇରିଆ ପ୍ରତିରୋଧ ଓ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭିକନୀ କକ୍ଷ ଠାରେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ସମ୍ପ୍ରତି ବିଭିନ୍ନ ଜିଲ୍ଲାରେ ଦେଖାଯାଉଥିବା ଡାଇରିଆ ପ୍ରତିରୋଧ ଓ ରଥଯାତ୍ରା -୨୦୨୫ ପ୍ରସ୍ତୁତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସାୟ, ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ରାଜ କିଶୋର ଆଚାର୍ଯ୍ୟ ଓ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଯୋଗ ଦେଇଥିବାବେଳେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ମନ୍ଦିର ପରିଛା, ପୁଜକ, ରଥ ମହାପାତ୍ର, ସେବାୟତ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମନ୍ତ୍ରୀ ପ୍ରଥମେ ସମ୍ପ୍ରତି କିଛି ଜିଲ୍ଲାରେ ହଇଜା ଓ ଝାଡାବାନ୍ତିରେ ଲୋକମାନେ ଆକ୍ରାନ୍ତ ହେଉଥିବାରୁ ସେଥିପ୍ରତି ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବର୍ଷା ଦିନରେ ସାଧାରଣତଃ ପାଣି ଦୂଷିତ ହେଉଥିବା କାରଣରୁ ଡାଇରିଆ ଓ ଜଣ୍ଡିସରେ ଆକ୍ରାନ୍ତ ହେବାର ଆଶଙ୍କା ଥାଏ ଏବଂ ଜମିରହୁଥିବା ବର୍ଷାଜଳରୁ ମଶାମାନଙ୍କ ଜନ୍ମ ହେତୁ ମ୍ୟାଲେରିଆ, ଡେଙ୍ଗୁ ଜ୍ୱର ହେବାର ମଧ ଆଶଙ୍କା ରହିଛି ।

ଗ୍ରାମାଞ୍ଚଳରେ ଲୋକମାନେ କିପରି ବିଶୁଦ୍ଧ ପିଇବା ପାଣି ପାଇ ପାରିବେ ସେ ଦିଗରେ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା କରିବା ସହିତ ନଳକୂପ ଗୁଡିକ ନିୟମିତ ଭାବେ ଜୀବାଣୁନାଶକ କରିବା ପାଇଁ ପଦକ୍ଷେପ ନେବା ଏବଂ କୁଆ ପାଣି ବ୍ୟବହାର କରୁଥିବା ଅଂଚଳରେ ପାଣି ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଣ ଦେବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପାଇପ ଜଳ ଯୋଗାଣ ଅଂଚଳରେ ଜଳ ବିଶୋଧନ ଓ ଜୀବାଣୁ ନାଶକ ଉପରେ ଧ୍ୟାନ ଦେବାପାଇଁ ପି.ଏମ୍. ଓ୍ୱାଟକୋକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ/ହାଲାଜୋନ ଆବଶ୍ୟକୀୟ ଔଷଧ ରଖିବା ସହିତ ନିୟମିତ ଭାବେ ସ୍ଥିତି ଉପରେ କଡା ନଜର ରଖିବା କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସହରାଞ୍ଚଳରେ ନାଳନର୍ଦ୍ଦମା, ଶୌଚାଳୟ ଗୁଡିକର ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା ଉପରେ ସମୁଚିତ ଧ୍ୟାନ ଦେବାପାଇଁ ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଇନ୍ସପେକ୍ଟରଙ୍କ ଜରିଆରେ ବିଭିନ୍ନ ହୋଟେଲ ମାନଙ୍କରେ ପ୍ରସ୍ତୁତ କରୁଥିବା ଖାଦ୍ୟ ଦ୍ରବ୍ୟ, ରାସ୍ତା କଡ ଛୋଟ ଦୋକାନୀ ଓ ଠେଲା ଦୋକାନୀ ମାନେ ବିକ୍ରି କରୁଥିବା ଚାଟ, ଗୁପଚୁପ, ଫାଷ୍ଟ ଫୁଡ ଇତ୍ୟାଦି ଖାଦ୍ୟ ଦ୍ରବ୍ୟର ନିୟମିତ ଭାବେ ମାନ ଯାଞ୍ଚ ଓ ପରୀକ୍ଷା କରିବା ସହିତ ଦୋକାନ ଗୁଡିକରେ ଯେମିତି ପଚା ସଢ଼ା ବାସି ଖାଦ୍ୟ ବିକ୍ରି ନହେବ ଏବଂ ସେଗୁଡିକରେ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସର୍ବୋପରି ଜିଲ୍ଲାରେ ଯେପରି ଏସବୁ ରୋଗ ସଂକ୍ରମଣ ନହୁଏ ସେଥିପାଇଁ ଆଗୁଆ ସତର୍କ ରହିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତ ବର୍ଷ ରଥଯାତ୍ରାରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ନିର୍ଧାରିତ ସମୟ ନିର୍ଘଣ୍ଟ ଅନୁସାରେ ଶାନ୍ତିଶୃଙ୍ଖଳା ସହିତ ସମ୍ପନ୍ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଚୋରି ଛିନତାଇ ଓ ଅସାମାଜିକ କ୍ରିୟାକଳାପକୁ ରୋକିବା ଲାଗି ସିସି କ୍ୟାମେରାର ବ୍ୟବସ୍ଥା କରିବା ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ସିଭିଲ ଡ୍ରେସ୍ ସହିତ ସାଧା ପୋଷାକରେ ପୋଲିସ ମୁତୟନ ହେବେ । ଟ୍ରାଫିକ ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ମୁତୟନ ହେବେ ଏବଂ ମାଉଣ୍ଟେଡ଼ ରଥ ଟଣା ସମୟରେ ପର୍ଯ୍ୟାପ୍ତ ସଂଖ୍ୟକ ମହିଳା ପୋଲିସ ମୁତୟନ ହେବେ । ରଥଯାତ୍ରା ସମୟରେ ସହରର ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗଳି ରାସ୍ତାଗୁଡିକରେ ଆଲୋକ ବ୍ୟବସ୍ଥା କରାଯିବ ।

ଏତଦ୍‌ବ୍ୟତୀତ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ବଡଦାଣ୍ଡରେ ଏମ୍‌ପିସି ଜୁନିଅର କଲେଜ ଓ ମହିଳା ମହାବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ବ୍ୟବସ୍ଥା କରାଯିବ । ସେହିପରି ରଥଯାତ୍ରା ସମୟରେ ବଡଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଫେସବୁକ, ୟୁଟ୍ୟୁବ୍ ମାଧ୍ୟମରେ ସିଧାପ୍ରସାରଣ ଏବଂ ଧାରା ବିବରଣୀର ବ୍ୟବସ୍ଥା ପାଇଁ ସ୍ଥିର କରାଯାଇଛି । ସେହିପରି ପରମ୍ପରା ଅନୁଯାୟୀ ରଥ ଉପରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଲଡୁ ବଣ୍ଟନ ବ୍ୟବସ୍ଥା ପୋଲିସ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା କରାଯିବା ନେଇ ମତାମତକୁ ବିଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

ରଥଯାତ୍ରା ସମୟରେ ବେଆଇନ ନିଶା କାରବାରକୁ ରୋକିବା ପାଇଁ ପଦକ୍ଷେପ ନେବା ସହିତ, ଦର୍ଶନ ପାଇଁ ଦୂରଦୁରାନ୍ତରୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଯାତାୟତର ସୁରକ୍ଷା ନିମନ୍ତେ ଗାଡି ଚାଳକଙ୍କ ଦ୍ୱାରା ବେପରୁଆ ଗାଡି ଚାଳନା କିମ୍ବା ନିଶା ସେବନ କରି ଗାଡି ଚାଳନା କରୁଥିବା ଗାଡି ଚାଳକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅବକାରୀ, ପୋଲିସ ପ୍ରଶାସନ ଓ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବଡଦାଣ୍ଡରେ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ପାଇଁ ନିଷ୍ପତ୍ତି ନିଆଯାଇଛି ଏବଂ ଭକ୍ତ ମାନେ ମହାପ୍ରଭୁଙ୍କ ପାଖରେ ଲାଗି କରିବା ପାଇଁ ନେଉଥିବା ଭୋଗ ସାମଗ୍ରୀକୁ ଦୋକାନୀ ମାନେ ଶାଳପତ୍ରରେ ପ୍ରସ୍ତୁତ ଖଲି / ଦୋନାରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

## ନବୀନଙ୍କ ସଫଳ ଅସ୍ତ୍ରୋପଚାର କାମନା କରି ପ୍ରଦୀପ ପ୍ରଜ୍ୱଳନ

ଆସିକା, (ସବ୍ୟୁ): ବିଜୁ ଜନତା ଦଳର ସୁପ୍ରିମୋ ତଥା ରାଜ୍ୟବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସଫଳ ଅସ୍ତ୍ରୋପଚାର ଓ ଦୀର୍ଘ ନିରାମୟ ଜୀବନ କାମନା କରି ସ୍ଥାନୀୟ ଦଳୀୟ ନେତାମାନେ ଆଜି ମା ଖମ୍ବେଶ୍ୱରୀଙ୍କ ମନ୍ଦିରରେ ସାମୁହିକ ଦୀପ ପ୍ରଜ୍ୱଳନ କରିଛନ୍ତି। ରବିବାର ସକାଳୁ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ତଥା ଯୁବ ବିଜେଡ଼ିର ଜୋନାଲ ସଭାପତି ନଚିକେତା ସ୍ୱାଇଁଙ୍କ ସଂଯୋଜନାରେ ଦଳର ବହୁ ନେତା ଓ କର୍ମୀ ଏକତ୍ରିତ ଭାବେ ମା ଖମ୍ବେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବାସହ ଦୀପ ପ୍ରଜ୍ୱଳନ କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କ ଆଜି ମୁମ୍ବାଇ ସ୍ଥିତ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ସର୍ଭାଇକାଲ ଆର୍ଥ୍ରାଇଟିସର ସଫଳ ଅସ୍ତ୍ରୋପଚାର ହୋଇଥିବା ଜଣାଯାଇଛି । ବର୍ତ୍ତମାନ ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ଆଜିର ଦୀପଦାନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ମନୋଜ କୁମାର ଦୋରା, ଦିଲ୍ଲୀପ ପାଣିଗ୍ରାହୀ, ରଶ୍ମିତା ସେନାପତିଙ୍କ ସମେତ ଦଳର ବହୁ ଆଗ ଧାଡ଼ିର ନେତା ଓ କର୍ମୀ, ପଞ୍ଚାୟତ ସ୍ତରୀୟ ପ୍ରତିନିଧି ଯୋଗ ଦେଇଥିଲେ।

## ମାନବ ସେବା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର

ଆସିକା, (ସବ୍ୟୁ): ମାନବ ସେବା ସମିତି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଛି। ହରିହର ହାଇସ୍କୁଲ ପରିସରରେ ଆସିକା ସବ୍ ଡିଭିଜନ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡାକ୍ତର ବାଲ୍ ଗୋପାଳ ବେହେରାଙ୍କ ସଂଯୋଜନାରେ ବରିଷ୍ଠ ଶିଶୁ ବିଶେଷଜ୍ଞ ଡ଼ା. ଦୀପକ କୁମାର ସାମନ୍ତରା, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ଭେଷଜ ବିଶେଷଜ୍ଞ ଡ଼ା. ଭାଗବତ ପ୍ରସାଦ ବିଷୋୟୀ,ଏମ୍‌କେସିଜିର ଚର୍ମ ରୋଗ ବିଶେଷଜ୍ଞ ଏନ୍. ମୁର୍ମୁ ପ୍ରମୁଖ ଯୋଗଦେଇ ବହୁ ବରିଷ୍ଠ ନାଗରିକ ଓ ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ସେହିଭଳି ବ୍ରହ୍ମପୁର ସ୍ଥିତ ଏଲ୍.ଭି ପ୍ରସାଦ ଆଇ ହସ୍ପିଟାଲର ବରିଷ୍ଟ ଚକ୍ଷୁ ପ୍ରଯୁକ୍ତିକ ମୋହିନୀ ପାଣ୍ଡ୍ୱନ୍, ବଳରାମ ଜେନା, ରାକେଶ ଦାସ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଆବଶ୍ୟକ ସ୍ଥଳେ ମାଗଣା ଚଷମା ବଣ୍ଟନ କରିବା ସହ ପରଲ ଚକ୍ଷୁର ମାଗଣା ଅସ୍ତ୍ରୋପଚାର ନେଇ ବ୍ରହ୍ମପୁର କେନ୍ଦ୍ରକୁ ସୁପାରିଶ କରିଥିଲେ। ଆସିକା ସବ୍ ଡିଭିଜନ ହସ୍ପିଟାଲର ନର୍ସିଂ ଅଫିସର ସମେତ ଫାର୍ମାସିଷ୍ଟ ପି.କେଦାର ପାତ୍ର ଶିବିରାର୍ଥିଙ୍କୁ ମାଗଣା ଔଷଧ ବଣ୍ଟନର ତଦାରଖ କରିଥିଲେ। ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବି ପି, ସୁଗାର ଯାଞ୍ଚ ସହ ସ୍ୱାସ୍ଥ୍ୟ ପରୀକ୍ଷା ଓ ସମସ୍ୟାର ନିଦାନ ସହ ଉପାଦେୟ ପରାମର୍ଶ, ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ମାନବ ସେବା ସମିତିର ସଭାପତି ତଥା ଅବସରପ୍ରାପ୍ତ ବର୍ଷୀୟାନ ଶିକ୍ଷକ ଗଣେଶ ରଥ, ଦୁର୍ଗା ପ୍ରସାଦ ପଣ୍ଡା, ଡି. ବଦ୍ରି ନାରାୟଣ ପାତ୍ର, ମନୋଜ ମିଶ୍ର, ସନ୍ତୋଷ ନାୟକ, ସୁରେଶ ବିଷୋୟୀ, କମେଶ୍ୱର ଆଚାରିଙ୍କ ସମେତ ସଂଗଠନର ବହୁ କର୍ମକର୍ତ୍ତା, ସଭ୍ୟ ଓ ସ୍ୱେଚ୍ଛାସେବୀ ଏଥିରେ ସହଯୋଗ କରିଥିଲେ। ଉତ୍କଳମଣିଙ୍କ ୯୭ତମ ଶ୍ରାଦ୍ଧ ଦିବସ ଆସନ୍ତା ୨୭ ତାରିଖରେ ପାଳନର ଅବ୍ୟବହିତ ପୂର୍ବରୁ ସଂଗଠନ ପକ୍ଷରୁ ବିଭିନ୍ନ ସାମାଜିକ ଲୋକ କଲ୍ୟାଣ କାର୍ଯ୍ୟ ଜାରି ରଖାଯାଇଛି ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

ବ୍ରହ୍ମପୁର, (ସବ୍ୟୁ): ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏହାର ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସ ସମେତ ଭଞ୍ଜନଗର, ଜୟପୁର ଓ ରାୟଗଡ଼ା ଭଳି ସମସ୍ତ ସର୍କଲ ଅଫିସରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । ଏହି ପଦେକ୍ଷପ ଯୋଗ ଦିବସର ଗ୍ଲୋବାଲ ଥିମ୍- ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗକୁ ନଜରରେ ରଖି କାର୍ଯ୍ୟକ୍ଷମ କରାଯାଇଛି। କର୍ମଚାରୀଙ୍କ ମଧ୍ୟରେ ସୁସ୍ଥତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ଯୋଗାଭ୍ୟାସ କରାଯାଇଛି । ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଏକାଗ୍ରତା ବୃଦ୍ଧି ଓ ସାମଗ୍ରିକ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ଉର୍ଦ୍ଦିଷ୍ଟ ବିଭିନ୍ନ ଆସନ ଓ ପ୍ରାଣାୟାମ ପଦ୍ଧତି ସାମିଲ ଥିଲା ।





ଉଭୟ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ଧ୍ୟାନ ରଖିବା ଦ୍ୱାରା କର୍ମଚାରୀମାନେ କିଭଳି ଏକ ଖୁସି ଓ ନିରାମୟ ଜୀବନ ଯାପନ କରିପାରିବେ ସେ ଦିଗରେ ଧ୍ୟାନ ଦିଆଯାଇଥିଲା। ଏହି ପଦକ୍ଷେପ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧତାକୁ ଦର୍ଶାଉଛି । ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, କମ୍ପାନୀ କାର୍ଯ୍ୟରତ କର୍ମଚାରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛି । ଯୋଗାଭ୍ୟାସ ଏକ ପ୍ରାଚୀନ ପଦ୍ଧତି । ଯାହା ଉଭୟ ଶରୀର ଓ ମନକୁ ସୁସ୍ଥ ରଖେ । କର୍ମଚାରୀମାନଙ୍କୁ ଯୋଗାଭ୍ୟାସ କରିବାକୁ ଉତ୍ସାହିତ କରି ଆମେ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ କାର୍ଯ୍ୟକ୍ଷେତ୍ର ଓ ବ୍ୟକ୍ତିଗତ ଜୀବନର ସନ୍ତୁଳନ ଆଣିବାକୁ ପ୍ରୟାସ କରୁଛୁ । ଆମେ ସେମାନଙ୍କ ସୁସ୍ଥତା ପ୍ରତି ପ୍ରତିବଦ୍ଧ ଓ ସମସ୍ତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିପାରିଥିବାରୁ ଆନନ୍ଦିତ। ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ମାଧ୍ୟମରେ କମ୍ପାନୀ ନିଜ କର୍ମଚାରୀମାନଙ୍କ ସୁସ୍ଥ ଜୀବନଶୈଳୀ ପ୍ରତି ନିବିଡ଼ ପ୍ରତିବଦ୍ଧତାକୁ ଦର୍ଶାଇବା ସହ ଏପରି କାର୍ଯ୍ୟକ୍ରମଗୁଡିକୁ ଭବିଷ୍ୟତରେ ମଧ୍ୟ ଜାରି ରଖିବାକୁ ଯୋଜନା କରୁଛି । ଯାହା ଏକ ସୁସ୍ଥ ଓ ସୁଖମୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବ ।

## କୁଳାଡ ରଥଯାତ୍ରା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ

ଭଞ୍ଜନଗର, (ସବ୍ୟୁ): ଘୁମୁସର ଅଞ୍ଚଳର ଭଞ୍ଜ ରାଜବଂଶୀୟ ପ୍ରସିଦ୍ଧ କୁଳାଡ଼ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ରଥଯାତ୍ରା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅଣସର କାର୍ଯ୍ୟ ଏବଂ ଠାକୁରଙ୍କ ରଙ୍ଗ କାମର ସମୀକ୍ଷା କରିବା ସହ ଯାତ୍ରାରେ ଆଶ୍ୟକୀୟ ପୂଜା ସାମଗ୍ରୀ, ପିତଳ ଘଣ୍ଟର ମରାମତି, ରଥ କପଡା, ପହଣ୍ଡି ନିମନ୍ତେ ଘୋଡ, ସଂକୀର୍ତ୍ତନ ମଣ୍ଡଳୀ ମାନଙ୍କ ନିମନ୍ତେ ପ୍ରସାଦ ହାଟୁଆ ଉପହାର, ନିମନ୍ତ୍ରଣ ବଣ୍ଟନ ପ୍ରଭୃତି କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଅବିନାଶ ମାହାର। ରଥ ନିର୍ମାଣ, ପାର୍ଶ୍ୱ ଦେବତା ଓ ରଥକୁ ରଙ୍ଗଦିଆ କାମ ସକାଶେ ମହାରଣା ଓ କାରିଗରଙ୍କ ସହ ଆଲୋଚନା କରି ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଛି। ଚଳିତବର୍ଷ ରଥ ନିର୍ମାଣ ନେଇ ୨୮ ଖଣ୍ଡ କାଠ ଆସିଛି । ସେଥିରେ କାମ ଜୋରସୋର୍ ଚାଲିଥିବା ଅତିରିକ୍ତ ତହସିଲଦାର ଅବିନାଶ ମାହାର ସୂଚନା ଦେଇଥିଲେ। ଅନ୍ୟପକ୍ଷରେ କୁଳାଡ଼ ରଥଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୁଲିସ୍ ପ୍ରଶାସନ ସହ ଏନ୍‌ସିସି ରେଡକ୍ରସ୍ କ୍ୟାଡେଟ୍‌ଙ୍କ ସହ ସ୍ୱେଚ୍ଛାସେବୀ ମାନଙ୍କୁ ନିମନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସ୍ଥାନରେ ପିଇବା ପାଣି ସହ ଶୃଙ୍ଖଳା ବ୍ୟବସ୍ଥା ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ଡାକ୍ତରୀ ଟିମ, ପୋଲିସ ବାହିନୀ, ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ ପ୍ରକୋଷ୍ଠର ମଧ ବ୍ୟବସ୍ଥା ରହିବ । ତତସହ ସଠିକ ସମୟରେ ରୀତିନୀତି ସମାପନ ପାଇଁ ମନ୍ଦିର ପୂଜକଙ୍କ ସହ ସମନ୍ୱୟ ରକ୍ଷା ଉପରେ ଆଲୋଚନା ହୋଇଥିଲା।

## ଓଡିଶା ଆଉଟସୋର୍ସିଂ କର୍ମଚାରୀ ମହାସଂଘ କାର୍ଯ୍ୟକାରୀ କମିଟି ବୈଠକ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଠିକା ସଂସ୍ଥା ଜରିଆରେ କାର୍ଯ୍ୟରତ ଲକ୍ଷାଧିକ ଆଉଟସୋରସିଂ କର୍ମଚାରୀ ସରକାରଙ୍କ ଦ୍ୱାରା ପୁଣି ଅବହେଳିତ ହୋଇଛନ୍ତି । ବର୍ତ୍ତମାନ ଡବଲ ଇଂଜିନ ସରକାର ଏକବର୍ଷ ପୂର୍ତ୍ତିର ଉତ୍ସବ ପାଳନ କରୁଥିବା ବେଳେ ନିଜେ ମୁଖ୍ୟମନ୍ତ୍ରୀ ବିରୋଧି ଦଳ ନେତା ଥିବା ସମୟରେ ଏହି କର୍ମଚାରୀମାନଙ୍କୁ ଦେଇଥିବା ପ୍ରତିଶୃତି ଭୁଲି ଯାଇଛନ୍ତି ଏବଂ ଓଲଟା ବର୍ତ୍ତମାନ ରାଜ୍ୟର ବିଭାଗ ଗୁଡିକରେ କିଛି ମାତ୍ରାରେ ନିଯୁକ୍ତି ଦେବା ନାମରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ଏହି ଆଉଟସୋରସିଂ କର୍ମଚାରୀମାନଙ୍କୁ ଛଟେଇ କରିବା ପ୍ରକ୍ରିୟା ଜାରି ରହିଛି ।

ଉଲ୍ଲେଖଯୋଗ୍ୟ ଯେ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ପୂର୍ବ ସରକାର ବହୁ ଦାବି ପରେ କେତେକ ସୁବିଧା ଘୋଷଣା କରିଥିଲେ ମଧ ତାହା ସବୁ କରର୍ମଚାରୀଙ୍କୁ ଦିଆଗଲାନି । ଅଧିକାଂଶ ଆଉଟସୋର୍ସିଂ କର୍ମଚାରୀ ଏଥିରୁ ବଞ୍ଚିତ ହୋଇଥିବା ବେଳେ ବର୍ତ୍ତମାନ ସରକାର ମଧ ସେମାନଙ୍କୁ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଏହାକୁ ନେଇ ଆଜି ସଙ୍ଘର କାର୍ଯ୍ୟକାରୀ କମିଟି ବୈଠକରେ ଅସନ୍ତୋଷ ପ୍ରକାଶ କରାଯିବା ସହ ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ସରକାର ଯଦି ଦାବୀ ପୂରଣ ନକରନ୍ତି ତେବେ ସବୁ ଜିଲ୍ଲାରେ ଆଉଟସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ମହାସଂଘର ନେତା ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଗତ ମାର୍ଚ୍ଚ ମାସରେ ଆଉଟସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ ଆନ୍ଦୋଳନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ କର୍ମଚାରୀଙ୍କ ପ୍ରତିନିଧିମାନଙ୍କ ସହ ସରକାରଙ୍କ ମନ୍ତ୍ରୀସ୍ତରୀୟ କମିଟି ଆଲୋଚନା କରିଥିଲେ । ପନ୍ଦର ଦିନ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶୃତି ଦେଇଥିଲେ ମଧ ଏଯାଏଁ କାର୍ଯ୍ୟକାରୀ କରାଯାଇନାହିଁ । ଆଜିର କାର୍ଯ୍ୟକାରୀ କମିଟି ବୈଠକରେ ଆବାହକ ପ୍ରତାପ ପ୍ରଧାନ, ମହାସଙ୍ଘର ଜିଲ୍ଲା ସଭାପତି ବିଜୟ କୁମାର ମଲ୍ଲିକ, ଆଦର୍ଶ ବିଦ୍ୟାଳୟ କର୍ମଚାରୀ ରାଜ୍ୟ ନେତା ପ୍ରଶାନ୍ତ ପରିଛା, ବିନାୟକ ପତି, ସଫେଇ କର୍ମଚାରୀ ନେତା ଉତ୍ତମ ନାୟକ, ସାଙ୍ଗଠନିକ ସମ୍ପାଦକ ସୁନୀଲ କୁମାର ଦାସ, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ନେତା ହିମାଂଶୁ ପଟ୍ଟନାୟକ, ବିଚିତ୍ର ସାହୁ, ନମିତା ନାୟକ, ପୂଜା ନାୟକ, ପ୍ରେମାନନ୍ଦ ସାହୁ, ରାହୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


## ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ ପାଇଁ ନିବେଦନ

ମୁଁ ମୋର ସମସ୍ତ ଦେଶବାସୀମାନଙ୍କୁ ବିନମ୍ର ପ୍ରଣାମ ଜଣାଉଛି । ଆନନ୍ଦର କଥା- ଗତ ତା ୩୦.୧.୨୦୨୫ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରୁ 'ଭାରତର ସମସ୍ତ ସ୍କୁଲ ଓ କଲେଜମାନଙ୍କରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ' ଶୀର୍ଷକ ଏକ ସ୍ମାରକପତ୍ର ପଠାଇଥିଲି । ସେ ସହୃଦୟତାର ସହିତ ତାହାକୁ ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬ ସ୍ଥିତ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (National Council of Educational Research & Traning)କୁ ପଠାଇଥିଲେ । ପ୍ରଶିକ୍ଷଣ ପରିଷଦ ମୋ ସ୍ମାରକପତ୍ରର ଯଥାର୍ଥ ଥିଲେ ମଧ ସି.ପି.ଜି.ଏ.ଏସ୍. (CPGAAS)ଙ୍କ ନିୟମ ଅନୁସାରେ ସ୍କୁଲ ଓ କଲେଜମାନଙ୍କରେ ବର୍ତ୍ତମାନ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଚିଠି ନଂ. ୧.୬/୨୦୨୪ ଜି.ଆର୍.ସି. ନଂ- ୩୦୯/୩୧୨ ତା. ୦୯.୦୫.୨୦୨୫ ରିଖରେ ମୋତେ ଜଣାଇଛନ୍ତି । କିନ୍ତୁ ଉକ୍ତ ଚିଠିରେ ମଧ ଉଲ୍ଲେଖ ଅଛି, ଯଦି କୌଣସି ବ୍ୟକ୍ତି ବା ଅଭିଯୋଗକାରୀ ଏଥିରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିବାକୁ ଚାହାନ୍ତି, ତାହାଲେ ସେ ନୂଆଦିଲ୍ଲୀସ୍ଥିତ 'ନିର୍ଦ୍ଦେଶାଳୟ ଜନ ଅଭିଯୋଗ ସଂସ୍ଥାନ (Directorate of Public grievance)ଙ୍କ ସହିତ ଯୋଗାଯୋଗ କରିପାରିବେ' । ଏହି ପରିପ୍ରେକ୍ଷୀରେ ବିକଳ୍ପପନ୍ଥା ସ୍ୱରୂପ ମୋର ସୁଚିନ୍ତିତ ମତାମତ ଦେଇ ନିର୍ଦ୍ଦେଶାଳୟଙ୍କୁ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଁ ଅନୁରୋଧ କରିଛି ।

ସେହି ସୁଚିନ୍ତିତ ମତାମତଟି ହେଲା, ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର ଅଟେ । ଯେଉଁଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନେ ବାସ କରୁଛନ୍ତି ଏବଂ ସେମାନଙ୍କର ପିଲାମାନେ ବିଭିନ୍ନ ସ୍କୁଲ, କଲେଜମାନଙ୍କରେ ଅଧ୍ୟୟନ କରୁଛନ୍ତି । ହୁଏତ ଏହି କାରଣ ଯୋଗୁଁ ଭାରତ ସରକାର ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରିପାରୁନାହାନ୍ତି । ବିଭିନ୍ନ ସମ୍ପ୍ରଦାୟ ମାଧ୍ୟମରେ ନିଜ ନିଜର ଧର୍ମ ଓ ସଂସ୍କୃତିକୁ କେନ୍ଦ୍ରକରି ପ୍ରଚଳିତ ହୋଇଆସୁଥିବା ଆଧ୍ୟାତ୍ମିକ ଶିକ୍ଷା ହିଁ ଏକମାତ୍ର ପନ୍ଥା । ସରକାର ସେହି ବିଭିନ୍ନ ସମ୍ପ୍ରଦାୟମାନଙ୍କ ମାଧ୍ୟମରେ ପ୍ରଚଳିତ ହୋଇଆସୁଥିବା ଆଧ୍ୟାତ୍ମିକ ଶିକ୍ଷାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ୱୀକୃତି ପ୍ରଦାନ କରନ୍ତୁ । ତାହାହେଲେ ଜାତୀୟ ସଂହତି ବଜାୟ ରହିବ । ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହେବ ।



ଦୟାନିଧି ବେହୁରା

ଉଲ୍ଲେଖନୀୟ ଯେ ସ୍କୁଲ, କଲେଜମାନଙ୍କରେ ହେଉ କିମ୍ବା ବିଭିନ୍ନ ସମ୍ପ୍ରଦାୟମାନଙ୍କରେ ହେଉ ଆଧ୍ୟାତ୍ମିକ ଶିକ୍ଷା ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କର ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ସହାୟ ହେବ । ତାହା ନହେଲେ ସେମାନେ ବିଭିନ୍ନ ଅପରାଧ, ଅନ୍ୟାୟ, ଅନୀତି, ଦୁର୍ନୀତି, ଚୋରି ଏପରିକି ବଳାତ୍କାର ଓ ହତ୍ୟାରେ ସମ୍ପୃକ୍ତ ହୋଇ ଦଣ୍ଡିତ ହେବେ ।

ମୋର ଉପରୋକ୍ତ ଅହିଂସାମୂଳକ ଅଭିଯାନ ଚାଲୁ ରହିବ । ଆପଣମାନଙ୍କୁ ଅନୁରୋଧ, ଆପଣମାନେ ମୋର ଅଭିଯାନର ମହତ୍ୱକୁ ଉପଲବ୍ଧି କରି ସମ୍ବାଦପତ୍ରମାନଙ୍କରେ ମତାମତ ଦେଲେ ମୋର ଅଭିଯାନ ସଫଳ ହେବ ।

**ଲେଖକ, ସମାଜସେବୀ, ବରିଷ୍ଠ ନାଗରିକ**
**ନିଉ କଲୋନୀ (ଅପର୍ତ୍ତିବିନ୍ଧା),**
**ପୋ./ଜି.- ଭଦ୍ରକ**
**ମୋ.- ୯୭୭୬୫୨୨୩୦୬**

Advertorial


## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ

ବୁଗୁଡା, (ସବ୍ୟୁ) : ରବିବାର ପୂର୍ବାହ୍ନ ୧୦ ଘଣ୍ଟ ସମୟରେ ପ୍ରାକ୍ତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ପ୍ରସ୍ତାବ କ୍ରମେ ବୁଗୁଡ଼ା ବ୍ଲକ ଓ ଏନ୍ଏସି ବିଜୁ ଜନତା ଦଳ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ଓ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସ୍ଥାନୀୟ ବଳଦେବ ସ୍ୱାମୀ ଏବଂ ବିରଞ୍ଚି ନାରାୟଣ ମନ୍ଦିର ପରିସରରେ ସାମୂହିକ ଦୀପଦାନ ପୂର୍ବକ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକ ସଭାପତି ଖଦାଳ ଖଟେଇ, ନଗର ସଭାପତି କେ.ତ୍ରିଲୋଚନ ଦୋରା, ସମ୍ପାଦକ ଅମରେନ୍ଦ୍ର ସେନାପତି, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାଶ, କବିରାଜ ଗୌଡ, ଜିଲ୍ଲା ପରିଷଦ ସଦସ୍ୟା ସମିତା ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ରାଉତ, କିଶୋର ଚନ୍ଦ୍ର ବେହେରା, ଗୋପୀନାଥ ସ୍ୱାଇଁ, ରାମଚନ୍ଦ୍ର ନାୟକ, ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କ ସମେତ ଅଞ୍ଚଳର ବହୁ ଜନପ୍ରତିନିଧି ଏବଂ ବିଜୁ ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ରହି ନବୀନ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଜିଲ୍ଲାସ୍ତରୀୟ କୁଇଜ୍, ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗର ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ବିଭାଗ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ଉପଲକ୍ଷେ ଜିଲ୍ଲାସ୍ତରୀୟ କୁଇଜ, ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କୁଇଜ ପ୍ରତିଯୋଗିତାରେ ଠାକୁରମୁଣ୍ଡା ବ୍ଲକ ଓଏଭି, ଦିଗଧରର ମୃତ୍ୟୁଞ୍ଜୟ ଦାଶ, ଜାମଦା ବ୍ଲକ ଓଏଭି ପାଶନାର ଶୁଭମ ଶେଖର ଦାସ, କୁସୁମୀ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟବାଡ୍ରାର ଇସ୍ତା ପ୍ରସାଦ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ରାଇରଙ୍ଗପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭେନ୍ଦୁ ସେଠୀ, ଗୋପବନ୍ଧୁ ନଗର ବ୍ଲକ ଓଏଭି, ଟିଟିଆର କ୍ଷୀରୋଦ କୁମାର ନାଏକ, ରସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ହୃଦାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ତମ୍ବାଖୁରୀର ଶ୍ରୀୟାଂଶୁ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି ।

ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ କପ୍ତିପଦା ବ୍ଲକ ଓଏଭି, ଭାଲୁବସାର ତନୁଶ୍ରୀ ମହଲା, ବାରିପଦା ସ୍ଥିତ ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀ ତନୟା ଦାସ, ବାରିପଦା ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚନ୍ଦ୍ରଲେଖା ମାରୀନଗଣ୍ଡି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ବକ୍ତୃତା ପ୍ରତିଯୋଗିତା ରେ ଓଏଭି ମୋରଡା ର ପ୍ରଭୁପଦ ନାୟକ, କୁସୁମୀ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟବାଡ୍ରାର ପୁଷ୍ପାଞ୍ଜଳି ବାରିକ, ସରସକଣା ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଝାରପୋଖରୀଆ ର ଅଙ୍କନପ୍ରଭା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ଏହି ପ୍ରତିଯୋଗିତାକୁ ବାରିପଦା ଉପଖଣ୍ଡ ଅବକାରୀ ବିଭାଗର ଉପଅଧୀକ୍ଷକ ତପସ୍ୱିନୀ ନାଏକ ଓ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ବିଭାଗର ଉପଅଧୀକ୍ଷକ ସୌମ୍ୟରଞ୍ଜନ ବେହେରା ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରତିଯୋଗିତା ଗୁଡିକୁ ଉଦଘାଟନ କରିଥିଲେ । ପରିଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ବାରିପଦା ରେଞ୍ଜ ନିରୀକ୍ଷକ ସ୍ୱପ୍ନାରାଣୀ ସାହୁ, ମୋବାଇଲ ବିଭାଗ -୧ ନିରୀକ୍ଷକ ଶ୍ରୀଧର ମହାନ୍ତି, ରାଇରଙ୍ଗପୁର ରେଞ୍ଜ ନିରୀକ୍ଷକ ବିନୟ ପ୍ରକାଶ ଟୀର୍କୀ, କରଞ୍ଜିଆ ରେଞ୍ଜ ନିରୀକ୍ଷକ ସଞ୍ଜୟ କୁମାର କାଣ୍ଡି, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ରଜ ମଲ୍ଲିକ, କରଞ୍ଜିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମି ରଞ୍ଜନ ନାଏକ, ବେତନଟୀ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ସାହୁ, ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ, ଠାକୁରମୁଣ୍ଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭାରତୀ ନାୟକ, ଉଦଳା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭଦର୍ଶନୀ ସାହୁ, ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବର ଯୋଗ ଦେଇଥିଲେ । ଜିଲ୍ଲା ଅବକାରୀ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ବିଚାରକ ଭାବେ ଶିକ୍ଷକ ମହେନ୍ଦ୍ର ନାଥ ଦଣ୍ଡପାଟ, ବସନ୍ତ ଦତ୍ତ, ନୟନ କୁମାର ଗିରି, ଦୀପକ ରାମ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ମୌସୁମୀ ଦୀକ୍ଷିତ, ଜ୍ୟୋତି କର୍ମକାର ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜକ ବିଦ୍ୟାଳୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ରାଜୀବ ଲୋଚନ ଜେନା, ଶାନ୍ତନୁ ଦାସ, ପ୍ରବୀଣ କୁମାର ଚାନ୍ଦ, ଅର୍ଜୁନ କୁମାର ଜେନା, ମୃତ୍ୟୁଞ୍ଜୟ ମହାନ୍ତ ଓ ସ୍ମୃତି ରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡାପଡା ତହସିଲଦାରଙ୍କ ମନମୁଖୀ କାର୍ଯ୍ୟ, ଗୁଣ୍ଡିଚାମନ୍ଦିର ରାସ୍ତା କାର୍ଯ୍ୟ ବନ୍ଦ

ଓଡାପଡା, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲଦାରଙ୍କ ମନମାନି ଯୋଗୁଁ ରାସ୍ତା କାର୍ଯ୍ୟ ବନ୍ଦ ହୋଇପଡିଥିବାର ଜଣାପଡିଛି । ହିନ୍ଦୋଳ ରୋଡ ବଜାର ମଧ୍ୟରେ ଥିବା ଗୁଣ୍ଡିଚା ମନ୍ଦିର ପାର୍ଶ୍ୱ ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ତହସିଲଦାରଙ୍କ ଯୋଗୁ କାର୍ଯ୍ୟ ବନ୍ଦ ହୋଇ ଯାଇଥିବା ଜଣାପଡିଛି । ଖବର ନେବାରେ ଜଣାଗଲା ଯେ ହିନ୍ଦୋଳ ରୋଡ ତହସିଲଦାର ମହାଶୟ ରାସ୍ତା ନିର୍ମାଣ କାର୍ଯ୍ୟ ରେ ବାଧକ ସାଜିଛନ୍ତି । ହିନ୍ଦୋଳ ରୋଡ ବଜାର ମଧ୍ୟରେ ଥିବା ମାଉସୀ ମା ମନ୍ଦିରକୁ ପ୍ରବେଶ କରିବା ପାଇଁ ଯେଉଁ ରାସ୍ତା ରହିଛି ତାହା ସରକାରୀ ଜମି ଉପରେ ରହିଛି । ରଥଯାତ୍ରା ସମୟରେ ଯାତାୟାତରେ ସମସ୍ୟା ସୃଷ୍ଟି କରିଥାଏ । ଏଣୁ ମନ୍ଦିରକୁ ଯିବା ଆସିବା କରିବା ପାଇଁ ଏକ ପକ୍କା ରାସ୍ତା ପାଇଁ ରଥଯାତ୍ରା ପ୍ରସ୍ତୁତି ବୈଠକରେ ସଭ୍ୟମାନେ ଦାବି ଜଣାଇଥିଲେ ।



ଏହି ଦାବିକୁ ବୈଠକରେ ଉପସ୍ଥିତ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ଚଳିତ ବର୍ଷ ରାସ୍ତା ନିର୍ମାଣ ନିମନ୍ତେ ଦୁଇ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଜମି ଟ୍ରେସ ମ୍ୟାପ ଯୋଗାଇ ଦେବାକୁ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂଖ୍ୟା ୫୬୭ ତା ୫.୨.୨୫ ରିଖ ଦ୍ୱାରା ଓଡ଼ାପଡ଼ା ତହସିଲଦାରଙ୍କୁ ଜଣାଇ ଦିଆଯାଉଥିଲା । କିନ୍ତୁ ତହସିଲଦାର ଆଜି ପର୍ଯ୍ୟନ୍ତ ଟ୍ରେସ ମ୍ୟାପ ଯୋଗାଇ ଦେଲେ ନାହିଁ ଯାହା ଫଳରେ ରାସ୍ତା କାର୍ଯ୍ୟ ବନ୍ଦ ରହିଛି ।

ଏ ସମ୍ପର୍କରେ ଗତ ୧୭ ତାରିଖ ଦିନ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ଠାରେ ବସିଥିବା ରଥଯାତ୍ରା ପ୍ରସ୍ତୁତି ବୈଠକରେ ସଭ୍ୟ ମାନେ କେଉଁ କାରଣରୁ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି ତହସିଲଦାର ମନୋଜ କୁମାର ମାଝୀଙ୍କୁ ପ୍ରଶ୍ନ ପଚାରିଥିଲେ । ଏହାର ଉତ୍ତରରେ ତହସିଦାର ମନୋଜ କୁମାର ମାଝୀ କହିଥିଲେ କି ଆମ ପାଖରେ ନକ୍ସା ନାହିଁ ଏଣୁ ଜମି ମାପି ପାରୁନାହିଁ ଏବଂ ପୋଲିସ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହାର ଉତ୍ତରରେ ସଭ୍ୟ ମାନେ ପ୍ରଶ୍ନ ପଚାରିଥିଲେ କି ଜମି ତହସିଲଦାର ମାପିବେ ନା ପୋଲିସ୍ ମାପିବେ ଏହାର ଉତ୍ତର ତହସିଲଦାର ଦେଇ ପାରିନଥିଲେ ଫଳରେ ସଭ୍ୟ ମାନେ ଅସନ୍ତୋଷ ବ୍ୟକ୍ତ କରି ବୈଠକରୁ ଉଠି ଚାଲି ଯାଇଥିଲେ । ଏହାର କିଛି ସମୟ ପରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ହସ୍ତକ୍ଷେପ ପରେ ଏବଂ ବୈଠକରେ ଉପସ୍ଥିତ ଥିବା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଦୁଇ ଦିନ ମଧ୍ୟରେ ଏହାର ସମାଧାନ କରିବା ପାଇଁ ପ୍ରତିଶୃତି ଦେବାପରେ ସଭ୍ୟ ମାନେ ବୈଠକରେ ଯୋଗ ଦେଇଥିଲେ । ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କରାନଗଲେ ମାଉସୀ ମା ମନ୍ଦିରକୁ ଠାକୁରଙ୍କୁ ପହଣ୍ଡି କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ବାଧାସୃଷ୍ଟି ହେବ ବୋଲି ସଭ୍ୟ ମାନେ ଅଭିଯୋଗ କରିଛନ୍ତି ।

ତୁରନ୍ତ ରାସ୍ତା କାର୍ଯ୍ୟ କରାନଗଲେ ହିନ୍ଦୋଳ ରୋଡ ବଜାର କମିଟି ରଥଯାତ୍ରାରେ ସହଯୋଗ କରିବେ ନାହିଁ ବୋଲି ସଭାପତି ବିଶ୍ୱଜିତ ଦେହୁରୀଙ୍କ ସହିତ ପରିଚାଳନା କମିଟି ସଦସ୍ୟ ରଣଜିତ ନାୟକ, ରବିନାରାୟଣ ବେହେରା, ଅନନ୍ତ ଚରଣ ସାହୁଙ୍କ ସହିତ ଅନ୍ୟାନ୍ୟ ସଭ୍ୟ ମାନେ ଚେତାବନୀ ଦେଇଛନ୍ତି ।

## ଅନ୍ତର୍ଜାତୀୟ ଯୋଗ ଦିବସ

# ଚଳିତବର୍ଷର ବାର୍ତ୍ତା ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ



ଅନୁଗୋଳ, (ସବ୍ୟୁ): ଜିଲ୍ଲାସ୍ତରୀୟ ଏକାଦଶତମ ଆନ୍ତଃର୍ଜାତୀୟ ଯୋଗ ଦିବସ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ପାଳିତ ହୋଇଯାଇଛି। ଏହି ସାମୁହିକ ଯୋଗାଭ୍ୟାସରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଏଥିରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଅଗସ୍ତି ବେହେରା, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ପ୍ରମୁଖ ଉପସ୍ଥିତ ଥିଲେ ।

ଯୋଗ ଓ ପ୍ରାଣାୟାମ ଶରୀର ଓ ମନଙ୍କୁ ସୁସ୍ଥ ରଖିବା ସହ ଏକ ନିରୋଗ ଜୀବନଯାପନ କରିବାରେ ସହାୟକ ହୋଇଥାଏ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ଏହା ପରେ ପତଞ୍ଜଳୀ ଯୋଗ ସମିତିର ସଭାପତି ତଥା ଯୋଗଗୁରୁ ଅଭୟ ରାଏଙ୍କ ସହଯୋଗରେ ବିଭିନ୍ନ ଯୋଗାସନ ଅଭ୍ୟାସ କରାଯାଇଥିଲା । ପରେ ମନ୍ତ୍ରୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ଯୋଗ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଏକ ସୁସ୍ଥ ଜୀବନଚର୍ଯ୍ୟା ପାଇଁ ପ୍ରତ୍ୟେକ ବ୍ୟକ୍ତି ଯୋଗ ଅଭ୍ୟାସ କରିବା ଦରକାର ଏବଂ ଯୋଗ ଅଭ୍ୟାସର ଉପକାରିତା ସବୁ ବର୍ଗର ଲୋକଙ୍କ ପାଇଁ ଲାଭ ଦାୟକ ବୋଲି କହିଥିଲେ । ସୂଚନା ଥାଉକି ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦ ନିଷ୍ପତିକ୍ରମେ ୨୦୧୫ ମସିହାରୁ ଯୋଗ ଦିବସ ପାଳିତ ହୋଇଆସୁଅଛି। ଏହି କାର୍ଯ୍ୟକ୍ରମରେ ଦେବଦତ୍ତ ମହନ୍ତ, ପଦ୍ମନାଭ ସାମନ୍ତରାୟ, ମାୟାଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଦିବସ ଜିଲ୍ଲାର ସମସ୍ତ ବ୍ଲକ, ଉପଖଣ୍ଡ ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି ।

# ନବୀନଙ୍କ ଆରୋଗ୍ୟ ପାଇଁ କପିଳାସରେ ଦୀପଦାନ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖର ପୀଠରେ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସାମୂହିକ ଦୀପ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଗଁଦିଆ ବ୍ଲକ ଉପାଧ୍ୟକ୍ଷ, ସରପଞ୍ଚଙ୍କ ସହିତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

ଏହି ପରିପ୍ରେକ୍ଷିତରେ ସାମୂହିକ ଦୀପଦାନ କରିବା ସହିତ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ତାଙ୍କର ଆଶୁ ଆରୋଗ୍ୟ କାମନା ସହିତ ଶିଘ୍ର ସୁସ୍ଥ ହୋଇ ଫେରିବା ସହିତ ପୁଣି ଓଡିଶାବାସୀଙ୍କ ସେବା କରନ୍ତୁ ବୋଲି ପୂର୍ବତନ ବିଧାୟକ କହିଥିଲେ। ସମାନ ଭାବରେ ଅର୍ଚ୍ଚନା ପୁହାଣ ଯୋଗଦେଇ ନବୀନ ପଟ୍ଟନାୟକ ଏବେ ବି ଓଡିଶାବାସୀଙ୍କ ପ୍ରିୟ ହୋଇ ରହିଛନ୍ତି ବୋଲି କହିଥିଲେ। ଏଥିରେ ଶହଶହ କର୍ମୀ ଯୋଗ ଦେଇଥିବା ବେଳେ ପୀଠରେ ରାଜନିତୀ ଚର୍ଚ୍ଚା ହୋଇଥିଲା। ଏକ ଧାର୍ମିକ ପୀଠରେ ଦୀପଦାନ କରିବାକୁ ଆସି ଏଭଳି ରାଜନିତୀ ଚର୍ଚ୍ଚାକୁ ନେଇ ସାଧାରଣରେ ନାପସନ୍ଦ କରାଯାଇଛି।

# ନାଲକୋନଗରରେ ଅନ୍ତର୍ଜାତୀୟ ଯୋଗ ଦିବସ

ବଆଁରପାଳ/ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲାରେ ଅବସ୍ଥିତ ନ୍ୟାସନ୍ୟାଲ ଆଲୁମିନିୟମ କମ୍ପାନୀ ଠାରେ ରବିବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପୃଥକ ଭାବେ ୪ଟି ସ୍ଥାନରେ ଆୟୋଜିତ ହୋଇଥିବା ଏହି ୪ଟି ବିଶାଳ ଯୋଗ ଶିବିରରେ କମ୍ପାନୀର ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ, ଠିକା କର୍ମଚାରୀଗଣ, କମ୍ପାନୀରେ କାର୍ଯ୍ୟରତ ଟ୍ରେନି କର୍ମଚାରୀ, ତଥା ଦିଲ୍ଲୀ ପବ୍ଲିକ ସ୍କୁଲ ଓ ସରସ୍ୱତୀ ବିଦ୍ୟା ମନ୍ଦିରର ସମସ୍ତ ଛାତ୍ର – ଛାତ୍ରୀ ଓ ଶିକ୍ଷକ–ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ କମ୍ପାନୀର ସହଯୋଗୀ ସଂସ୍ଥା ଯଥା: ସିଆଇଏସଏଫ ଓ କରଣ ସିଂହ ସୁରକ୍ଷା ସଂସ୍ଥାର କର୍ମଚାରୀ ମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ୧୫୫୦ରୁ ଉର୍ଦ୍ଧ୍ୱ ଯୋଗାଭ୍ୟାସକାରୀ ଅଂଶଗ୍ରହଣ କରିଥିଲେ। ସନ୍ୟାସୀ ଯୋଗେଶ୍ୱରଙ୍କ ନେତୃତ୍ୱରେ ପୃଥକ ଭାବେ ୪ଟି ଯୋଗ ପ୍ରଶିକ୍ଷକଙ୍କ ଟିମ ଦ୍ୱାରା ଏହି ଶିବିରରେ ଯୋଗାଭ୍ୟାସ କରାଯାଇଥିଲା ।

ଏହି ଶିବିରରେ ସ୍କେଲ୍ଟର ଓ ସିପିପି ତଥା ନାଲକୋର ଉତ୍କଳ କୋଇଲା ଖଣିର ବରିଷ୍ଠ ଅଧିକାରୀ ଯଥା: ଇଡ଼ି ଏନଏସ ସୁବ୍ରମନ୍ୟମ, ଜିଜିଏମ ସଚିଦାନନ୍ଦ ଜେନା, ସତ୍ୟବାଦୀ ମିଶ୍ର, ଅକ୍ଷୟ ବେହେରା, ଦିଲ୍ଲୀପ ବାଗ, ପ୍ରଶାନ୍ତ ତ୍ରିପାଠୀ, ପ୍ରଣବ ଦାସ, ଡାଃ ଆଶୁତୋଷ ରାଉଳ ତଥା ଶୁଭେନ୍ଦୁ ନାୟକ ପ୍ରମୁଖ ଅଂଶଗ୍ରହଣ କରି କର୍ମଚାରୀ ମାନଙ୍କୁ ଯୋଗ ପ୍ରତି ଚେତନା ସୃଷ୍ଟି କରାଇବାରେ ସହାୟକ ହୋଇଥିଲେ। ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ 'ଏକ ପେଡ ମା କେ ନାମ' କିମ୍ବା 'ଏକ ବୃକ୍ଷ ଆମ ମାଁଙ୍କ ନାମରେ' ମଧ୍ୟ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବରିଷ୍ଠ ଅଧିକାରୀ ଓ ୟୁନିୟନର କର୍ମକର୍ତ୍ତା ମାନେ ବୃକ୍ଷ ରୋପଣ କରିଥିଲେ। ଜିଜିଏମ ଶୁଭେନ୍ଦୁ ନାୟକଙ୍କ ତତ୍ତ୍ୱାବଧାନରେ ଲୋକସମ୍ପର୍କ ବିଭାଗ ଦ୍ୱାରା ଓ ଅନ୍ୟାନ୍ୟ ବିଭାଗ ଯଥା ଉଦ୍ୟାନ, ଡ଼ିପିଏସ ଓ ଏସଭିଏମ ସ୍କୁଲ ଓ ଟ୍ରେନିଂ ସେଣ୍ଟର ମିଳିତ ପ୍ରୟାସରେ ଆନ୍ତର୍ଜାତୀୟ ଯୋଗ ଦିବସର ସଫଳ ଆୟୋଜନ ହୋଇଥିଲା। ସମୀର ମାଝି, ଲୋକସମ୍ପର୍କ ଅଧିକାରୀ ଏହି ଯୋଗ ଦିବସ ପାଳନରେ ନୋଡାଲ ଅଫିସର ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ ।

# ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡ଼ରେସନର ପ୍ରଥମ ବାର୍ଷିକ ଉତ୍ସବ

ଅନୁଗୋଳ, (ସବ୍ୟୁ): ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡ଼ରେସନର ପ୍ରଥମ ବାର୍ଷିକ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ସଭାଘର ଠାରେ ପାଳିତ ହୋଇଯାଇଛି। ଫେଡ଼ରେସନ ସଭାପତି ମନୋରଞ୍ଜନ ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଅଗସ୍ତି ବେହେରା, ଓଡିଶା ରାଜ୍ୟ ଘରୋଇ ଫେଡ଼ରେସନର ରାଜ୍ୟ ଉପସଭାପତି ସିକତା ଦାସ, ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଆଦର୍ଶ ଇଣ୍ଟରନାସନାଲ ସ୍କୁଲର ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଘରୋଇ ବିଦ୍ୟାଳୟ ଫେଡ଼ରେସନର ରାଜ୍ୟ କାର୍ଯ୍ୟକାରି ସଭାପତି ଡ଼. କରୁଣାକର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଫେଡ଼ରେସନର କାର୍ଯ୍ୟକାରୀ ସଭାପତି ସୁମନ୍ତ ବିଶ୍ୱାଳ ଓ ଉପସଭାପତି ଅଜିତ ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ ।

ମୁଖ୍ୟ ଅତିଥି ପାଲଲହଡା ବିଧାୟକ ଅଶୋକ ମହାନ୍ତି ତାଙ୍କ ଭାଷଣରେ ଘରୋଇ ବିଦ୍ୟାଳୟ ଗୁଡିକ ଅର୍ଥ ଉପାର୍ଜନରେ ମନୋଭାବ ନରଖି ସେବା ମନୋବୃତି ରଖି ଶିକ୍ଷା ଦାନ କରନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରରେ ଅନ୍ୟ ଅତିଥିମାନେ ଘରୋଇ ବିଦ୍ୟାଳୟ ଫେଡ଼ରେସନକୁ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ। ପ୍ରାରମ୍ଭରେ ଫେଡ଼ରେସନ ସଂଯୋଜକ ହରେକୃଷ୍ଣ ପ୍ରଧାନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚରେ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ଆଠଟି ବ୍ଲକରୁ ୩୪୫ଟି ବିଦ୍ୟାଳୟରୁ ୬୨୫ ଜଣ ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଯୋଗ ଦେଇଥିଲେ। ମଞ୍ଚରେ ଅତିଥିମାନେ ଶତାଧିକ ବିଦ୍ୟାଳୟ, ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଉପସଭାପତି ଅଜିତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ ସଂସ୍ପର୍ଶରେ ଜଣେ ମୃତ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଅନ୍ତର୍ଗତ ମୋହନିପାଳ ଗ୍ରାମରେ ବିଦ୍ୟୁତ କରେଣ୍ଟ ଲାଗି ଲମ୍ବୋଦର ପ୍ରଧାନ (ଲେମ୍ବୁ) (୩୫) ନାମକ ଜଣେ ମୃତ ହୋଇଥିବା ଜଣାଯାଇଛି । ଖବର ପାଇ କଣିହାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ଶବ ବ୍ୟବଛେଦ ପାଇଁ ତାଳଚେର ମଣ୍ଡାପାଳ ମେଡିକାଲ ପଠାଇ ତଦନ୍ତ ଚଳାଇଛି । ପ୍ରକାଶ ଯେ, ରବିବାର ଦିନ ଲେମ୍ବୁ ପ୍ରଧାନ (୩୫) ନିଜ ଘର ବାଡ଼ିରେ କୁକୁଡ଼ା ଫାର୍ମକୁ ବିଦ୍ୟୁତ ସଂଯୋଗ କରିବା ପାଇଁ ବାଡ଼ିପଟେ ଥିବା ଲାଟିନ ଘରେ ଲାଗିଥିବା ଏକ ବିଦ୍ୟୁତ ବୋର୍ଡ ତାର ସଂଯୋଗ କରୁଥିବା ବେଳେ କରେଣ୍ଟ ଲାଗି ସେହିଠାରେ ଟଳି ପଡ଼ିଥିଲେ । ପରେ ତାଙ୍କୁ ଚିକିତ୍ସା ପାଇଁ କଣିହାଁ ମେଡିକାଲକୁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ପୋଲିସ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ଆଳତୁମା ନିକଟରେ ଚୋରା ଗଞ୍ଜେଇ ଚାଲାଣ ବେଳେ ଗଞ୍ଜେଇ ବେପାରୀଙ୍କୁ ପୋଲିସ କାବୁ କରିନେଇଛି। ଗଞ୍ଜେଇ ମାଫିଆ ମାନେ ୨୬ କିଲୋ ୧୧୫ ଗ୍ରାମ ଗଞ୍ଜେଇ ନେଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଜଗି ରହି ଏହି ଚଢାଉ କରିଥିଲା। ମୋଟଙ୍ଗା ଥାନା ଅଞ୍ଚଳର ଜିତେନ୍ଦ୍ର ବେହେରା ଛେଣ୍ଡିପଦା ଅଞ୍ଚଳରୁ ଏକ ବସ୍ତାରେ ୨୬ କିଲୋ ୧୧୫ ଗ୍ରାମ ଗଞ୍ଜେଇ ଭର୍ତ୍ତି କରି ବସ ଯୋଗେ ଅନୁଗୁଳରୁ ଯାଜପୁରକୁ ଚୋରାରେ ନେଉଥିଲେ । ଆଳତୁମା ଛକ ନିକଟରେ ବସ ଚେଞ୍ଜ କରି ଅନ୍ୟ ଏକ ବସ ଯୋଗେ ଯାଜପୁର ଯିବାକୁ ବାହାରିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ କାମାକ୍ଷାନଗର ପୋଲିସ ଆଳତୁମା ଛକ ନିକଟରେ ପହଞ୍ଚି ଜିତେନ୍ଦ୍ରକୁ ଗିରଫ କରିବା ସହ ଗଞ୍ଜେଇ ଭର୍ତ୍ତି ବସ୍ତାକୁ ଜବତ କରିଛି । ଗଞ୍ଜେଇର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହୋଇଥିବା ନେଇ କାମାକ୍ଷାନଗର ଥାନା ଅଧିକାରୀ ଆଶିଷ ଜେନା ପ୍ରକାଶ କରିଥିବା ବେଳେ ଜିତେନ୍ଦ୍ରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# ରାସ୍ତା ଅବରୋଧ କଲା ଦନ୍ତା, ଲୋକେ ଆତଙ୍କିତ



ଠାକୁରଗଡ, (ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ଗ୍ରାମରେ ଶନିବାର ଦିନ ଏକ ଦନ୍ତା ହାତୀ ଉପଦ୍ରବ ହୋଇଥିବା ବେଳେ ରବିବାର ଦିନ ଉକ୍ତ ଦନ୍ତା ହାତୀଟି ନାକିଚି–ଉରୁକୁଳା ପୂର୍ତ୍ତ ବିଭାଗ ରାସ୍ତାରେ ଦେଖିବାକୁ ମିଳିଛି। ହାତୀଟି ରାସ୍ତା ଉପରକୁ ପଳାଇ ଆସି ଗର୍ଜନ କରିଥିବାବେଳେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି । ବିଶେଷ କରି ହାତୀ ରାସ୍ତା ମଝିରେ ୨ ଘଣ୍ଟା କାଳ ରହିଥିବା ଯୋଗୁଁ ଗମନା ଗମନ ସମ୍ପୂର୍ଣ୍ଣ ଠପ ହୋଇ ପଡ଼ିଥିଲା ।

ଏପରିକି ହାତୀଟି ରାସ୍ତା ଉପରେ ରହି ବିଭିନ୍ନ ବୃକ୍ଷ ଗୁଡିକକୁ ଭାଙ୍ଗି ନଷ୍ଟ କରିଥିଲା। ହାତୀକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥା ରେ ଥିବା ବେଳେ ହାତୀକୁ ଘଉଡାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏଥିସହ ହାତୀ ଦ୍ୱାରା କ୍ଷତି ହୋଇଥିବା ଚାଷୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଦାବି ହୋଇଛି ।

## ଆବର୍ଜନାମୁକ୍ତ ସ୍ୱଚ୍ଛତା ରଥର ଶୁଭାରମ୍ଭ

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ବଇଣ୍ଡା ଛକ ନିକଟରେ ରବିବାର ଦିନ ଆବର୍ଜନାମୁକ୍ତ ସ୍ୱଚ୍ଛତା ରଥକୁ ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବରେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିସହ ସମସ୍ତ ଅଳିଆ ଗୁଡିକକୁ ଆବର୍ଜନା ସ୍ଥାନରେ ପକାଇବା ପାଇଁ କହିଥିଲେ। ଅନ୍ୟତମ ଅତିଥି ଭାବରେ ଭାଜପା ନେତା ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ, ମାନସ ସାହୁ, ଗିରିଶ ଚନ୍ଦ୍ର ବେହେରା, ରାଜା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ରଥଟି ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ସଚେତନା କରାଇଥିଲା ।

## ଟ୍ରକ୍ ଜବତ, ଚାଳକ ଗିରଫ

ଠାକୁରଗଡ, (ସବ୍ୟୁ) : ହଣ୍ଡପା ପୋଲିସ ଶନିବାର ଦିନ ହଣ୍ଡପା ଅଞ୍ଚଳରେ ଗାଡି ମଟର ଯାଞ୍ଚ କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଗୁଡିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ଟ୍ରକ ଚଲାଉଥିବା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅଞ୍ଚଳର କୃଷ୍ଣ ଚନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ଏଥିସହ ସେ ଚଲାଉଥିବା ଟ୍ରକ ନମ୍ବର (ଓଡି ୦୫ଜେ ୬୨୦୫) କୁ ଜବତ କରିଛି। ପୋଲିସ କହିଛି ଯେ, କୃଷ୍ଣ ଚନ୍ଦ୍ର ମଦ୍ୟପାନ କରି ଦ୍ରୁତ ଗତିରେ ଟ୍ରକ୍ ଚଲାଉଥିବା ବେଳେ ତାଙ୍କୁ ଯାଞ୍ଚ କରାଯାଇ ଗିରଫ କରାଯାଇଥିଲା। ଏନେଇ ୨୧୭/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗ

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ଇଛାପୁର ଗ୍ରାମର ପ୍ରଭାତୀ ମାଝୀଙ୍କୁ ତାଙ୍କ ସ୍ୱାମୀ ମହେନ୍ଦ୍ର ମାଝୀ ଯୌତୁକ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ପ୍ରଭାତୀ ଶନିବାର ଦିନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୨୧୮/୨୫ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ପ୍ରଭାତୀ ୨୦୦୮ ମସିହାରେ ମହେନ୍ଦ୍ରଙ୍କ ସହ ବୈଦିକ ରୀତିରେ ବିବାହ କରିଥିଲେ। ସେହି ସମୟରେ ପ୍ରଭାତୀଙ୍କ ପରିବାର ଲୋକେ ତାଙ୍କ ସକ୍ଷମ ଅନୁଯାୟୀ ତାଙ୍କୁ ଯୌତୁକ ଦେବା ସହ ବିଭିନ୍ନ ଅସାବାପତ୍ର ଦେଇଥିଲେ। ହେଲେ ମହେନ୍ଦ୍ର କିଛି ଦିନ ହେବ କୌଣସି କାରଣ ନଥାଇ ତାଙ୍କୁ ମାଡ଼ ମାରୁଛନ୍ତି । ଏପରିକି ତାଙ୍କୁ ତାଙ୍କ ଘରୁ ଅଧିକ ଟଙ୍କା ଆଣିବା ପାଇଁ କହିବା ସହ ତାଙ୍କୁ ଏକ ଛୁରୀ ସାହାଯ୍ୟରେ ଆକ୍ରମଣ କରିଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।

## ମହିଳାଙ୍କୁ ହତ୍ୟା ଧମକ

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ଗୁଣ୍ଡୁରୀଝରଣ ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମରେ କାମ କରୁଥିବା ବାଗେଡିଆ ଥାନା ଖମାର ଗ୍ରାମର ଶୋଭାଙ୍ଗିନୀ ସାହୁଙ୍କୁ ସେହି ଖମାର ଅଞ୍ଚଳର ପ୍ରତାପ ବେହେରା ହତ୍ୟା ଧମକ ଦେଉଥିବା ସହ ଗାଳି ଗୁଲଜ କରୁଥିବା ମହିଳା ଜଣଙ୍କ ହଣ୍ଡପା ଥାନାରେ ଶନିବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୨୧୬/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ଯେ, ଶୋଭାଙ୍ଗିନୀ ଗୁଣ୍ଡୁରୀଝରଣ ଗ୍ରାମରେ ଏକ ଫାର୍ମରେ କାମ କରୁଛନ୍ତି। ହେଲେ ଉକ୍ତ ଫାର୍ମକୁ ପ୍ରତାପ ଆସି କୌଣସି କାରଣ ନଥାଇ ତାଙ୍କୁ ଗାଳି ଗୁଲଜ କରିବା ସହ ତାଙ୍କ ସ୍ୱାମୀ ଓ ତାଙ୍କୁ ହତ୍ୟା କରିବା ପାଇଁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ମୋବାଇଲକୁ ବିଭିନ୍ନ ମୋବାଇଲରୁ କଲ କରି ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି । ପୋଲିସ ଏନେଇ ତଦନ୍ତ ଚଳାଇଥିବା କହିଛି ।

## ବ୍ଲକସ୍ତରୀୟ ଯୋଗ ଦିବସ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ନିମନ୍ତେ ଯୋଗ ନିତ୍ୟାନ୍ତ ଆବଶ୍ୟକ । ଉକ୍ତ ଦିବସରେ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ଏସଏସଭିଏମ ଦୀପଶିଖାର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ତ୍ରିପାଠୀ, ସ୍ୱାମୀ ନାରାୟଣ ନନ୍ଦ, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ କଣିହାଁ ମଣ୍ଡଳ ପ୍ରଭାରୀ ଲକ୍ଷ୍ମୀଧର ବିଶ୍ୱାଳ, ସ୍ୱୟଂ ସେବକ ସଂଘର ସଦସ୍ୟ ପବିତ୍ର ମୋହନ ସାହୁ, ଅଶୋକ ସାହୁ, ଭୁବନ ବେହେରା, ବ୍ଲକର ସମସ୍ତ କର୍ମଚାରୀ ଏବଂ ବ୍ଲକ ସ୍ତରର ବିଭିନ୍ନ ବିଭାଗର କର୍ମଚାରୀ, ଦୀପଶିଖାର ଛାତ୍ରମାନେ ଏବଂ ସ୍ୱୟଂ ସେବକ ସଂଘର ଅନ୍ୟ ସଦସ୍ୟମାନେ ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ଯୋଗ ଗୁରୁ ବିଚିତ୍ରାନନ୍ଦ ସାହୁ ଏବଂ ସୁଶିଲ ସାହୁ ସମସ୍ତଙ୍କୁ ଯୋଗ ଅଭ୍ୟାସ କରାଇଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ କର୍ଣ୍ଣପାଳ ପଞ୍ଚାୟତ ଠାରେ ଥିବା ମା'ଲୁଧୁଣୀ ମନ୍ଦିରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ସମୂହ ଦ୍ୱୀପ ଦାନ ଓ ପୂଜାର୍ଚ୍ଚନା କରାଯାଇଛି।

ପୂର୍ବତନ ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶ କ୍ରମେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅପରେସନର ସଫଳତା କାମନା, ସୁସ୍ଥ ହୋଇ ଓଡ଼ିଶା ଫେରି ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ମା'ଙ୍କ ନିକଟରେ ସମୂହ ଦୀପଦାନ ସହିତ ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି କଣିହାଁ ବ୍ଲକ ସମସ୍ତ ପଞ୍ଚାୟତ ସଭାପତି ନିଜ ନିଜ ପଞ୍ଚାୟତରେ ଥିବା ଦେବା, ଦେବୀ ମନ୍ଦିର ସମୂହ ଦୀପଦାନ କରିଛନ୍ତି।

ଏହି କାର୍ଯ୍ୟକ୍ରମକୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ପୂର୍ବତନ ଯୁବ ସଭାପତି ସୁବାସ ମହାନ୍ତି ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ଣ୍ଣପାଳ ପଞ୍ଚାୟତ ବିଜେଡି ସଭାପତି ଦେବରାଜ ପ୍ରଧାନ, ପରାବିଲ ସଭାପତି ବିରଞ୍ଚି ନାରାୟଣ ସାହୁ, ବିରୁ ସଭାପତି ଅବନୀକାନ୍ତ ଦେହୁରୀ, କୁଲେଇ ସଭାପତି ସତ୍ୟାନନ୍ଦ ଗଡ଼ନାୟକ, ଅର୍କୀଳ ସଭାପତି ଶିବପ୍ରସାଦ ବେହେରା, କରୁଣାକର ପ୍ରଧାନ, ଧ୍ରୁବ ଚରଣ ବିଶ୍ୱାଳ, ରବିଚନ୍ଦ୍ର ରାଉତ, ଗକୁଳ ପ୍ରଧାନ, ହର୍ଷ ପ୍ରଧାନ, ପ୍ରଦୀପ ସାମଲ ଅଜିତ ସାମଲ ଶିବରାମ ପ୍ରଧାନ ପ୍ରମୁଖ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ ।

# ଅସହାୟ ମହିଳାଙ୍କୁ ହିଙ୍ଗୁଳା ପାଠାଗାର ପକ୍ଷରୁ ସହାୟତା ପ୍ରଦାନ



ସାଉଥବଲଣ୍ଡା, (ସବ୍ୟୁ): ତାଳଚେର ବ୍ଲକ କଳମଚ୍ଛୁଇଁ ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା ହିଙ୍ଗୁଳା ପାଠାଗାର ପକ୍ଷରୁ ଗୋଟିଏ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ତାଳଚେର ପୌରାଞ୍ଚଳର ୧୦ ନମ୍ବର ୱାର୍ଡରେ ବାସ କରୁଥିବା ଅସହାୟ ବିଧବା ମହିଳା ବବି ବେହେରାଙ୍କ ମାଆଙ୍କର ମୃତ୍ୟୁ ହେବାରୁ ଶୁଦ୍ଧିକ୍ରିୟା ନିମନ୍ତେ ତାଙ୍କ ପାଖରେ ଆବଶ୍ୟକ ସମ୍ବଳ ନଥିଲା । ପର ଘରେ ବାସନ ମାଜି ସେ କଷ୍ଟମଷ୍ଟେ ନିଜ ଦୁଇ ନାବାଳକ ଶିଶୁ ପୁଅ ଝିଅଙ୍କୁ ନେଇ ନିଜର ଗୁଜୁରାଣ ମେଣ୍ଟାଉଥିଲେ । ଏଭଳିସ୍ଥଳେ ମାଆଙ୍କ ଶୁଦ୍ଧିକ୍ରିୟା ପାଇଁ ସେ ଅସମର୍ଥ ଥିବାର ଖବର ପାଇ ମା ହିଙ୍ଗୁଳା ପାଠାଗାର ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଥିଲା।

ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ସନ୍ଦୀପ କୁମାର ସାହୁ ଓ ସ୍ୱେଚ୍ଛାସେବୀ ବାପି ମହାନ୍ତି ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଚାଉଳ, ଡାଲି, ତେଲ ପ୍ରଭୃତି ଖାଦ୍ୟ ସାମଗ୍ରୀ ସହ ଲୁଗା, ଶାଢୀ, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରଦାନ କରିଥିଲେ । ମା ହିଙ୍ଗୁଳା ପାଠାଗାର ପକ୍ଷରୁ ଜଣେ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଥିବାରୁ ସର୍ବସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

# ରାସୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ପାଇଁ ଦାବି ଜୋର ଧରିଲା

ରାସୋଳ, (ସବ୍ୟୁ): ହିନ୍ଦୋଳ ଉପଖଣ୍ଡର ରାସୋଳ ପୁରୁଣା କଟକ ସମ୍ବଲପୁର ରାସ୍ତା ପାର୍ଶ୍ୱରେ ଥିବାବେଳେ ଏହା ସମଗ୍ର ଉପଖଣ୍ଡର ରାଜନୈତିକ, ବାଣିଜ୍ୟିକ ଓ ସାମାଜିକ ପେଣ୍ଠ ସ୍ଥଳ ଅଟେ। ଏଥି ସହ ଏହା ଜିଲ୍ଲାର ସର୍ବ ବୃହତ ପଞ୍ଚାୟତ ଅଟେ। କିଛି ଦିନ ପୂର୍ବେ କେନ୍ଦ୍ର ସରକାରଙ୍କ ଦ୍ୱାରା ରାସୋଳ ଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ କେନ୍ଦ୍ରୀୟ ଟିମ୍ ଦ୍ୱାରା ସ୍ଥାନ ନିରୂପଣ କରାଯାଇ ଏହା ଅସ୍ଥାୟୀ ରୂପେ କଳିଙ୍ଗାପାଳ ଉଚ୍ଚ ବିଦ୍ୟାଳୟ ଠାରେ ଚାଲିବା ପାଇଁ ସୂଚିତ କରାଯାଇଥିଲା। ମାତ୍ର ବିଡମ୍ବନାର ବିଷୟ କିଛି ଦିନ ପୂର୍ବେ ସଦର ମହକୁମାରେ ଏହା କରିବା ପାଇଁ ଦାବୀ ଉଠିଥିଲା। ଏହାକୁ ବିରୋଧ କରି ଆଜି ରାସୋଳ ବିକାଶ ପରିଷଦ ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ତଥା ଶିକ୍ଷାବିତ ମହେନ୍ଦ୍ର ମିଶ୍ରଙ୍କ ପୌରହିତ୍ୟରେ ସ୍ଥାନୀୟ କୁମାର କ୍ଲବ୍ ସମ୍ମିଳନୀ କକ୍ଷରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ପନ୍ଦର ଗୋଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ, କୁମାର କ୍ଲବ୍, ସନରାଇଜ୍ କ୍ଲବ୍, ମୁନ ଲାଇଟକ୍ଲବ୍, ବରିଷ୍ଠ ନାଗରିକ ମଞ୍ଚ, ବିଷ୍ଣୁ ବଜାର, ଗଣେଷ ବଜାର ଓ ଲକ୍ଷ୍ମୀ ବଜାରର କର୍ମକର୍ତ୍ତା , ବୁଦ୍ଧିଜୀବୀ ଓ ଯୁବ ଗୋଷ୍ଠୀ ମାନେ ଯୋଗ ଦେଇଥିଲେ। ସୂଚନା ଥାଉ କି ଏହି ଅଞ୍ଚଳ ଉପରେ ଆଖପାଖ ଅଞ୍ଚଳର ପନ୍ଦର ଗୋଟି ପଞ୍ଚାୟତର ଦୁଇ ଲକ୍ଷରୁ ଅଧିକ ଲୋକ ନିର୍ଭର କରିଥାନ୍ତି। ଏଠାରେ ଭଲ ଉଚ୍ଚ ଶିକ୍ଷାନୁଷ୍ଠନ ନାହିଁ। ରାସୋଳ ଠାରେ ଏହି କେନ୍ଦ୍ରୀୟ ବିଦ୍ୟାଳୟ ହେଲେ ଉଡାପଡା ବ୍ଲକର ପ୍ରାୟ ସାତଟି ପଞ୍ଚାୟତ ମଧ ଏହାର ସୁଫଳ ପାଇପାରିବେ । ବିଗତ ଦିନରେ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି। ସ୍ୱାଧୀନତା ପର ଠାରୁ ହିନ୍ଦୋଳ ସଦର ମହକୁମା ରେ ବ୍ଲକ୍, ତହସିଲ କାର୍ଯ୍ୟାଳୟ, ଉପଖଣ୍ଡ ଚିକିତ୍ସାଳୟ, କଚେରୀ, କଲେଜ ଓ ଇନ୍‌ଡୋର ଷ୍ଟାଡିୟମ୍ କରାଯାଇ ଅନ୍ୟ ଅଞ୍ଚଳକୁ ଅଣଦେଖା କରାଯାଇଛି। ଏଣୁ ମଞ୍ଜୁର ପ୍ରାପ୍ତ କେନ୍ଦ୍ରୀୟ ବିଦ୍ୟାଳୟକୁ ରାସୋଳ ଠାରେ କରା ନଗଲେ ଏହା ସ୍ଥାନୀୟ ଅଞ୍ଚଳ ପାଇଁ ଅନ୍ୟାୟ ହେବ ବୋଲି ବୁଦ୍ଧିଜିବୀ ମାନେ ମତ ପ୍ରକାଶ କରିବା ସହ ଏହି ମର୍ମରେ ରାଜ୍ୟ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପଠାଇଥିବାର ଜଣାଯାଇଛି । ଏହି ବୈଠକରେ ଦଣ୍ଡରୀ ସରପଞ୍ଚ ଦୁଷ୍ମନ୍ତି ପ୍ରଧାନ, ରାସୋଳ ସରପଞ୍ଚ ଦିବାକର ନାୟକ, କଳିଙ୍ଗା ସରପଞ୍ଚ ତପସ୍ୱିନୀ ପତି, ସମିତି ସଭ୍ୟ ତଥା ବ୍ଲକ୍ ଉପାଧ୍ୟକ୍ଷ ବରୁଣ ସର, ଚିତ୍ତଳପୁର ସରପଞ୍ଚ ମାମିନା ସେଠି, ନବକିଶୋର ସରପଞ୍ଚ ରୋଜାଲିନ ସାମଲ, ଖଲିବୋରେଇ ସରପଞ୍ଚ ଗୟାଧର ନାୟକ,କୁନୁଆଁ ସରପଞ୍ଚ ଜୟନ୍ତୀ ସାମଲ, ବମ୍ପା ସରପଞ୍ଚ ପ୍ରଭାସ ସାହୁ, ବୁହାଳିପାଳ ସରପଞ୍ଚ ଉଷାରାଣି ପ୍ରଧାନଙ୍କ ସମେତ ବହୁ ଯୁବ ନେତା ଯୋଗ ଦେଇଥିଲେ ।

## ବଙ୍ଗୋପସାଗରରେ ବୁଡ଼ିଲା ଦୁଇ ମାଛଧରା ଟ୍ରଲର : ୨୯ ମତ୍ସ୍ୟଜୀବୀ ଉଦ୍ଧାର

ଭୋଗରାଇ,(ସବ୍ୟୁ) ବଙ୍ଗୋପସାଗରର ଉତ୍ତାଳ ଥିବାରୁ ଭଳିସି ଧରିବାକୁ ଯାଉଥିବା ଦୀଘା ସମୁଦ୍ରଠାରୁ ୧୦୦ ମାଇଲ ଦୂର ଜମ୍ବୁ ଦ୍ୱୀପ ନିକଟରେ ୨ଟି ବଙ୍ଗୀୟ ମାଛ ଧରା ଟ୍ରଲର ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମୁଦ୍ର ଗର୍ଭରେ ଟ୍ରଲର ୨ଟି ବୁଡ଼ିଯାଉଥିବା ସୂଚନା ପାଇ ମଝି ସମୁଦ୍ରରୁ ଅନ୍ୟ ଏକ ଟ୍ରଲର ୨ ଟ୍ରଲରରୁ ୨୯ ଜଣଙ୍କୁ ଉଦ୍ଧାର କରି କୂଳକୁ ଆଣିବା ସହିତ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। ସମସ୍ତ ବଙ୍ଗୀୟ ମତ୍ସ୍ୟଜୀବୀ ସୁସ୍ଥ ଥିବା ଜଣାପଡ଼ିଛି। ସୂତ୍ରାନୁଯାୟୀ, ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଜମ୍ବୁଦ୍ୱୀପ ନିକଟରେ ସାଗିଲା ଓ ମା' ଦୁର୍ଗା ନାମକ ଦୁଇଟି ଟ୍ରଲର ଭଳିସି ମାଛ ଧରିବାକୁ ଯାଇଥିଲେ। ସେଠାରେ ମାଛ ମାରି ମଝି ସମୁଦ୍ରରୁ କୂଳକୁ ଫେରୁଥିବା ବେଳେ ସମୁଦ୍ର ଉତ୍ତାଳ ଥିବାରୁ ଦୁଇଟି ଯାକ ଓଲଟି ଯାଇଥିଲା। ଏହା ଦ୍ୱାରା ଦୁଇଟି ଟ୍ରଲରରେ ଥିବା ୨୯ ଜଣ ମତ୍ସ୍ୟଜୀବୀ ବୁଡ଼ି ଯାଇଥିଲେ। ଖବର ପାଇ ଅନ୍ୟ ଏକ ଟ୍ରଲର ଯାଇ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ଗତ ଶୁକ୍ରବାର ନାମଖାନାରୁ ଭଲଗା ମାଛ ଧରିବା ପାଇଁ ସେମାନେ ଟ୍ରଲର ବାହାରିଥିଲେ। କାଲି ଫେରୁଥିବା ସମୟରେ ହଠାତ୍ ଏଭଳି ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିଲେ।

## ସୁବର୍ଣ୍ଣରେଖା ବନ୍ୟା : କମୁଛି ପାଣି, ବଢୁଛି ଦୁର୍ଦ୍ଦଶା
# ଭାସିଯାଇଥିବା ଯୁବକଙ୍କ ଶବ ଉଦ୍ଧାର



ଭୋଗରାଇ,(ସବ୍ୟୁ) :ସୁବର୍ଣ୍ଣରେଖା ଉପରମୁଣ୍ଡାରେ ବର୍ଷା କମିଥିବାବେଳେ ଗାଲୁଡ଼ିହି ବନ୍ଧାରାଜ୍ୟ ସମସ୍ତ ଗେଟ ବନ୍ଦ ହୋଇଥିବାର ସି ଡବ୍ଲୁ ସି ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖାର ରାଜଘାଟ ଗେଜ ଠାରେ ବନ୍ୟାଜଳ ଧାରେ ଧାରେ ହ୍ରାସପାଇ ସନ୍ଧ୍ୟା ସୂଚନା ୯.୪ ୫ ମି ରହେ ସମୁଦ୍ରକୁ ପ୍ରବାହିତ ହେଉଛି। ଗତ ଶନିବାର ବନ୍ୟାସ୍ରୋତରେ ଭାସିଯାଇଥିବା ଭୋଗରାଇ ବ୍ଲକ କୁଲ୍ଲା ଗ୍ରାମର ମହେଶ୍ୱର ପିଙ୍କା (୨୨) ରବିବାର ବାଲିଆପାଳ ବ୍ଲକ କାମଳୁଆ ଠାରେ ଏକ ଖାଲରେ ମୃତାବସ୍ଥାରେ ଅଗ୍ନିଶମ ଟିମ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଛି। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ ଯୁବକଙ୍କ ଶବ ବ୍ୟବଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ୩ ଦିନ ବନ୍ୟା ପାଣିରେ ବାଲିଆପାଳ ଓ ଭୋଗରାଇ ବ୍ଲକର ନଦୀକୂଳିଆ ଗାଁ ଗୁଡ଼ିକ ଏବେବି ପାଣିଘେରରେ ରହିଥିବାବେଳେ ଉଲ୍ଲଡ଼ା, ଦଦ୍ଧମୁଣ୍ଡା, ଆଉଗାଦହୀ, ଖରିଟପିମନ, ନଥିପୁର, ମନ୍ଦୁନଗର, ମଙ୍ଗଳ ନଗର ପାଟଣା, ରୁଡ଼ାପାନ, ସନ୍ତୋଷପୁର, କୁହୁରୀ, ନାଛିଦା, କୁଣ୍ଡୁଡା, ବଧିଆ, ପୁରୁଷୋତ୍ତମପୁର, ରାମଦେଇକ, କୃଷ୍ଣ ନଗର, ଜବଗାଁ, ଗୁଡ୍ଡହିଆ, ନାଟପୁରା, ଦିରକୁଳା,ଖାକାଡାହିଆ, ବାର୍ଣ୍ଣଣଖଣା, କୁମ୍ଭୀର ଗଡ଼ି, ନାନକାର, ଚାଉହା, ଚକ ପାରୁଲିଆ,କୁଜିଦା, ପ୍ରଭୃତି ଗାଁ ଗୁଡ଼ିକରେ ବନ୍ୟାପାଣି କମୁଥିବାରୁ ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ମନ୍ଦୁନଗର ଗାଁ ର ୭ ଶହ ପରିବାର ଏବେବି ବାନ୍ଧରେ ରହୁଛନ୍ତି ବିଚ୍ଛିନ୍ନ ରହିଛନ୍ତି ।ବନ୍ୟାପ୍ଲାବିତ ଗାଁ ଗୁଡ଼ିକରେ ଅଦ୍ୟାବଧି ଲୋକେ ମାଟିଘର ଓ ଭଙ୍ଗାଘର ଛାଡ଼ି ପିଲାଛୁଆ ନେଇଁ ଅନ୍ୟ ଘରେ ଦୟନୀୟବସ୍ଥାରେ ଜୀବନଯାପନ କରୁଛନ୍ତି । ଗାଁ ଗୁଡ଼ିକରେ ନଳକୂପ ବୁଡ଼ି ଯାଇଥିବାବେଳେ ବିଶୁଦ୍ଧ ପାନୀୟ ଜଳର ସଙ୍କଟ ଦେଖାଦେଇଛି ।ଗୋବାଦୀ ପଶୁଙ୍କ ଅବସ୍ଥା ଶୋଚନୀୟ ହୋଇଥିବାବେଳେ ଏବେବି ଚଉଁଆ ଗାଁ ଗୁଡ଼ିକରେ ବନ୍ୟାପାଣି ରାସ୍ତା ଉପରେ ଆଣ୍ଠୁଏରୁ ଅଣ୍ଟାଯାଏ ସ୍ରୋତ ଛୁଟୁଛି ।ଅଦ୍ୟାବଧି ଜିଲ୍ଲା କିମ୍ବା ବ୍ଲକ ପ୍ରଶାସନ ବିପନ୍ନ ଙ୍କ ଠାରେ ପହଞ୍ଚି ନଥିବାବେଳେ ଭୋଗରାଇ ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ସୂର୍ଯ୍ୟ କୁମାର ନାୟକ ରବିବାର ଭୋଗରାଇରେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ଥାୟୀ କର୍ମଚାରୀ ପଦବୀ ପୂରଣ ହୋଇନଥିବାରୁ ଭୋଗରାଇ ବ୍ଲକ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି।ବନ୍ୟା ପ୍ରଭାବିତ ଅଞ୍ଚଳର କ୍ଷତି ରିପୋର୍ଟ ସେଚ ବିଭାଗ କାର୍ଯ୍ୟ କରୁଥିବାର ସୂଚନା ମିଳିଛି । ଭୋଗରାଇ ବ୍ଲକରେ ଅତିରିକ୍ତ ତହସିଲଦାର ରେଜିଷ୍ଟ୍ରି ଅଫିସ, ବ୍ଲକ ଓ ବନ୍ୟା ଆକଳନ କରୁଥିବାର ଦାୟିତ୍ୱ ଦିଆଯାଇଥିବାରୁ ସେ ଅଣନିଶ୍ୱାସୀ ହୋଇପଡୁଥିବାର କହିଛନ୍ତି ।ରବିବାର ରାଜ୍ୟ ବିଜେଡିର ଦଳ ଭୋଗରାଇ ବ୍ଲକକୁ ଆସି ଭାରପ୍ରାପ୍ତ ବିଡ଼ିଓଙ୍କ ସହିତ ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି । ଅପର ପକ୍ଷରେ ସେଚ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ନବ କୁମାର ମହାଳିକ, ଏସ୍‌ଡିଓ ପ୍ରିୟବ୍ରତ ସିଂ, ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରା, ଡାକ୍ତର ସିଂ,ପ୍ରମଥ କୁମାର ଦେ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସିଓଲ ସହ ଜଳସମ୍ପଦ ବିଭାଗର ଅଧିକାରୀ ମାନେ ନଦୀବନ୍ଧ ଉପରେ ୨୪ ଘଣ୍ଟାର ନଜରଦାରି ରଖିଛନ୍ତି । ରବିବାର ଅପରାହ୍ନରେ କଂଗ୍ରେସ ନେତା ସତ୍ୟଶିବ ଦାସ,ସୁଦର୍ଶନ ଜେନା, ସନ୍ତୋଷ କୁମାର ଜେନା, ପ୍ରଦୀପ କୁମାର ନାୟକ, କାର୍ତ୍ତିକ ଚନ୍ଦ୍ର ପାତ୍ର, ଦେପେଶ ଚନ୍ଦ୍ର ରାୟ,ମମତା ସାହୁ, ମୀନାରାଣୀ ସୁର,ସୁମନ୍ତ ବେହେରା, ରତନ ବାଗ, ଶିଶିର ମହାପାତ୍ର, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ବନ୍ୟା ପ୍ରଭାବିତ କୁମ୍ଭୀରଗଡ଼ି ପଞ୍ଚାୟତରେ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି ।

## ଲକ୍ଷ୍ମୀବସ ଅଟକାଇ ଧାରଣାରେ ବସିଲେ କଣ୍ଡକ୍ଟର




ସୋର,(ସବ୍ୟୁ) : ଲକ୍ଷ୍ମୀବସରେ ପୁର୍ବରୁ କାର୍ଯ୍ୟ କରୁଥିବା ଜଣେ କଣ୍ଡକ୍ଟରକୁ ଲକ୍ଷ୍ମୀବସର ସୁପରଭାଇଜର ମାନସିକ ନିର୍ଯାତନା ଦେବା ସହିତ କାର୍ଯ୍ୟରୁ ବାହାର କରିଥିବା ପ୍ରତିବାଦରେ ଉକ୍ତ କଣ୍ଡକ୍ଟର ଜଣଙ୍କ ରବିବାର ଦିନ ଲକ୍ଷ୍ମୀବସ ଅଟକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଏହି ଘଟଣା ଦେଖିବାକୁ ମିଳିଛି ସୋର ବ୍ଲକ ଟେଣ୍ଟେଇ ପଞ୍ଚାୟତ ତେଣ୍ଟେଇ ଗ୍ରାମରେ। ପ୍ରତିଦିନ ଭଳି ରବିବାର ସକାଳେ ଏହି ଲାଇନରେ ଯାଉଥିବା ଲକ୍ଷ୍ମୀବସଟି ଟେଣ୍ଟେଇ ଗ୍ରାମକୁ ଯାଇଥିବା ବେଳେ ପୁର୍ବରୁ ସେହି ବସରେ କଣ୍ଡକ୍ଟର ଭାବେ କାମ କରୁଥିବା ରାଜେନ୍ଦ୍ର କୁମାର ମଳିକ ଗାଡିକୁ ଅଟକାଇ ପରିବାର ସହ ଗାଡି ସମ୍ମୁଖରେ ଧାରଣାରେ ବସି ରହିଥିଲେ। ତାଙ୍କୁ ସୁପର ଭାଇଜର ମାନେ ମାନସିକ ନିର୍ଯାତନା ଦେବା ସହିତ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଉଥିବା ସେ ଅଭିଯୋଗ କରିଥିଲେ । ମାତ୍ର ଏନେଇ ସେ ବାରମ୍ବାର ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ ମଧ ତାଙ୍କୁ ନ୍ୟାୟ ନମିଳିବାରୁ ସେ ଧାରଣା ଦେଇଥିବା ପ୍ରକାଶ କରିଛନ୍ତି । ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ବୁଝାସୁଝା କରିବା ପରେ ସେ ଧରଣାରୁ ଉଠିଥିଲେ। ତେବେ ଏହି ରାସ୍ତାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସ ବନ୍ଦ ରହିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ଠାକୁରମୁଣ୍ଡା ,(ସବ୍ୟୁ) :ଠାକୁରମୁଣ୍ଡା ବ୍ଲକ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ରୁପେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଯୋଗ ଦେଇଥିଲେ।ଯୋଗ ଗୁରୁ ସୁବ୍ରତ କୁମାର ନାଏକ ଯୋଗ ଦେଇ ଉପସ୍ଥିତ ଶିକ୍ଷାର୍ଥୀ ମାନଙ୍କୁ ଯୋଗର ଉପକାରିତା ସଂପର୍କରେ ପରାମର୍ଶ ଦେଇଥିଲେ। ଯୋଗ ମାଧ୍ୟମରେ ବହୁ ଦୁରାରୋଗ୍ୟ ଭଲ ହୋଉଥିବା ନେଇ ନିଜର ଅନୁଭୂତିକୁ ପରିପ୍ରକାଶ କରିଥିଲେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ । ପ୍ରତିଦିନ ନିଜ ସ୍ୱାସ୍ଥ୍ୟ ପାଇଁ ସମୟ ବାହାର କରି ଯୋଗ ଅଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା। ଏହି କାର୍ଯ୍ୟକ୍ରମ ରେ ଠାକୁରମୁଣ୍ଡା ବ୍ଲକ ର ସମସ୍ତ କର୍ମଚାରୀ, ତହସିଲ କର୍ମଚାରୀ, କୃଷି ବିଭାଗ କର୍ମଚାରୀ,ଠାକୁରମୁଣ୍ଡା ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀ ସାମିଲ ହୋଇ ଯୋଗ ଅଭ୍ୟାସ କରିଥିଲେ ।

## ୨୭ରୁ ବାଲେଶ୍ୱର ଜିଲ୍ଲା ଚେସ୍ ପ୍ରତିଯୋଗିତା

ବାଲେଶ୍ୱର,(ସବ୍ୟୁ) : ଆସନ୍ତା ୨୭ ଓ ୨୮ ତାରିଖରେରୋଟାରୀ କ୍ଲବ ଶାଶ୍ୱତ ଏବଂ ବାଲେଶ୍ୱର ଜିଲ୍ଲା ଚେସ୍ ଆସୋସିଏସନର ମିଳିତ ସହଯୋଗରେ ଆଇଟିଆଇ ନିକଟସ୍ଥ ଓଡେଶା ଭବନ ପରିସରରେ ରାତ୍ରି – ୯ ଘଟିକା ଠାରୁ ବାଲେଶ୍ୱର ଜିଲ୍ଲା ସ୍କୁଲ ଚେସ୍ ପ୍ରତିଯୋଗୀତା – ୨୦୨୫ ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀମାନଙ୍କୁ ନଗଦଅର୍ଥ, ସାଟିଫିକେଟ ପ୍ରଦାନ କରାଯିବ ଓ ବିଭିନ୍ନ ବୟସବର୍ଗ ଯଥା –ୟୁ–୭, ୟୁ–୯,ୟୁ–୧୩,ୟୁ–୧୫ରେ ବାଳିକ ବାଳିକାମାନଙ୍କୁ ପ୍ରତି ବୟସ ବର୍ଗରେ ମୋଟ ୩୦ଟି ପ୍ରତିସହ ସର୍ବମୋଟ ୪୦ଟି ପୁରସ୍କାର ପ୍ରଦାନ କରାଯିବ । ଉନ୍ନତ ପ୍ରଦର୍ଶନ କରିଥିବା ୩ଗୋଟି ସ୍କୁଲକୁ ନେତାଜୀ ସ୍ପୋର୍ଟିଂ ଏବଂ କଲଚରାଲ କ୍ଲବଦ୍ୱାର ସମ୍ମତନ୍ତ୍ର ଟ୍ରଫି ପ୍ରଦାନ କରାଯିବ ଏହି ପ୍ରତିଯୋଗୀତାରେ ଭାଗ ନେବାପାଇଁ ପ୍ରବେଶିକା ମୂଲ୍ୟ ୨୫୦ ଟଙ୍କା ଜୁନ୍ ୨୬ ତାରିଖ ସୁଦ୍ଧା ଦାଖଲ କରିବାକୁ ପଡ଼ିବ ଏବଂ କେବଳ ବାଲେଶ୍ୱର ଜିଲ୍ଲାର ସମସ୍ତ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ। ୨୦ ତାରିଖ ସନ୍ଧ୍ୟା ୭ଟାରେ ଓଡ଼େଶା ଭବନରେ ରୋଟାରୀ କ୍ଲବ ଶାଶ୍ୱତ ଏବଂ ବାଲେଶ୍ୱର ଜିଲ୍ଲା ଚେସ୍ ଆସୋସିଏସନର ଏକ ମିଳିତ ବୈଠକ ରୋଟାରୀ କ୍ଲବ ଶାଶ୍ୱତର ସଭାପତି ଡକ୍ଟର ଉପେନ୍ଦ୍ରନାଥ ପାତ୍ର ଏବଂ ଇଂ ହୃଷିକେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲେଶ୍ୱର ଜିଲ୍ଲା ଚେସ୍ ଆସୋସିଏସନ ଜିଲ୍ଲା ସଭାପତି ଦେବାଶିଷ ଚକ୍ରବର୍ତ୍ତୀ,ସମ୍ପାଦକ ମନୋରଂଜନ ପଣ୍ଡା, ଐଶ୍ୱର୍ଯ୍ୟ କୁମାର ସେନାପତି,ସନ୍ଦିପ୍ ସାମନ୍ତ ରାୟ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ସିଦ୍ଧାନ୍ତ ନିଆଯାଇଥିବା ବେଳେ ଚେସ୍ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଅଣାଯିବାର ଏକ ଛୋଟ ପ୍ରୟାସ ବୋଲି କୁହାଯାଇଛି ।

## ଜିଲ୍ଲାରେ ୧୫ ହଜାର ସଦସ୍ୟତା କରିବ ଏବିଭିପି

ଭଦ୍ରକ, (ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଚଳିତ ଶିକ୍ଷାବର୍ଷରେ ନୂତନ ବିଦ୍ୟାର୍ଥୀ ମାନଙ୍କୁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡିବା ଏବଂ ରାଷ୍ଟ୍ରୀୟ ପୁନଃର୍ନିମାଣ ପାଇଁ ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟକରିବାର ଲକ୍ଷ୍ୟ ନେଇ ଏବିଭିପି ପ୍ରତି ଶିକ୍ଷା ବର୍ଷରେ ସଦସ୍ୟତା ଅଭିଯାନ ଆରମ୍ଭ କରିଥାଏ । ଚଳିତ ଶିକ୍ଷା ବର୍ଷରେ ଏବିଭିପି, ଭଦ୍ରକ ଜିଲ୍ଲା ୧୫ ହଜାର ସଦସ୍ୟତାର ଲକ୍ଷ୍ୟ ନେଇଛି ଓ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ପାଖରେ ଏବିଭିପି ପହଞ୍ଚି ସଦସ୍ୟତା ଆରମ୍ଭ କରିବାର ଲକ୍ଷ୍ୟ ରଖିଛି । ଆଜି ଠାରୁ ସଦସ୍ୟତା ଅଭିଯାନ ଜାରି ରହିବ । ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଯୋଡିବା ପାଇଁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରି ସାରିଲାଣି । ସେହିପରି ଓଡ଼ିଶାରେ ଦୀର୍ଘ ୭ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ରହିଛି । ଯାହାକି ଏବିଭିପି ଏବଂ ଛାତ୍ର ନେତୃତ୍ୱଙ୍କ ମାଧ୍ୟମରେ ଏହା ସମାଧାନ ହୋଇ ପାରିବ । ଆଜି ସହରର ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ମିତ ନାୟକ କହିଛନ୍ତି, ଏବିଭିପି ପ୍ରତ୍ୟକ କ୍ୟାମ୍ପସରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ି ସାରିଲାଣି । ଛାତ୍ରଛାତ୍ରୀଙ୍କ ମନରେ ଛାତ୍ର ସଂସଦନିର୍ବାଚନ କୁ ନେଇ ଉତ୍କଣ୍ଠା ମଧ୍ୟ ଦେଖିବାକୁ ମିଳୁଛି । ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତା ଅଛି ଏବଂ ଛାତ୍ର ସଂସଦ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନର ବାଟ ଫିଟିବ । ଏହି ପ୍ରେସ ବାର୍ତ୍ତାରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ପୂଜାରାଣୀ ମଲ୍ଲିକ, ପ୍ରାନ୍ତ ସବିଷ୍ଟାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ ମଞ୍ଚାସିନ ଥିଲେ । ଜିଲ୍ଲାରେ ରାଜ୍ୟ ସରକାର ଘୋଷଣା କରିଥିବା ସରକାରୀ ମେଡିକାଲ କଲେଜ ଏବଂ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏବିଭିପି ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଛି । ଏହି ଅବସରରେ ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ପୋଷ୍ଟର ଉନ୍ମୋଚନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ପ୍ରମୁଖ ଶିକ୍ଷାବିତ୍ ଡ. ବସନ୍ତ କୁମାର ଦୀକ୍ଷିତ, ସହ ସଂଯୋଜକ ଅଭିଳାଷ ତ୍ରିପାଠୀ, ବିଭାଗ ଏସଏଫଏସ ସଂଯୋଜିକା ମାଧୁରୀ ରାଉତ, ଶୁଭମ ରାଉତ, କାହ୍ନା ଜେନା, ରଞ୍ଜୁଲତା ପୁଟିଆ ଉପସ୍ଥିତ ଥିଲେ ।

## ମେଡିକାଲ କଲେଜ ପରିଦର୍ଶନ କଲେ ରେମୁଣା ବିଧାୟକ

ବାଲେଶ୍ୱର(ସବ୍ୟୁ) : ରବିବାର ପୂର୍ବାହ୍ନ ୧୦ଟାରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ହଠାତ୍ ରେମୁଣା ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଧାୟକ ହସ୍ପିଟାଲର ପାରିପାର୍ଶ୍ୱ ବୁଲି ଦେଖିଥିଲେ। ହସ୍ପିଟାଲରେ ଅଧୁରା ହୋଇ ରହିଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ମାନଙ୍କୁ ତଦାରଖ କରିଥିଲେ। ହସ୍ପିଟାଲ କର୍ମଚାରୀ ମାନଙ୍କ ସହ କଥାବାର୍ତ୍ତା ହେବା ସହ ହସ୍ପିଟାଲ ବୁଲି ଦେଖିଥିଲେ। ହସ୍ପିଟାଲର ବିଭିନ୍ନ ୱାର୍ଡରେ ଚିକିତ୍ସିତ ଅବସ୍ଥାରେ ଥିବା ରୋଗୀମାନଙ୍କୁ ଭେଟି ତାଙ୍କ ଅସୁବିଧା ସମ୍ବନ୍ଧରେ ମଧ ବୁଝିଥିଲେ। ଏହା ପରେ ହସ୍ପିଟାଲ ସୋପରିଟେଣ୍ଡଙ୍କ ସହ ବସି ହସ୍ପିଟାଲର ବିଭିନ୍ନ ଉନ୍ନତିମୂଳକ କାମ ତଥା ଅଧୁରା ରହିଥିବା କାମକୁ ତ୍ୱରାନିତ କରିବା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶେଷରେ ବିଧାୟକ ସେଠାକୁ ଆସୁଥିବା ସମସ୍ତ ରୋଗୀଙ୍କ ଉତ୍ତମ ଚିକିତ୍ସା ସହ ହସ୍ପିଟାଲ ପରିସରକୁ ସର୍ବଦା ସଫା ରଖିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଯୋଗ ଦିବସ ପାଳିତ

ଭଦ୍ରକ,(ସବ୍ୟୁ):ଆନ୍ତର୍ଜାତୀୟ ଯୋଗ ଦିବସ ସାଂସଦ ଅଭିମନ୍ୟୁ ସେଠୀଙ୍କ ଉପସ୍ଥିତିରେ ସ୍ଥାନୀୟ ଇଣ୍ଡୋର୍ ଷ୍ଟାଡିୟମ୍ ବାଗୁରାଇ ଠାରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଜିଲ୍ଲାପାଳ ଦିଲିପ୍ ରାଉତରାଏଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି,ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ,ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ,କମାଣ୍ଡର ସୁଧିପ ସାହୁ,କ୍ରୀଡା ବିଭାଗର ରମେଶ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ,ଯୋଗ ଶିକ୍ଷକ,ବରିଷ୍ଟ ନାଗରିକ ସଙ୍ଘର କର୍ମକର୍ତ୍ତା,ରୋଟାରୀ ମିଡ ଟାଉନ୍,ବିଭିନ୍ନ କଲେଜ ଓ ସ୍କୁଲର ପିଲା,ବୁଦ୍ଧିଜୀବିମାନେ ବହୁ ସଂଖ୍ୟାରେ ଭାଗ ନେଇଥିଲେ। ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ୍ କରି ନିରୋଗ ଓ ସୁସ୍ଥ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ଗୋରୁ ବୋଝେଇ ୩ଟି ପିକ୍‌ଅପ୍ ଜବତ

କେନ୍ଦୁଝର,(ସବ୍ୟୁ) : ଗୋ ଚାଲାଣକାରୀ ମାନେ କେନ୍ଦୁଝର ଜିଲ୍ଲାରେ ନିଜ ନେଟୱାର୍କ ମଜବୁତ କରି ବେଧଡକ ଗୋ ଚାଲାଣ କରି ଚାଲିଛନ୍ତି। ଆଗରୁ ଲୁଚେଇ ଗୋ ଚାଲାଣ ହେଉଥିବା ବେଳେ ଏବେ ଦିନ ବେଳେ ମଧ୍ୟ ଏପରି କରିବାକୁ ସାହସ ବଢ଼ି ଯାଇଛି। ଶନିବାର ରାତି ଅଧରେ ଚମ୍ପୁଆ ଉପଖଣ୍ଡର ବାରିଆ ଥାନା ଅନ୍ତର୍ଗତ ଉଖୁଣ୍ଡା ପାଖରେ ତିନିଟି ପିକ ଅପ ଭ୍ୟାନ ଯୋଗେ ର୍ନିଦ୍ଦୟ ଭାବେ ଗୋ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକେ ଖବର ପାଇ ଗୋଡ଼ାଇ ଧରି ଥିଲେ।ଦେଖା ଯାଇଥିଲା ଉକ୍ତ ଗାଡ଼ି ଗୁଡିକରେ ଗୋରୁଙ୍କୁ ଖୁନ୍ଦା ଖୁନ୍ଦି କରି ଲଦା ହୋଇଥିଲାଛ ବାରିଆ ଥାନା ପୋଲିସ ଖବର ପାଇ ଉକ୍ତ ଗାଡ଼ି ସହ ଚାଳକଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି।

## ମନ୍ଦିରରୁ ୧୩ ଲକ୍ଷର ଗହଣା ଚୋରି

ସୋର,(ସବ୍ୟୁ): ସୋରରେ ଦିନକୁ ଦିନ ଚୋରମାନଙ୍କର ପ୍ରାଦୁର୍ଭାବ ବିବାରେ ଲାଗିଛିଛ ପୁଲିସକୁ ଖାତିର ନକରି ଚୋରମାନେ ପ୍ରତିଦିନ ଚୋରି କରୁଥିବା ଦେଖିବାକୁ ମିଳୁଛି।ଶୁକ୍ରବାର ରାତିରେ ଗୋଟିଏ ଗାଁର ୫ ଟି ମନ୍ଦିରରୁ ଚୋରି ହୋଇଥିବା ବେଳେ ଶନିବାର ରାତିରେ ମଧ୍ୟ ଗୋଟିଏ ଗାଁର ଦୁଇଟି ମନ୍ଦିରରୁ ୧୩ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବାଜଣାଯାଇଛି। ରବିବାରି ସକାଳେ ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ଓ ବ୍ରହ୍ମାଣୀ ମନ୍ଦିରକୁ ପୁଜକ ପୁଜା ପାଇଁ ଯାଇଥିବା ବେଳେ ଠାକୁରଙ୍କ ଗହଣା ସମେତ ଦାନ ବାକ୍ସ ଚୋରି ହୋଇଥିବା ଜାଣିବାକୁ ପାଇ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଚୋରମାନେ ଲକ୍ଷ୍ମୀନାରାୟଣ ମନ୍ଦିରରୁ ରୁପା ମୁକୁଟ,ସୁନା ବାହୁଟି,ସୁନାର ଚନ୍ଦ୍ରାହାର,ଅଣ୍ଟାବିଛା,୧୫ଟି ସୁନା ଚିତା ସମେତ ବ୍ରାହ୍ମଣୀ ମନ୍ଦିରରୁ ଅଷ୍ଟଧାତୁ ମୁକୁଟ,୧୦ ଟି ରୁପା ମୁକୁଟ, ୧୦ଟି ସୁନା ଚିତା ଚୋରି କରିଥିଲେଛ ଯାହାର ଆନୁମାନିକ ମୁଲ୍ୟ ୧୩ ଲକ୍ଷରୁ ଅଧିକ ହେବାଏନେଇ ଲୋକେ ସୋର ପୁଲିସକୁ ଜଣାଇବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।।

## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ ହେଲା ତାଳପଦା

ତିହିଡି,(ସବ୍ୟୁ):'ବନ୍ଦେ ଉତ୍କଳ ଜନନୀ'ଭଳି କାଳଜୟୀ ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମ୍ମାନାର୍ଥେ ତାଙ୍କ ପୈତୃକ ଗାଁ ତିହିଡି ବ୍ଲକ ଅଧୀନ ତାଳପଦାକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଏହି ଘୋଷଣା କରିଛନ୍ତି । ଯାହାକୁ ଏଲଇଡି ମାଧ୍ୟମରେ ସର୍ବସାଧାରଣଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥିଲା । ଯାହାକୁ ନେଇ ତାଳପଦା ସମେତ ତିହିଡି ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଲଚୁରାଲ ଅଫିସର ତନୁଜା ସିର୍କା, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ତିହିଡି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡ଼ିଓ ନିରଞ୍ଜନ ବାରିକ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ସିଡ଼ିଓ ଶୁଭେନ୍ଦୁ ସାମଲ, ବରିଷ୍ଠ ବିଜେପି ନେତା କବି ଦୀନବନ୍ଧୁ ପତି, କାନ୍ତକବି ସ୍ମୃତି ପରିଷଦର ସଭାପତି ଚିନ୍ତାମଣି ଦାସ, ସମ୍ପାଦକ ତଥା କାନ୍ତକବିଙ୍କ ନାତି ବାଣୀକଲ୍ୟାଣ ମହାପାତ୍ର, ନାମକଲ୍ୟାଣ ମହାପାତ୍ର ପ୍ରମୁଖଙ୍କ ସମେତ ତାଳପଦା ପଞ୍ଚାୟତର ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

## ଏନଫୋର୍ସମେଣ୍ଟ ଟିମ୍‌ର ଦୋକାନୀଙ୍କୁ ତନାଘନା

ନୀଳଗିରି,(ସବ୍ୟୁ) :ଶୁକ୍ରବାର ନୀଳଗିରି ବଜାରରେ ଓଡିଶା ସରକାର ଙ୍କ ପରିବାର କଲ୍ୟାଣ ବିଭାଗର ବାଲେଶ୍ୱର ଟିମ, ନୀଳଗିରି ଅବକାରୀ ବିଭାଗ ଓ ନୀଳଗିରି ପୋଲିସର ଏକ ମିଳିତ ଟିମ ବଜାରରେ ଥିବା ପାନ ଦୋକାନ, ଜଳଖିଆ ଦୋକାନ, ଗ୍ରୋସେରୀ ପ୍ରମୁଖ ଦୋକାନରେ ଯାଞ୍ଚ କରିଥିଲେ । ତମ୍ବାଖୁ, ସିଗାରେଟ, ବିକ୍ରି କରୁଥିବା ଦୋକାନୀଙ୍କ ଠାରୁ ଫାଇନ କାଟିବା ସହିତ ଏଭଳି ଜିନିଷ ବିକ୍ରି ଏବଂ ସେବନ ପାଇଁ ବାରଣ କରିଥିଲେ । ବିଶେଷ କରି ୧୮ ବର୍ଷ ରୁ କମ୍ ବୟସ୍କ ପିଲାଙ୍କୁ ଏଭଳି ଜିନିଷ ବିକ୍ରି ନକରିବା, ତମ୍ବାଖୁ ଷ୍ଟିକର ଦୋକାନରେ ନମାରିବା କୁ ଦୋକାନୀଙ୍କୁ ବାରଣ କରିଥିଲେ । ଆଜି ଏହି ଚଢ଼ାଉ ରେ ଦୁଇ ଗୋଟି ଟିମ ନୀଳଗିରି ଉପର ଏବଂ ତଳ ବଜାର ରେ ଯାଞ୍ଚ କରିଥିଲେ । ଏପିଡେମୋଲିଷ୍ଟ ଅରୂପ ଅଭିଷେକ, ନନ କମ୍ୟୁନିକେବଲ ଡିଜିଜ୍‌ର ସହକାରୀ ପ୍ରବନ୍ଧକ ମୌସୁମୀ ସାମଲ, ନୀଳଗିରି ପୋଲିସ, ଓ ଅବକାରୀ ବିଭାଗ ଏହି ଚଢ଼ାଉରେ ସାମିଲ ଥିଲେ।

## ବ୍ୟବସାୟୀଙ୍କୁ ଗୁଳି ମାରିବା ଘଟଣା ଭଦ୍ରକରେ ପୂର୍ବାଞ୍ଚଳ ଡିଆଇଜି

ଭଦ୍ରକ,(ସବ୍ୟୁ):ଭଦ୍ରକ ଟାଉନ ଥାନା ଅଧିନସ୍ଥ ଚରମ୍ପା ଅଂଚଳରେ ବେଲମଳା ଠାରେ ଶନିବାର ରାତିରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ ଗୁଳି ମାରିବା ଘଟଣାକୁ ନେଇ ଆଜି ଭଦ୍ରକରେ ପହଂଚିଛନ୍ତି ପୂର୍ବାଂଚଳ ଡିଆଇଜି ଡ଼.ସତ୍ୟଜିତ ନାୟକ। ଘଟଣାସ୍ଥଳରେ ଡିଆଇଜି,ଏସପି ମନୋଜ ରାଉତ ଓ ଟାଉନ ଥାନା ଅଧିକାରୀଙ୍କ ସମେତ ପୋଲିସ ଅଧିକାରୀମାନେ ପହଂଚି ଗୁଳିକାଣ୍ଡ ହୋଇଥିବା ଘଟଣାସ୍ଥଳରେ ଯାଞ୍ଚ କରିବା ସହ ବ୍ୟବସାୟୀ ଗୋଦାମକୁ ଯାଇ ଯାଞ୍ଚ ଆରମ୍ଭ କରିଛନ୍ତି। ପରେ ବ୍ୟବସାୟୀଙ୍କ ଘରକୁ ଯାଇ ଘରର ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି। ସେହିପରି ଏହି ଗୁଳିକାଣ୍ଡ ଘଟଣା ସର୍ମ୍ପକରେ ପ୍ରତ୍ୟେକଦର୍ଶୀ ଓ ଆଖପାଖ ଅଂଚଳର ବିଭିନ୍ନ ଦୋକାନ ବଜାରରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛନ୍ତି। ତେବେ ଗତକାଲି ବ୍ୟବସାୟୀଙ୍କୁ ଗୁଳି ମାରିବା ଘଟଣାର ତଦନ୍ତ ଚାଲୁ ରହିଛି। ତେବେ ଦୁର୍ବୃତ୍ତମାନେ ଟଙ୍କା ଲୁଟିବା କିମ୍ବା ପୂର୍ବ ଶତ୍ରୁତାକୁ ନେଇ କେଉଁ ଉଦ୍ୟେଶରେ ବ୍ୟବସାୟୀଙ୍କୁ ଗୁଳି ମାରିଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି ପୂର୍ବାଂଚଳ ଡିଆଇଜି। ଗତକାଲି ଏହି ଘଟଣା ଜାଣିବା ପରେ ବିଭିନ୍ନ ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକା କରାଯାଇଥିଲା। ଖୁବଶୀଘ୍ର ଦୋଷୀମାନଙ୍କୁ ଗିରଫ କରାଯିବା ପାଇଁ କହିଛନ୍ତି ପୂର୍ବାଂଚଳ ଡିଆଇଜି। ତେବେ ଏହି ଗୁଳିକାଣ୍ଡ ଘଟଣାର ଦୁଇ ଯୁବକ ଓ ଜଣେ ଯୁବତୀଙ୍କ ସମ୍ପୃକ୍ତଙ୍କୁ ନେଇ ଯୁବତୀ ଜଣକ କିନ୍ନର ବୋଲି ଯେଉଁ ଚର୍ଚ୍ଚା ଚାଲିଛି ତାହାକୁ ନେଇ ଅଧିକ ତଦନ୍ତ ଚାଲିଛି ତଦନ୍ତ ପରେ ଜଣାପଡିବ ବୋଲି ପୂର୍ବାଂଚଳ ଡିଆଇଜି କହିଛନ୍ତି।

## ଜେଲରୋଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଖୋଲିଲା ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀ

କେନ୍ଦୁଝର,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥିତ ଜେଲରୋଡରେ ଥିବା କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ଶିକ୍ଷାବର୍ଷଠାରୁ ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ଯୁକ୍ତ ୨ଶ୍ରେଣୀ ଖୋଲିଛି। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବିଶେଷ ସଫଳତା ହାସଲ କରିଥିବା ଏହି କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ହେଉ ଥିବାବେଳେ ଏହି ନୂତନ ଶ୍ରେଣୀ ଖୋଲିବା ଓ ପାଠ୍ୟକ୍ରମ ପାଇଁ ସମସ୍ତ ଅଭିଭାବକ ଓ ପରିଚାଳନା ସମିତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଓଡିଶା ଶିକ୍ଷା ବିକାଶ ସମିତିର ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ୨୦୨୫–୨୬ ଶିକ୍ଷା ବର୍ଷ ପାଇଁ ୨ ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରଛାତ୍ରୀମାନେ ନୂତନ ଭାବରେ ନାମ ଲେଖାଇବେ । ପ୍ରତ୍ୟେକ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ୧୨୮ଟି ସ୍ଥାନ ଦିଆଯାଇଛି। ଏହି ମାନ୍ୟତା ପ୍ରାପ୍ତ ହୋଇଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀଗୁରୁମା, ପରିଚାଳନା ସମିତି ଓ ଅଭିଭାବକଅଭିଭାବିକାମାନେ ଆନନ୍ଦ ପ୍ରକଟ କରିଛନ୍ତି ।

## ଛାତ୍ର ସଂସଦ ନିର୍ବାଚନରେ ବିଜୟର ଧ୍ୱଜା ଉଡାଇବ କେନ୍ଦୁଝର ଏବିଭିପି




କେନ୍ଦୁଝର,(ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) କେନ୍ଦୁଝର ତରଫରୁ ସ୍ଥାନୀୟ ବଣିଆପାଟ ସ୍ଥିତ ଶିଶୁ ବିଦ୍ୟା ମନ୍ଦିର ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉ କି ଗତ ୫ରୁ ୮ ଚାରି ଦିନ ଧରି ବାରିପଦା ସ୍ଥିତ ସାଇ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ପ୍ରାନ୍ତ ଅଭ୍ୟାସ ବର୍ଗରେ ବିଭିନ୍ନ ବିଭାଗ ଏବଂ ଜିଲ୍ଲାର ଦାୟିତ୍ୱ ଘୋଷଣା କରାଯାଇଅଛି।ପ୍ରାନ୍ତ ଅଭ୍ୟାସ ବର୍ଗ ଅବସରରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାରେ ୧୦୦୦୦ ସଦସ୍ୟତାର ଲକ୍ଷ୍ୟ ସ୍ଥିର କରାଯାଇଛି। ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ କୁ ନେଇ ସରକାରଙ୍କ ଘୋଷଣା କୁ ବିଦ୍ୟାର୍ଥୀ ପରିଷଦ ସ୍ୱାଗତ କରିବା ସହିତ ଏହି ବର୍ଷ ଓଡ଼ିଶା ସାରା ଯେତେ ବି କ୍ୟାମ୍ପସ ରେ ଛାତ୍ର ସଂସଦ ନିର୍ବାଚନ ହେବ ସେ ସମସ୍ତ କ୍ୟାମ୍ପସ ରେ ବିଦ୍ୟାର୍ଥୀ ପରିଷଦ ପୂର୍ଣ୍ଣ ଶକ୍ତି ସହ ଏବଂ ସଂଗଠିତ ଭାବରେ ଲଢ଼ିବା ସହିତ ବିଜୟର ଧ୍ୱଜା ମଧ୍ୟ ଉଡ଼ାଇବ ବୋଲି ରାଜ୍ୟ ସମ୍ପାଦିକା ଦିପ୍ତିମୟୀ ପ୍ରତିହାରୀ କହିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ବିଭାଗ ଓ କେନ୍ଦୁଝର ଜିଲ୍ଲାର ଦାୟିତ୍ୱମଧ ଘୋଷଣା କରାଯାଇଛି। ବିଭାଗ ପ୍ରମୁଖ ଭାବେ ଅଧ୍ୟାପକ ସତ୍ୟପ୍ରିୟ ଦାସ୍ , ବିଭାଗ ସଂଯୋଜକ ଭାବେ ଛାତ୍ର ନେତା କ୍ଷୀରୋଦ ପଣ୍ଡା , ବିଭାଗ ସହ ସଂଯୋଜକ ଚିନ୍ମୟ କୁମାର ବାରିକ୍,ଜିଲ୍ଲା ସଂଯୋଜକ ଭାବେ ସ୍ୱରାଜ କେତନ ମହାନ୍ତ ପ୍ରମୁଖ ଦାୟିତ୍ୱଗ୍ରହଣ କରିଅଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ବିଭାଗ ସହସଂଯୋଜକ ଚିନ୍ମୟ ବାରିକ, କେନ୍ଦୁଝର ନଗର ସହସମ୍ପାଦକ ଅଭିଜିତ୍ ପାତ୍ର , ଜିଲ୍ଲା ସଂଯୋଜକ ସ୍ୱରାଜ କେତନ ମହାନ୍ତ, ସିପୁନ ନାଏକ, ଦେବୀପ୍ରସାଦ ପାତ୍ର ପ୍ରମୁଖ ଭାବରେ ଉପସ୍ଥିତ ଥିଲେ।

## ବାଲେଶ୍ୱର ସଦର ବିଜେଡିର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା





ବାଲେଶ୍ୱର,(ସବ୍ୟୁ) :ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ବିଭିନ୍ନ ଧର୍ମ ସ୍ଥଳରେ ପୂଜାର୍ଚ୍ଚନା ସହ ସାମୁହିକ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ରବିବାର ପୂର୍ବାହ୍ନ ୯ ଘଟିକାରେ ନୂଆ ବଜାର ସ୍ଥିତ ଝାଡେଶ୍ୱର ମନ୍ଦିରରେ ୧୦୮ ଜଳାଭିଷେକ କରାଯିବା ସହ ସାମୁହିକ ଦୀପଦାନ ସହ ପୂଜାର୍ଚ୍ଚନା କରାଯାଇଥିଲା,ଏହା ପରେ ମୋତିଗଞ୍ଜ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।ଏହି ଅବସରରେ କେଥଲିକ ଚର୍ଚ୍ଚ,ବାବା ଭୁଜାଖିଆପୀର ଏବଂ ରେମୁଣା ଗୋଲାଇ ସ୍ଥିତ ଗୁରୁଦ୍ୱାରରେ ସାମୁହିକ ପ୍ରାର୍ଥନା କରାଯିବା ସହ ନବୀନ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା ଏବଂ ରାଣୀପାଟଣା ସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ମଧ୍ୟ ସାମୁହିକ ପ୍ରାର୍ଥନା ଆୟୋଜିତ ହୋଇଥିଲା।ଏହି ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ସମେତ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ,ବରିଷ୍ଠ ବିଜେଡି ନେତା ରଂଜନ ବାଗ,ପୌର ଉପାଧ୍ୟକ୍ଷ କୈଳାସ ସେଠୀ,ପୂର୍ବତନ ଉପନଗରପାଳ ମନୋଜ ରାଉତ,ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା,ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଧିରେନ ନାୟକ,ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ବିଜୁ ପରିଡା,ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର,ଟାଉନ ଯୁବ ସଭାପତି ଉମାଶଂକର ତିଆଡି,କାଉସିଲର ତଥା ଟାଉନ ମହିଳା ସଭାପତି ମୀନା ମହାନ୍ତି,କାଉସିଲର ମିତା ପଟ୍ଟନାୟକ,ବାଦଲ ଦତ୍ତ,ଅଭିଜିତ ଦାସ,ସେକ ଆଲାମ,ରମାକାନ୍ତ ପପାଢ,ଅସଲମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଘୋଷଯାତ୍ରା ପାଇଁ ଇମାମୀ ନଗର ଚଳଚଞ୍ଚଳ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ବାଲଗୋପାଳପୁର ସ୍ଥିତ ଇମାମୀ ନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବହୁ ପ୍ରତୀକ୍ଷିତ ଦୁର୍ଲଭ ନବଯୌବନ, ନେତ୍ରଉତ୍ସବ, ଉଭାଯାତ୍ରା ଓ ଘୋଷଯାତ୍ରା ନିମନ୍ତେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସାଙ୍ଗକୁ ଚଳଚଞ୍ଚଳ ହୋଇଉଠିଛି ଇମାମୀ ନଗର।ମନ୍ଦିର ପ୍ରଶାସନ ।ସୂଚନା ମୁତାବକ ଶ୍ରୀକ୍ଷେତ୍ରର ମହାପ୍ରଭୁଙ୍କର ରୀତିନୀତି ମୁତାବକ ଆସନ୍ତ ୨୬ ତାରିଖ ଗୁରୁବାର ପୂର୍ବାହ୍ନ ୯ଟାରେ ଶ୍ରୀଜୀଉମାନଙ୍କର ନବଯୌବନ, ନେତ୍ର ଉତ୍ସବ ଓ ଉଭାଯାତ୍ରାରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ସେହିପରି ଜୁନ୍ ୨୭ ତାରିଖ ଶୁକ୍ରବାର ପୂର୍ବାହ୍ନ ୯ଟା ୧୦ରେ ଆରତି ଅବକାଶ, ୧୦ଟାରେ ମଙ୍ଗଳାର୍ପଣ, ୧୦ଟା୧୫ମି.ରେ ଆଜ୍ଞାମାଳ, ୧୧ଟା ୩୦.ରେ ଧାଡ଼ି ପହଣ୍ଡି, ଅପରାହ୍ନ ୩ଟାରେ ଛେରାପହଁରା, ଅପରାହ୍ନ ୪ଟାରେ ରଥଟଣା ଅନୁଷ୍ଠିତ ହେବ। ରାତ୍ର ୮ ଟା.୪୫ମି. ରେ ଶୟନ ଆରତି ପରେ ଆଲୋକମାଳା ଓ ଭକ୍ତିମୟ ପରିବେଶରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିବେ ଶ୍ରୀଜୀଉମାନେ।ଜୁନ୍ ୨୮ ତାରିଖ ଶନିବାର ଠାରୁ ଜୁଲାଇ ୪ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟେହ ଅପରାହ୍ନ ସାଢ଼େ୪ଟାରୁ ସାଢ଼େ୮ଟା ମଧ୍ୟରେ ଇମାମୀ ନଗର ଗୁଣ୍ଡିଚା ମନ୍ଦିରସ୍ଥିତ ମେଳା ପଡ଼ିଆରେ ସୁଦୂର ବୃନ୍ଦାବନରୁ ଆସୁଥିବା ବିଶିଷ୍ଟ ଆଧ୍ୟାତ୍ମିକ ସଂସ୍ଥାନର କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସ ଲୀଳା ଅନୁଷ୍ଠିତ ହେବା ସାଙ୍ଗକୁ ପ୍ରତ୍ୟେହ ସକାଳ ସାଢ଼େ୧୦ଟାରୁ ଠାରୁ ଅପରାହ୍ନ ପର୍ଯ୍ୟନ୍ତ ଇମାମୀ କଲୋନୀର ଲେଡ଼ିଜ୍ କ୍ଲବ୍ ପକ୍ଷରୁ ମହିଳାମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରାନ୍ତରରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସଂକୀର୍ତ୍ତନ, କୁନିକୁନି ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ କାର୍ଯ୍ୟକ୍ରମ, ଦାଣ୍ଡିଆ ନୃତ୍ୟ, ରଙ୍ଗୋଲି, ଦୀପ ପ୍ରଜ୍ଜ୍ୱଳନ ସହିତ ହେରାପଞ୍ଚମୀରେ ମହାଲକ୍ଷ୍ମୀଙ୍କ ଦ୍ୱାରା ରଥଭଙ୍ଗା କାର୍ଯ୍ୟକ୍ରମ ଭଳି ବହୁ ଚିତ୍ତାକର୍ଷକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆରେ ଅନୁଷ୍ଠିତ ହେବ । ଜୁଲାଇ ୫ ତାରିଖ ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କର ସମସ୍ତ ରୀତିନୀତି ସମ୍ପନ୍ନ ସାଙ୍ଗକୁ ଅପରାହ୍ନରେ ଶ୍ରୀଜୀଉମାନଙ୍କର ଧାଡ଼ି ପହଣ୍ଡି, ଛେରାପହଁରା, ବାହୁଡ଼ାଯାତ୍ରା ଓ ରଥଟଣା ଅନୁଷ୍ଠିତ ହେବ। ରାତ୍ର ୮ ଟାରେ ରଥମାନଙ୍କର ସିଂହଦ୍ୱାର ବିଜେ ଏବଂ ଅଧରପଣା ନୀତି ସମ୍ପନ୍ନ ହେବ। ରାତ୍ର ୯ଟାର ଧାଡ଼ି ପହଣ୍ଡିରେ ଶ୍ରୀଜୀଉମାନଙ୍କର ରତ୍ନସିଂହାସନକୁ ବିଜେ କରିବେ। ସେହିପରି ଜୁଲାଇ ୬ ତାରିଖ ରବିବାର ସମସ୍ତ ରୀତିନୀତି ସମ୍ପନ୍ନ ପରେ ସକାଳ ସାଢ଼େ ୮ଟାଠାରୁ ସୁନାବେଶରେ ମହାପ୍ରଭୁ ଲକ୍ଷଲକ୍ଷ ଭକ୍ତଙ୍କୁ ଦର୍ଶନ ଦେବେ। ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ଯୁଗ୍ମ ନିର୍ଦ୍ଦେଶକ ରାଧେଶ୍ୟାମ ଅଗ୍ରୱାଲ୍ ଓ ରାଧେଶ୍ୟାମ ଗୋୟେଙ୍କାଙ୍କ ନିର୍ଦ୍ଦେଶରେ ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ସୁଶୀଲ୍ କୁମାର ଗୋୟେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିବା ସମ୍ପର୍କରେ ମନ୍ଦିର ପ୍ରଶାସନ ତଥା ଇମାମୀ କାଗଜକଳର ବରିଷ୍ଠ ଲୋକସଂପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିବା ସହ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ କରିଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୨୨)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ)

**ଏତୈର୍ବିମୁକ୍ତଃ କୌନ୍ତେୟ ! ତମୋଦ୍ୱାରୈସ୍ତ୍ରିଭିର୍ନରଃ ।**
**ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ।।୨୨।।**

ହେ କୌନ୍ତେୟ ! ଯେଉଁ ଲୋଭ ନରକର ଦ୍ୱାରସ୍ୱରୂପ ଏହି ତିନୋଟିରୁ (କାମାଦିରୁ) ମୁକ୍ତିଲାଭ କରିଛନ୍ତି, ସେ ନିଜର ମଙ୍ଗଳସାଧକ ଯାଗଯଜ୍ଞାଦି କର୍ମର ଅନୁଷ୍ଠାନ କରନ୍ତି ଏବଂ ସେହି ଅନୁଷ୍ଠାନ ଫଳରେ ପରମଗତି (ମୋକ୍ଷ) ଲାଭ କରନ୍ତି । ।।୨୨।।

# ଶ୍ରୀଜଗନ୍ନାଥ ହିଁ ଆକର୍ଷଣ

## ସମ୍ପାଦକୀୟ

ଗତ ୨୦ (ଜୁନ୍, ୨୦୨୫) ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମାତ୍ର ଅଢ଼େଇ ଘଣ୍ଟା ପାଇଁ ଓଡ଼ିଶା ଆସିଥିଲେ, ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବରେ ଯୋଗ ଦେଇ ଫେରିଗଲେ । ଜୟ ଜଗନ୍ନାଥ ଓ ଜୟ ଲିଙ୍ଗରାଜ ବୋଲି ସଭା ଆରମ୍ଭରୁ କହି ସେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ କେବଳ ଦେଇ ନ ଥିଲେ, ୧୮,୬୦୦ କୋଟିରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ମଧ୍ୟ ଆଭାସୀ ମାଧ୍ୟମରେ କରିଗଲେ । 'ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଆକର୍ଷଣ ଯୋଗୁ ଆପଣମାନଙ୍କ ନିକଟକୁ ଆସି ପାରିଲି' ବୋଲି ସେ ପ୍ରକାଶ କରିଥିଲେ । ଏପରିକି ସେ କାନାଡାରେ ଜି-୭ ସମ୍ମିଳନୀରେ ଥିବା ସମୟରେ ଆମେରିକାର ରାଷ୍ଟ୍ରପତି ଶୀ ଟ୍ରମ୍ପ୍ ତାଙ୍କୁ ଭୋଜି ପାଇଁ ନିମନ୍ତ୍ରଣ କରି ଆଲୋଚନା କରିବାକୁ ଟେଲିଫୋନ୍ କରିଥିଲେ । ମାତ୍ର ଶ୍ରୀ ଜଗନ୍ନାଥ ଓ ଓଡ଼ିଶାର ଆକର୍ଷଣ ଓ କର୍ତ୍ତବ୍ୟ ଯୋଗୁ ସେ ଶ୍ରୀ ଟ୍ରମ୍ପ୍‌ଙ୍କ ଅନୁରୋଧ ରକ୍ଷା କରିପାରିଲେ ନାହିଁ ବୋଲି ତାଙ୍କ ବକ୍ତବ୍ୟରେ ମୋଦିଜୀ ପ୍ରକାଶ କରିଥିଲେ ।

ଏହି ବକ୍ତବ୍ୟରୁ ଆହୁରି ସ୍ପଷ୍ଟ ହେଉଛି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆମେରିକା ରାଷ୍ଟ୍ରପତି ଶ୍ରୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କଥାରେ ଚାଲୁ ନାହାନ୍ତି । ଭାରତ-ପାକିସ୍ତାନ ଯୁଦ୍ଧବିରତି ମଧ୍ୟ ଟ୍ରମ୍ପ୍‌ଙ୍କ ମଧ୍ୟସ୍ଥତାରେ ହୋଇ ନ ଥିଲା । ଉଭୟ ଭାରତ ଓ ପାକିସ୍ତାନ ସହମତିରେ ଏହା ହୋଇଥିଲା ବୋଲି ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ସୁବ୍ରମନିୟମ ଜୟଶଙ୍କର ମଧ୍ୟ ପୂର୍ବରୁ ଏ ସମ୍ପର୍କରେ ସୂଚନା ଦେଇଥିଲେ ।

ପ୍ରକୃତରେ ଶ୍ରୀ ଜଗନ୍ନାଥଙ୍କ ଆକର୍ଷଣ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ବାରମ୍ବାର ଓଡ଼ିଶା ଆସିବା ପାଇଁ କେବଳ ବାଧ କରି ନାହିଁ, ଓଡ଼ିଶାକୁ ବିକାଶ ପଥରେ ଆଗକୁ ନେଇଯିବା ପାଇଁ ମଧ୍ୟ ମୋଦିଜୀ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି । ଏ କଥା ଆମକୁ ସ୍ୱୀକାର କରିବାକୁ ହେବ ଯେ ମହାତ୍ମା ଗାନ୍ଧୀ ଯେପରି ଓଡ଼ିଶାର ଦାରିଦ୍ର୍ୟ ଦେଖି ବିବ୍ରତ ହୋଇପଡ଼ିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମଧ୍ୟ ଖଣିଜ ସମ୍ପଦ ଓ ପ୍ରାକୃତିକ ଶୋଭା-ସମ୍ପଦଭରା ଓଡ଼ିଶାର ଦୁର୍ଦ୍ଦଶା ଦେଖି ବିଚଳିତ ହୋଇପଡ଼ିଥିଲେ । ଅତୀତର କଂଗ୍ରେସ ଓ ଆଞ୍ଚଳିକ ଦଳ ବିଜୁ ଜନତା ଦଳର ଶାସନ କାଳରେ ଓଡ଼ିଶାର ବିକାଶ ସମ୍ଭବ ହୋଇ ନ ଥିଲା ବୋଲି ସେ ଅନୁଭବ କରି ଓଡ଼ିଶାରେ ସରକାରର ପରିବର୍ତ୍ତନ ସେ କରାଇଥିଲେ ।

ଆଜି ଜାତିର ଜନକ ଗାନ୍ଧିଜୀଙ୍କ କଥା ମନେପଡୁଛି । ସେ କହିଥିଲେ, 'ଭାରତ ବର୍ଷରେ 'ଓଡ଼ିଶା' ମୋର ପ୍ରିୟ ଭୂମି । ଯେତେବେଳେ ମୁଁ ଭାରତବର୍ଷରେ ପଦାର୍ପଣ କଲି, ସେତେବେଳେ ଓଡ଼ିଶାର ଦାରିଦ୍ର୍ୟ ଓ ଦୁର୍ଭିକ୍ଷ ସମ୍ପର୍କରେ ଶୁଣିବାକୁ ପାଇଛି । ଠକ୍‌କର ବାପା ଓଡ଼ିଶା ସମ୍ପର୍କରେ ଆସିଥିଲେ ଓ ଦୁର୍ଭିକ୍ଷ ସାହାଯ୍ୟ ସଙ୍ଗଠନ କରିଥିଲେ । ମୁଁ ମଧ୍ୟ ବୁଝିପାରିଲି ଯେ, ଯଦି ମୁଁ କୌଣସି ପ୍ରକାରେ ଓଡ଼ିଶାର ସେବା କରିପାରେ, ତା'ହେଲେ ସେହି ବାଟରେ ମୁଁ ଭାରତବର୍ଷର କିଛି ହେଲେ ବି ସେବା କରିପାରିବି । ପରବର୍ତ୍ତୀ କାଳରେ ଓଡ଼ିଶା ମୋ ପକ୍ଷରେ ଏକ ତୀର୍ଥସ୍ଥଳୀ ହୋଇପଡ଼ିଲା । ଏଠାରେ ଜଗତର ନାଥଙ୍କ ମନ୍ଦିର ଥିବା ଯୋଗୁ ଯେ ଏପରି ହୋଇଥିଲା, କେବଳ ସେତିକି ନୁହେଁ, (ଯେହେତୁ ଏହା ହରିଜନ ପାଇଁ ଉନ୍ମୁକ୍ତ ନ ଥିଲା, ତେଣୁ ମୋ' ପାଇଁ ମଧ୍ୟ ଏହା ଉନ୍ମୁକ୍ତ ନ ଥିଲା ।)... (ଓଡ଼ିଶା ମୋ' ପ୍ରିୟ ଭୂମି, 'ଓଡ଼ିଶାରେ ଗାନ୍ଧିଜୀ' ପୁସ୍ତକ ଯାହା ରାଜ୍ୟ ଲୋକସମ୍ପର୍କ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରକାଶ ପାଇଥିଲା ୧୯୭୦ ମସିହାରେ)

ଗାନ୍ଧିଜୀ ଓଡ଼ିଶାକୁ ପ୍ରାୟ ଆଠ ଥର ଗସ୍ତ କରିଥିଲେ । ଅବଶ୍ୟ ଗାନ୍ଧିଜୀ ନିଜେ ଭାରତର ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ହେବାକୁ ଚାହିଁ ନ ଥିଲେ । ମାତ୍ର ଜଣେ ଦଳିତ ବା ଆଦିବାସୀ ଭାରତର ସର୍ବୋଚ୍ଚ ପଦବୀରେ ରୁହନ୍ତୁ ବୋଲି ଗାନ୍ଧିଜୀ ଚାହିଁଥିଲେ । ପ୍ରଧାନମନ୍ତ୍ରୀ ମୋଦିଜୀ ଗତ ଥର ପଛୁଆ ବର୍ଗର ଶ୍ରୀ ରାମନାଥ କୋବିନ୍ଦଙ୍କୁ ଭାରତର ରାଷ୍ଟ୍ରପତି ହେବାର ସୁଯୋଗ ଦେଇ ଏଥର ଜଣେ ଓଡ଼ିଶାର ଆଦିବାସୀ ମହିଳାଙ୍କୁ ଭାରତର ରାଷ୍ଟ୍ରପତି ହେବାର ସୁଯୋଗ ଦେଇଛନ୍ତି । ମୋଦିଜୀ ମଧ୍ୟ ଏହି ବର୍ଷକ ମଧ୍ୟରେ ଷଷ୍ଠଥର ପାଇଁ ଓଡ଼ିଶା ଗସ୍ତରେ ଆସି ଓଡ଼ିଶାକୁ ଉପରକୁ ଉଠାଇବାକୁ ଉଦ୍ୟମ କରୁଛନ୍ତି । ଉଭୟ ଗାନ୍ଧିଜୀ ଓ ମୋଦିଜୀ ଜଗନ୍ନାଥଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିଛନ୍ତି । ଅବଶ୍ୟ ହରିଜନମାନଙ୍କୁ ଜଗନ୍ନାଥ ମନ୍ଦିର ମନା ବୋଲି ଗାନ୍ଧିଜୀ ଜଗନ୍ନାଥଙ୍କୁ ଦର୍ଶନ କରୁ ନ ଥିଲେ । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ମୋଦିଜୀ ଜଗନ୍ନାଥଙ୍କୁ ଦର୍ଶନ କରି ଓଡ଼ିଶା ଓ ଭାରତ ପାଇଁ ଆଶୀର୍ବାଦ କାମନା କରିଛନ୍ତି । ଓଡ଼ିଶାକୁ ଲକ୍ଷ୍ୟକରି ଗାନ୍ଧିଜୀଙ୍କ ପରି ମୋଦିଜୀ ମଧ୍ୟ ତାଙ୍କ ଗତ ଥର ଓଡ଼ିଶା ଗସ୍ତରେ ଆସି 'ଭାରତର ବିକାଶ ପ୍ରକ୍ରିୟା ପୂର୍ବ ଭାରତରୁ ଆରମ୍ଭ ହେବ ବୋଲି' ପ୍ରକାଶ କରିଛନ୍ତି ।

ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ସରକାର ଓଡ଼ିଶାକୁ ଆଗେଇ ନେବ ଏବଂ ୨୦୩୬ରେ ଓଡ଼ିଶା ତାହାର ଜନ୍ମ ଶତବାର୍ଷିକ ପାଳନ କରିବ ଏବଂ ଭାରତ ୨୦୪୭ରେ ତାହାର ଜନ୍ମ ଶତବାର୍ଷିକ ପାଳନ କରିବ ବୋଲି ମୋଦିଜୀ ଆଶା ପ୍ରକାଶ କରିଛନ୍ତି ।

## ଜୀବନର ସମାପ୍ତି

**ତୁମକୁ ସମସ୍ତେ ଛାଡ଼ି ଚାଲିଗଲା ପରେ ଶେଷକୁ ଯିଏ ହିଁ କେବଳ ତୁମର ହୋଇ ରହିବ, ସେ ହେଲା ମୁଁ (ଈଶ୍ୱର)।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶିଶୁ ଶ୍ରମିକ ଜାଲରେ ହଜିଯାଇଛି ଶୈଶବ



**ଡକ୍ଟର ଲକ୍ଷ୍ମଣ ସାହୁ**

ଏବେ ଶିଶୁ ଶ୍ରମିକ ଏକ ବଡ଼ ସମସ୍ୟା ପାଲଟିଛି । ଏହା ପିଲାମାନଙ୍କ ଠାରୁ ସେମାନଙ୍କ ଶୈଶବ, ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ଛଡ଼ାଇ ନେଉଛି । କେବଳ ଏତିକି ନୁହେଁ ଏହା ପିଲାମାନଙ୍କର ଶାରୀରିକ, ମାନସିକ ଓ ଯୌନ ବିକାଶକୁ ମଧ୍ୟ ବାଧା ଦିଏ, ଯାହା ଏକ ଘୋର ପରିତାପର ବିଷୟ ବା ଦୁଃଖଦାୟକ ଘଟଣା । ଏଥିରୁ ସହଜରେ ମୁକୁଳିବା ମଧ୍ୟ ସହଜ ନୁହେଁ । ତଥାପି ଆମକୁ ଏପରି ଏକ ବିଶ୍ୱ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ କାମ ନୁହେଁ, ପୁସ୍ତକ ପିଲାମାନଙ୍କର ଅଧିକାର ପାଲଟିବ । ଯେଉଁ ସମୟରେ ଶିଶୁଙ୍କ ହସ୍ତରେ ପୁସ୍ତକ ଶୋଭା ପାଆନ୍ତା , ଦରୋଟି ଓଠରେ ଅକ୍ଷରର ଅସ୍ପଷ୍ଟ ସ୍ୱର ସଂଚାରିତ ହୋଇପାରନ୍ତା, ହସ ଖୁସି ଖେଳ କୁଦ ଛାଡ଼ି ଶ୍ରମିକ ଭାବେ କେଉଁଠି କାର୍ଯ୍ୟ କରୁଛି । ଏବେ ମଧ୍ୟ ସାରା ବିଶ୍ୱରେ ଶିଶୁ ଶ୍ରମିକ ବିରୁଦ୍ଧରେ ସ୍ୱର ଉଠାଯାଉଛି ।

ବିଶ୍ୱରେ ଏହି ଦିଗରେ ଚାଲିଥିବା ନିରନ୍ତର ସଂଘର୍ଷର ଠୋସ୍ ଫଳାଫଳ ବହୁତ କମ୍ ଦେଖାଯାଉଛି । ଅନ୍ତର୍ଜାତୀୟ ଶ୍ରମ ସଂଗଠନ ସମସ୍ତ ପ୍ରକାରର ଶିଶୁ ଶ୍ରମିକ ସମାପ୍ତ କରିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସକୁ ମଜବୁତ କରିବାକୁ ଆହ୍ୱାନ କରୁଛି । ଶିଶୁ ଶ୍ରମିକ ବିରୁଦ୍ଧରେ ଉଠିଥିବା ସ୍ୱର ଆମକୁ ଚିନ୍ତା କରିବାକୁ ବାଧ୍ୟ କରୁଛି ଯେ ପ୍ରଯୁକ୍ତିବିଦ୍ୟା ବିକାଶ ଓଁ ବିଶ୍ୱୀକରଣର ଏହି ଯୁଗରେ କୋଟି କୋଟି ପିଲା କାହିଁକି କାମ କରିବାକୁ ବାଧ୍ୟ ହେଉଛନ୍ତି ?

ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଅନୁଯାୟୀ ଆଜି ମଧ୍ୟ ସାରା ବିଶ୍ୱରେ ୧୬ କୋଟିରୁ ଅଧିକ ଶିଶୁ, ଶିଶୁ ଶ୍ରମିକ ଭାବରେ କାମ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ବିପଜ୍ଜନକ ଅବସ୍ଥାରେ କାମ କରୁଛନ୍ତି । ଏହି ପରିସ୍ଥିତି ବିକାଶର ଉଜ୍ଜ୍ୱଳ ଚିତ୍ର ପଛରେ ଥିବା ଅନ୍ଧକାରକୁ ଉଜାଗର କରେ, ଯାହାକୁ ଆମେ ଅଣଦେଖା କରି ଆସିଛେ ।

ଶିଶୁ ଶ୍ରମିକ ଏପରି ଏକ କାମ ଯାହା ପିଲାମାନଙ୍କ ଶୈଶବକୁ ଅତ୍ୟନ୍ତ ନିଷ୍ଠୁର ଭାବରେ ହରଣ କରେ । କାମ କରିବା ସମୟରେ ସେମାନଙ୍କୁ ଅନେକ ନିର୍ଯ୍ୟାତନା ଦିଆଯାଏ । ପରିଣାମ ସ୍ୱରୂପ ଏହି ପରିସ୍ଥିତିରେ ସେମାନଙ୍କର ଶାରୀରିକ, ମାନସିକ ଓ ଯୌନ ବିକାଶ ଖରାପ ହୋଇଯାଏ । ସେମାନଙ୍କ ଭବିଷ୍ୟତର ସମସ୍ତ ସମ୍ଭାବନା ହ୍ରାସ ପାଇବାକୁ ଲାଗେ । ପ୍ରକୃତରେ ଶିଶୁ ଶ୍ରମିକ ପିଲାମାନଙ୍କ ଶିକ୍ଷାରେ ବାଧା ସୃଷ୍ଟି କରେ । ଅନେକ କ୍ଷେତ୍ରରେ ଦେଖାଯାଇଛି ଯେଉଁ ପିଲାମାନେ ପାଠପଢ଼ନ୍ତି ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରିପାରନ୍ତି, କିନ୍ତୁ ଯେଉଁମାନେ ଶିଶୁ ଶ୍ରମିକର ଫାଶରେ ପଡିଯାନ୍ତି ସେମାନେ ସେମାନଙ୍କ ଅନ୍ଧକାର ଭବିଷ୍ୟତକୁ ଆଦରି ନେଇଥାନ୍ତି ।

ଏହି ସମସ୍ୟାର ମୂଳ କାରଣ ହେଉଛି ଦାରିଦ୍ର୍ୟ, ଶିକ୍ଷାର ଅଭାବ, ସାମାଜିକ ଅସମାନତା, ପରିବାରରେ ବେକାରୀ ଓ ଶିଶୁ ଶ୍ରମିକ ଆଇନର ଶିଥିଳ କାର୍ଯ୍ୟାନ୍ୱୟନ ହୋଇଥାଏ । ଯେତେବେଳେ ପରିବାରର ଜୀବିକା ନିର୍ବାହର ମୌଳିକ ଆବଶ୍ୟକତା ପୂରଣ ହୁଏ ନାହିଁ, ସେତେବେଳେ ସେମାନଙ୍କ ସମ୍ମୁଖରେ ସବୁଠାରୁ ସହଜ ବିକଳ୍ପ ହେଉଛି ପିଲାମାନଙ୍କୁ କାମ କରିବାକୁ ପଠାଇବା । ଏହି କାରଣରୁ ଅନେକ ନିର୍ଦ୍ଦୋଷ ପିଲାଙ୍କୁ କ୍ଷେତ, କାରଖାନା, ଇଟା ଭାଟି, ଘରୋଇ କାମ ଓ ନିର୍ମାଣ ସ୍ଥାନରେ କାମ କରୁଥିବା ଦେଖାଯାଏ । ଆଶ୍ଚର୍ଯ୍ୟଜନକ ଯେ ସବୁକିଛି ଦେଖିବା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ପ୍ରାୟତଃ ନଦେଖିଲା ପରି ଆଖି ବୁଜିଦିଏ । ନିରୀହ ଶିଶୁମାନଙ୍କୁ ଖଟାଉଥିବା ଦଲାଲମାନଙ୍କୁ କୌଣସି ପ୍ରକାର ଦଣ୍ଡିତ କରାଯାଏ ନାହିଁ ।

କରୋନା ମହାମାରୀ ପରଠାରୁ ଏହି ସଙ୍କଟ ଆହୁରି ଗଭୀର ହୋଇଛି । ସ୍କୁଲ ବନ୍ଦ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲା ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ଅନ୍ୟପକ୍ଷରେ ବେକାର ପରିବାରମାନେ ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ଦେବା ଅପେକ୍ଷା କାମ କରିବାକୁ ଓ କିଛି ଟଙ୍କା ରୋଜଗାର କରିବାକୁ ପଠାଇବା ଅଧିକ ଉପଯୁକ୍ତ ମନେ କରିଥିଲେ । ୨୦୦୦ ରୁ ୨୦୨୦ ମଧ୍ୟରେ ବିଶ୍ୱ ସ୍ତରରେ ଶିଶୁ ଶ୍ରମିକରେ ୮୫.୫ ନିୟୁତ ପିଲାଙ୍କ ହ୍ରାସ ରେକର୍ଡ କରାଯାଇଥିଲା, ଯାହା ଏକ ସକାରାତ୍ମକ ସଙ୍କେତ ଥିଲା । କିନ୍ତୁ କରୋନା ମହାମାରୀ ଓ ଆର୍ଥିକ ଅସମାନତା ଏହି ଧାରାକୁ ଓଲଟାଇ ଦେଇଥିଲା । ଏହା ପରେ ପରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା ।

ଦେଖିବାକୁ ଗଲେ ଗ୍ରାମାଞ୍ଚଳ , ଏହି ସମସ୍ୟା ସହରାଞ୍ଚଳର ବସ୍ତି ଓ ପ୍ରବାସୀ ଶ୍ରମିକ ପରିବାରରେ ଅଧିକ ଗୁରୁତର ହୋଇଛି । ଏହି ପରିସ୍ଥିତି ସାମାଜିକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ନୂତନ ନୀତି, ସାମଗ୍ରିକ ଭାବେ ସାମୂହିକ ଠୋସ୍ ପ୍ରତିବଦ୍ଧତାର ଗୁରୁତ୍ୱକୁ ଗୁରୁତ୍ୱ ଦେଇଥାଏ । କାରଣ ଜନସଚେତନତାର ଆବଶ୍ୟକତା ଯଥେଷ୍ଟ ଅଛି । ଭାରତରେ କେବଳ ନୁହେଁ ସମସ୍ତ ରାଜ୍ୟରେ ଶିଶୁ ଶ୍ରମିକ ବେଆଇନ କାର୍ଯ୍ୟକଳାପ ପ୍ରତିବାଦରେ ସ୍ୱର ଉଠାଇବା ଆବଶ୍ୟକ ରହିଛି ।

ଏବେ ସମୟ ଆସିଛି ଆମେ ଏହି ବିଷୟ ବିଷୟରେ କଥା ହେବା କେବଳ ଉଚିତ ନୁହେଁ , ବରଂ ଏହା ଉପରେ ଆଲୋଚନା କରିବା ଉଚିତ । କାରଣ ଏହି ସମସ୍ୟାର ଦୂରୀଭୂତ ପାଇ ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ମଧ୍ୟ ରହିଛି । ଶିଶୁ ଶ୍ରମିକ ଦୂର କରିବା ଆମ ପାଇଁ ଏକ ଚ୍ୟାଲେଞ୍ଜ ଅଟେ । ଏହାକୁ ପୂରଣ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ ।

ଏଥିପାଇଁ କେବଳ ସରକାର ନୁହେଁ, ସ୍ଥାନୀୟ ପ୍ରଶାସନ ଓ ପରିବାରଗୁଡ଼ିକୁ ମଧ୍ୟ ଆଗକୁ ଆସିବାକୁ ପଡିବ । ଯଦି ସମନ୍ୱିତ ପ୍ରୟାସ କରାଯାଏ ତେବେ ଶିଶୁମାନଙ୍କୁ ଶିଶୁ ଶ୍ରମିକରୁ ରକ୍ଷା କରାଯାଇପାରିବ ।

୧୯୯୨ ମସିହାରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଜାତୀୟ କ୍ଷମତାକୁ ସୁଦୃଢ଼ କରିବାରେ ଓ ଶିଶୁ ଶ୍ରମିକର ଧୀରେ ଧୀରେ ନିରାକରଣ ପ୍ରତି ବିଶ୍ୱ ସଚେତନତା ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା । ତଥାପି ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର ପ୍ରଭାବ ଏପର୍ଯ୍ୟନ୍ତ ଦେଖାଯାଇ ନାହିଁ । ସମସ୍ତ ପ୍ରକାରର ଶିଶୁ ଶ୍ରମିକ ଦୂର କରିବା ପାଇଁ ପ୍ରତିବଦ୍ଧତା କେତେ ସଫଳ ହେବ, ବିଶେଷକରି ଚଳିତ ବର୍ଷ ଶେଷ ସୁଦ୍ଧା ତାହା ଦେଖିବା ବାକି ଅଛି । ତଥାପି, ଏପର୍ଯ୍ୟନ୍ତ ଅଧିକାଂଶ ଅଭିଯାନରେ ଆଶାନୁରୂପ ସଫଳତା ମିଳିନାହିଁ ।

ଭାରତରେ ଶିଶୁ ଶ୍ରମିକ ସମସ୍ୟା ବହୁମୁଖୀ । ଶିକ୍ଷା ଏହି ସମସ୍ୟାର ମୁକାବିଲା ପାଇଁ ଏକ ମାଧ୍ୟମ ହୋଇପାରେ, ଯାହା ଯେକୌଣସି ଶିଶୁକୁ ଶ୍ରମର ଦୁଷ୍ଟ ଚକ୍ରରୁ ବାହାର କରିପାରିବ । ସର୍ବଶିକ୍ଷା ଅଭିଯାନ ଓ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଭଳି ସରକାରଙ୍କ ପ୍ରୟାସ ପ୍ରଶଂସନୀୟ । କିନ୍ତୁ ସେଗୁଡ଼ିକୁ ଅଧିକ ବ୍ୟାପକ କରିବା ଓ ସମାଜର ଶେଷ କୋଣ ପର୍ଯ୍ୟନ୍ତ ପହଞ୍ଚିବା ଶିଶୁ ଶ୍ରମିକ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ନୋବେଲ ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀଙ୍କ ସଂଗଠନ 'ବଚପନ ବଚାଓ ଆନ୍ଦୋଳନ' ଏପର୍ଯ୍ୟନ୍ତ ହଜାର ହଜାର ପିଲାଙ୍କୁ ଶିଶୁ ଶ୍ରମିକ ମୁକ୍ତ କରିଛି ।

ଉତ୍ତର ପ୍ରଦେଶ ସରକାର ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଜୁନ୍ ୧୨ ତାରିଖରୁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ଯୋଜନା କରିଥିଲେ । ଏହାର ଲକ୍ଷ୍ୟ ହେଉଛି ୨୦୨୭ ସୁଦ୍ଧା ରାଜ୍ୟକୁ ଶିଶୁ ଶ୍ରମିକ ମୁକ୍ତ କରିବା ।

ଏହାକୁ ରାଜ୍ୟର ରାଜ୍ୟ ସରକାରଙ୍କ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ । ତେଣୁ ଉତ୍ତର ପ୍ରଦେଶ ରାଜ୍ୟ ସରକାରଙ୍କର ଏଭଳି ଅଭିଯାନକୁ ଅନୁକରଣ କରି ପ୍ରତ୍ୟେକ ରାଜ୍ୟର ରାଜ୍ୟସରକାର କାର୍ଯ୍ୟ କରିବା ଆବଶ୍ୟକ ରହିଛି । ଯାହା ଫଳରେ ୨୦୨୭ ସୁଦ୍ଧା ଦେଶ ଶିଶୁ ଶ୍ରମିକ ମୁକ୍ତ ହୋଇ ପାରିବ ।

ତଥାପି ୨୦୧୧ ଜନଗଣନା ପରଠାରୁ, ଶିଶୁ ଶ୍ରମିକଙ୍କ ବିଷୟରେ କୌଣସି ନୂତନ ତଥ୍ୟ ଉପଲବ୍ଧ ହୋଇନାହିଁ, ଯାହା ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ବାଧା ସୃଷ୍ଟି କରୁଛି । ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ, ପଞ୍ଚାୟତିରାଜ ବିଭାଗକୁ ଗ୍ରାମ ସ୍ତରରେ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରି ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ, ସରକାର ୟୁନିସେଫ୍ ସହିତ ମିଶି ଏକ 'ଯୋଜନା ପୁସ୍ତକ' ପ୍ରସ୍ତୁତ କରୁଛନ୍ତି, ଯେଉଁଥିରେ ଶିଶୁ ଶ୍ରମିକ ଓ ସେମାନଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ଉପଲବ୍ଧ ଯୋଜନାର ବିବରଣୀ ରହିବ । ରାଜ୍ୟ ସରକାର ବିଭାଗୀୟ ସ୍ତରରେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଅଟଳ ଆବାସିକ ବିଦ୍ୟାଳୟ ମଧ୍ୟ ଚଳାଉଛି, ଯାହା ଦ୍ୱାରା ଶ୍ରମିକଙ୍କ ପିଲାମାନଙ୍କୁ ଶିଶୁ ଶ୍ରମିକରୁ ରୋକାଯାଇପାରିବ ।

ସମାଜ ଓ ସରକାର ଏହି ଶିଶୁ ଶ୍ରମିକ ସମସ୍ୟା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଉଚିତ କାରଣ ଏହା କେବଳ ଶିଶୁମାନଙ୍କ ମଙ୍ଗଳର ପ୍ରଶ୍ନ ନୁହେଁ ବରଂ ସମଗ୍ର ମାନବଜାତିର ପ୍ରଶ୍ନ । ପ୍ରତ୍ୟେକ ଶିଶୁ ଏକ ସୁରକ୍ଷିତ, ସୁସ୍ଥ ଓ ମର୍ଯ୍ୟାଦାପୂର୍ଣ୍ଣ ଶୈଶବ ପାଇବା ଉଚିତ । ଆଜି ଏପରି ଏକ ନିରପେକ୍ଷ, ସମ୍ବେଦନଶୀଳ ଓ ସ୍ଥାୟୀ ରଣନୀତି ଗ୍ରହଣ କରିବାର ଆବଶ୍ୟକତା ଅଛି, ଯାହା ଏପରି ଏକ ବିଶ୍ୱ ସୃଷ୍ଟି କରିବ ଯେଉଁଠାରେ 'କାମ ନୁହେଁ, ପୁସ୍ତକ' ପିଲାମାନଙ୍କର ଅଧିକାର । ତେବେ ଯାଇ ଆମେ କେବଳ ଶିଶୁ ଶ୍ରମିକରୁ ପିଲାମାନଙ୍କୁ ମୁକ୍ତ କରିପାରିବା ନାହିଁ , ବରଂ ଦେଶର ଭବିଷ୍ୟତର ମୂଳଦୁଆକୁ ମଧ୍ୟ ମଜବୁତ କରିପାରିବା...!!!

**ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା-୦୫୫,**
**ମୋ- ୯୦୪୦ ୧୫୧୪୭୫**

# ଶରୀରକୁ ଫିଟ୍ ରଖେ ଦୋଳି

**ଡାକ୍ତର କାନ୍ତୀ ନାୟକ**

ରଜ ପବରେ ଝିଅ ଆଉ ମହିଳାମାନଙ୍କ ସବୁଠାରୁ ଆକର୍ଷଣୀୟ ଦୁର୍ବଳତା ହେଉଛି ରଜ ଦୋଳି । ରଜ ଦୋଳି ଏଯାବତ୍ ଦୋଳିର ବିଭିନ୍ନ କେବଳ ଗାଁ ଗଣ୍ଡାରେ ନୁହେଁ ସହରରେ ମଧ୍ୟ ଏହି ଆକର୍ଷଣ ବଢୁଛି । ତେବେ ଆମେ ଏହି ରଜ ଦୋଳି ଆଲୋଚନା ସମୟରେ ଆସନ୍ତୁ ଟିକିଏ ଜାଣିବା ପ୍ରକୃତରେ ଶରୀର ପାଇଁ ଦୋଳିର ଆବଶ୍ୟକତା କେତେ?

ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର । ବୟସ୍କଙ୍କ ଏହାର ଆବଶ୍ୟକତା ନାହିଁ । ହେଲେ ଏହି ଧାରଣା ଏକଦମ ଭୁଲ । ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର । ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ମଧ୍ୟ ହୋଇଥାଏ । ଏହାଦ୍ୱାରା ଶରୀର ମଧ୍ୟ ସୁସ୍ଥ ରହେ ।

ଦୋଳି ଖେଳିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଏକ୍ସରସାଇଜ୍ ହୋଇଥାଏ । ଗୋଡ଼, ହାତ, ଛାତି, ପେଟ ଓ ମସ୍ତିଷ୍କ ଆଦିର ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ । କେଉଁ କେଉଁ ରୋଗ ଦୂର ହୁଏ ଦୋଳି ଖେଳିବା ଦ୍ୱାରା ଆସନ୍ତୁ ଜାଣିବା ।

ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର କରିଥାଏ ଦୋଳି । ଦୋଳି ଖେଳିବା ସମୟରେ ପାଦକୁ ଭୂମିରେ ଲଗାଇ ବଳ ପ୍ରୟୋଗ କରି ଦୋଳିରେ ଆଗକୁ ଆସିବାକୁ ପଡ଼େ । ପୁନଃ ସେହି କ୍ରମରେ ପଛକୁ ଯିବାକୁ ପଡ଼େ । ଦୋଳି ଖେଳିବା ସମୟରେ ଗୋଡ଼ ସିଧା ଲମ୍ବାଇ ତଳକୁ ରଖି ପଛକୁ ଫେରିବାକୁ ହୋଇଥାଏ । ଏହାଦ୍ୱାରା ଆଣ୍ଠୁର ବ୍ୟାୟାମ ହୋଇଥାଏ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଶଙ୍କା ଦୂର ହୋଇଯାଏ । ଗୋଡ଼ର ବ୍ୟାୟାମ ହେବା ଦ୍ୱାରା ଗୋଡ଼ର ମାଂସପେଶୀ ସୁଦୃଢ଼ ହୁଏ । ସେହିପରି ଏହା ବାହୁକୁ ଶକ୍ତ କରିଥାଏ । ଦୋଳି ଖେଳିବା ସମୟରେ ହାତର ମଧ୍ୟ ଏକ୍ସରସାଇଜ ହୋଇଥାଏ । ଦୋଳି ଧରି ଖେଳିବା ସମୟରେ ନିଜ ଶରୀରକୁ ଦୋଳି ଅନୁଯାୟୀ ଆଗକୁ ଓ ପଛକୁ ନେବା ପାଇଁ ହାତରେ ଦଉଡା ହେଉ କିମ୍ବା ବାଉଁଶ ଉପରେ ଚାପ ପ୍ରୟୋଗ କରିବାକୁ ପଡ଼ିଥାଏ । ଫଳରେ ହାତର ବ୍ୟାୟାମ ହୁଏ ଓ ବାହୁ ଶକ୍ତିଶାଳୀ ହୁଏ । ହାତର ଗଣ୍ଠିରେ ମଧ୍ୟ ଯନ୍ତ୍ରଣା ହୁଏନାହିଁ ।

ହୃତପିଣ୍ଡ ସୁସ୍ଥ ରହିଥାଏ । ଦୋଳି ଖେଳିବା ଦ୍ୱାରା ହୃଦରୋଗର ଆଶଙ୍କା ହ୍ରାସ ପାଇଥାଏ । ଦୋଳି ଖେଳିବା ସମୟରେ ଛାତିର ମଧ୍ୟ ବ୍ୟାୟାମ ହୋଇଥାଏ । ଦୋଳିରେ ଆଗକୁ ଯିବା ସମୟରେ ଛାତିକୁ ଆଗକୁ ନେବାକୁ ପଡ଼ିଥାଏ ଏବଂ ପଛକୁ ଆସିବା ସମୟରେ ଛାତିକୁ ମଧ୍ୟ ପଛକୁ ଆଣିବାକୁ ପଡ଼ିଥାଏ । ଏହାଦ୍ୱାରା ଛାତିର ବ୍ୟାୟାମ ହୁଏ ଓ ହୃଦ୍‌ସ୍ପନ୍ଦନ ବୃଦ୍ଧି ହୁଏ । ଯାହାକି ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ପେଟ ରୋଗ ଦୂର ହୋଇଥାଏ । ଦୋଳି ଖେଳିବା ସମୟରେ ଛାତି ଆଗକୁ ପଛକୁ କରିବା ଦ୍ୱାରା ପେଟରେ ଚାପ ପଡ଼େ, ଯାହା ପେଟରୁ ଚର୍ବିକୁ ହ୍ରାସ କରେ । ପେଟରେ ଏକ୍ସରସାଇଜ ହେବା ଦ୍ୱାରା ପେଟରୁ ଅମ୍ଳ ଦୂର ହୋଇଯାଏ, ଷ୍ଟୋନ ହୁଏ ନାହିଁ, ପାଚନ କ୍ରିୟା ସୁଦୃଢ଼ ହୁଏ ଓ ଭୋକ ଠିକ୍ ସମୟରେ ହୋଇଥାଏ ।

**ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର । ବୟସ୍କଙ୍କ ଏହାର ଆବଶ୍ୟକତା ନାହିଁ । ହେଲେ ଏହି ଧାରଣା ଏକଦମ ଭୁଲ । ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର । ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ମଧ୍ୟ ହୋଇଥାଏ । ଏହାଦ୍ୱାରା ଶରୀର ମଧ୍ୟ ସୁସ୍ଥ ରହେ ।**

ଚର୍ବି ହ୍ରାସ ପାଇଥାଏ । ଦୋଳି ଖେଳିବା ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟକାରୀ ହୋଇଥାଏ । ଫଳରେ ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ଶରୀରରୁ ଅତ୍ୟଧିକ ଚର୍ବି ହ୍ରାସ ହୁଏ । ଶରୀର ସ୍ଲିମ୍ ହୋଇଯାଏ । ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ । ଦୋଳି ଖେଳିବା ଦ୍ୱାରା ଶରୀରର ବ୍ୟାୟାମ ହୁଏ । ଏହାଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ । ଯାହାକି ରକ୍ତସଞ୍ଚାଳନ ବୃଦ୍ଧିରେ ସହାୟକ ହୁଏ । ରକ୍ତ ସଞ୍ଚାଳନ ବୃଦ୍ଧି ହେବା ଦ୍ୱାରା ଶରୀର ବିଭିନ୍ନ ରୋଗ ଦୂର ହୁଏ ଓ ବ୍ୟକ୍ତି ସୁସ୍ଥ ରହେ ।

ମନ ଶାନ୍ତ ରହିଥାଏ । ଦୋଳି ଖେଳିବା ଦ୍ୱାରା ମନୋରଞ୍ଜନ ହୋଇଥାଏ । ଏହା ଶରୀରରେ ଏପରି ଏକ ଶିହରଣ ସୃଷ୍ଟି କରେ, ଯାହା ମନରୁ କ୍ରୋଧ ଦୂର କରି ମନକୁ ଶାନ୍ତ କରେ । ଏହାଦ୍ୱାରା ବ୍ୟକ୍ତି ହାଲ୍‌କା ଅନୁଭବ କରେ । ପିଲା ହୁଅନ୍ତୁ ଅବା ବୟସ୍କ ଏହାଦ୍ୱାରା ବେଶ ଆରାମ ଓ ହାଲ୍‌କା ଅନୁଭବ କରନ୍ତି । ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ । ଦୋଳି ଖେଳିବା ଦ୍ୱାରା ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତା ଦୂର ହୋଇଯାଏ । ଏହାଦ୍ୱାରା ମସ୍ତିଷ୍କ ଶାନ୍ତ ହୁଏ । ମସ୍ତିଷ୍କରୁ ଏପରି ଏକ ହର୍ମୋନ ନିର୍ଗତ ହୁଏ ଯାହା ଶରୀର ଓ ମନକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ମସ୍ତିଷ୍କ ଭାରାକ୍ରାନ୍ତରୁ ବାହାରି ହାଲ୍‌କା ହୁଏ ଓ ଅଧିକ ସକ୍ରିୟ ହୁଏ । ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଏ ।

ତେବେ ରଜ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ଦୋଳି ଖେଳ ହୋଇଥାଏ । ଆଜିକାଲି ବିଭିନ୍ନ ଅନୁଷ୍ଠାନମାନଙ୍କର ଆୟୋଜିତ କାର୍ଯ୍ୟକ୍ରମରେ ଦୋଳି ଖେଳିବାର ବ୍ୟବସ୍ଥା ମଧ୍ୟ ହେଉଛି । ଏସବୁ ଭିତରେ ଦୋଳି ଖେଳିବା ସମୟରେ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ । ଦୋଳିଟି ଠିକ୍ ଭାବେ ପ୍ରସ୍ତୁତ ହୋଇଛି କି ନାହିଁ ଭଲ ଭାବେ ଦେଖନ୍ତୁ । କାରଣ ଅନେକ ସମୟରେ ଅଚାନକ ଦୋଳି ଭାଙ୍ଗିଯିବା ପରି ଅଘଟଣ ଓ ଗୁରୁତର ହେବାର ଘଟଣା ମଧ୍ୟ ଦେଖିବାକୁ ମିଳିଥାଏ । ସେହିପରି ମହିଳାମାନେ ଦୋଳି ଖେଳୁଥିବା ସମୟରେ ନିଜ ପୋଷାକ ପରିପାଟୀକୁ ନେଇ ଟିକିଏ ସତର୍କ ରହିବା ମଧ୍ୟ ଜରୁରୀ । କାରଣ ଶାଢ଼ି କିମ୍ବା ସାଲୱାର ବେଳେ ବେଳେ ଅସହଜ ବା ଅସୁବିଧାଜନକ ହୋଇଥାଏ ।

ସେହିପରି ଗର୍ଭବତୀ ମହିଳାଙ୍କ ପାଇଁ ଦୋଳି ଖେଳିବା ମନା । ହୃଦରୋଗ, ଶ୍ୱାସରୋଗ, ମୁଣ୍ଡ ବୁଲାଇଦେବା ସମସ୍ୟା ଏପରିକି ଉଚ୍ଚ ରକ୍ତଚାପ ଥିବା ମହିଳାମାନଙ୍କ ପାଇଁ ଦୋଳି ଖେଳିବା ସମୟରେ ସତର୍କତା ଅତ୍ୟନ୍ତ ବାଞ୍ଛନୀୟ । ଖାଦ୍ୟ ବା କୌଣସି ପାନୀୟ ଅତ୍ୟଧିକ ଗ୍ରହଣ କରିଥିଲେ ତତ୍‌କ୍ଷଣାତ୍ ପରବର୍ତ୍ତୀ ସମୟରେ ଦୋଳି ଖେଳିବାରୁ ନିବୃତ୍ତ ରୁହନ୍ତୁ । ଦୋଳି ଏକ ଚମତ୍କାର ବ୍ୟାୟାମ ତେବେ ଏ ସବୁ ଭିତରେ ଆପଣଙ୍କର ସାମାନ୍ୟତମ ସତର୍କତା ଅବଲମ୍ବନ କଲେ ଏହା ଆପଣଙ୍କ ପାଇଁ ଆନନ୍ଦଦାୟକର ଏକ ଅନୁଭବ ହେବ ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,**
**ଅଧୀକ୍ଷକ, ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର**
**ହସ୍ପିଟାଲ, ସିଡିଏ, କଟକ**

# କର୍ମଫଳ

**ପ୍ରଦୀପ୍ତ କୁମାର କର**

ଶ୍ରୀମଦ୍ ଭଗବତ୍ ଗୀତାର ଷଷ୍ଠ ଅଧ୍ୟାୟରେ ସ୍ୱୟଂ ମହାପ୍ରଭୁ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି ଯେ ହେ ଅର୍ଜ୍ଜୁନ ଯେଉଁ ବ୍ୟକ୍ତି କର୍ମ ଫଳକୁ ଆଶ୍ରୟ ନ କରି କେବଳ ନିଜର କର୍ତ୍ତବ୍ୟ କରନ୍ତି, ସେ ସନ୍ୟାସୀ ତଥା ଯୋଗୀ ଅଟନ୍ତି । କେବଳ ଅଗ୍ନି ତ୍ୟାଗ କରିଥିବା ବ୍ୟକ୍ତି ସନ୍ୟାସୀ ନୁହେଁ କି କେବଳ କ୍ରିୟା ତ୍ୟାଗ କରିଥିବା ମନୁଷ୍ୟ ଯୋଗୀ ନୁହନ୍ତି । ଯାହାକୁ ସନ୍ୟାସୀ ବୋଲି କୁହାଯାଏ ଓ ତୁମେ ଯାହାକୁ ଯୋଗୀ ବୋଲି ଭାବୁଛ ଯଦି ସେ ସଂକଳ୍ପ ତ୍ୟାଗ ନ କରିଥାଏ ତେବେ ସେ ମନୁଷ୍ୟ ଯୋଗୀ ହୋଇ ପାରେ ନାହିଁ । ଯୋଗାରୁଢ଼ ହେବାକୁ ଇଚ୍ଛୁକ ମନନଶୀଳ ମନୁଷ୍ୟଙ୍କ ନିମନ୍ତେ ନିଷ୍ଠାପର ଭାବରେ କର୍ମ କରିବା ହିଁ ଯୋଗ ପ୍ରାପ୍ତିର ହେତୁ ବୋଲି କୁହାଯାଏ ଏବଂ ଯୋଗାରୁଢ ହୋଇଯିବା ପରେ ସେହି ଯୋଗାରୁଢ଼ ମନୁଷ୍ୟଙ୍କର ସର୍ବ ସଂକଳ୍ପ ଶୂନ୍ୟତା ହିଁ ତାଙ୍କ କଲ୍ୟାଣର କାରଣ ବୋଲି କୁହାଯାଏ । ଯେତେବେଳେ ମନୁଷ୍ୟ ଇନ୍ଦ୍ରୟମାନଙ୍କର ଭୋଗରେ ଓ କର୍ମମାନଙ୍କ ଦ୍ୱାରା ଆସକ୍ତ ହୁଏ ନାହିଁ ସେତେବେଳେ ସେହି ସର୍ବ ସଂକଳ୍ପ ତ୍ୟାଗୀ ବୋଲି ବିବେଚିତ ହୁଅନ୍ତି । ନିଜ ଦ୍ୱାରା ନିଜକୁ ସଂସାରର ଭୋଗ ସାଗରରୁ ଉଦ୍ଧାର କରିବା ଉଚିତ । କାରଣ ମନୁଷ୍ୟର ଅଧୋଗତିର କାରଣ ନିଜେ ମନୁଷ୍ୟ । ସେ ହିଁ ନିଜର ମିତ୍ର ଓ ଶତ୍ରୁ । ଅର୍ଥାତ୍ ଯେଉଁ ଜୀବାତ୍ମା ଦ୍ୱାରା ମନ ଓ ଇନ୍ଦ୍ରୟମାନଙ୍କ ସହିତ ଶରୀରକୁ ଜୟ କରାଯାଏ ସେହି ମନୁଷ୍ୟ ନିଜର ମିତ୍ର ଓ ଯାହାଦ୍ୱାରା ମନ, ଇନ୍ଦ୍ରିୟ ଓ ଶରୀରକୁ ଜୟ କରାଯାଇ ପାରେନାହିଁ ତେବେ ସେ ହିଁ ନିଜର ଶତ୍ରୁ ସଦୃଶ ହୋଇଥାଏ । ଯାହାଙ୍କ ଅନ୍ତଃକରଣ ଜ୍ଞାନ ବିଜ୍ଞାନରେ ତୃପ୍ତ, ଯାହାଙ୍କର ସ୍ଥିତି ବିକାରଶୂନ୍ୟ, ଯାହାର ଇନ୍ଦ୍ରୟମାନ ବଶୀଭୂତ ହୋଇଛନ୍ତି ଏବଂ ଯାହାଙ୍କ ପାଇଁ ମାଟି ,ପଥର ,ଓ ମୂଲ୍ୟବାନ ପଦାର୍ଥ ସବୁ ସମାନ ସେ ହିଁ ଯୋଗୀଯୁକ୍ତ ଅର୍ଥାତ୍ ଭଗବତ୍ ପ୍ରାପ୍ତି ଯୋଗ୍ୟ ହୁଏ ।

ସଂସାରରେ ଯେଉଁ ବ୍ୟକ୍ତି ଉଭୟ ଗୁଣଗ୍ରାହୀ ଓ ପାପୀମାନଙ୍କ ଠାରେ ସମାନ ଭାବ ରଖେ ସେହିଁ ସଂସାରରେ ଅତ୍ୟନ୍ତ ଶ୍ରେଷ୍ଠ ମନୁଷ୍ୟ ଭାବରେ ଗଣା ଯାଏ । ମନକୁ ବଶ କରିଥିବା ଏହି ମନୁଷ୍ୟ ବା ଯୋଗୀ ଏପରି ଭାବରେ ମୋ ଠାରେ ନିଜର ଆତ୍ମାକୁ ସମର୍ପିତ କରି ପରମେଶ୍ୱରଙ୍କ ସ୍ୱରୂପରେ ଲଗାଇ ପରମାନନ୍ଦ ପ୍ରାପ୍ତି ହୁଅନ୍ତି ।

**ପ୍ଲଟ ନଂ ୨୫,ସୂର୍ଯ୍ୟ ନଗର ,ଭୁବନେଶ୍ୱର**

# ୧୦ ରାଜ୍ୟରୁ ସାଇବର ଠକେଇ : ମାଲାୟଲମ୍ ଫିଲ୍ମ ହିରୋ ଗିରଫ

ଭୁବନେଶ୍ୱର,୨୨।୬ (ସବ୍ୟୁ): ୧୦ ରାଜ୍ୟରୁ କୋଟି କୋଟି ଟଙ୍କାର ସାଇବର ଠକେଇ କରିଥିବା ମାଲାୟଲମ୍ ଟେଲି ଫିଲ୍ମ ହିରୋ ପ୍ରଶାନ୍ତ ବାଲାନ ଓରଫ୍ ମାକିଜୁ କୁ କେରଳର ଏକ ଜଙ୍ଗଲରୁ ସ୍ଥାନୀୟ ପୋଲିସ୍ ସହାୟତାରେ ଗିରଫ କରିଛି ଭୁବନେଶ୍ୱର ସାଇବର ଥାନା ପୋଲିସ । ଓଡ଼ିଶାରୁ ଠାକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜୈନେକ ବ୍ୟକ୍ତି ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ତଦନ୍ତ ଆରମ୍ଭ ହୋଇଥିଲା । ସେ ଭୁବନେଶ୍ୱର ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକଙ୍କ ଠାରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକି ଥିବା ବେଳେ ୧୦ ରାଜ୍ୟରୁ କେତେ ଟଙ୍କା ଠକିଛି ତଦନ୍ତ ଅଗ୍ରଗତି ହେଲ ଜଣାପଡିବ ବୋଲି ସାଇବର ଥାନାର ଜଣେ ଅଫିସର କହିଥିଲେ । ପ୍ରଶାନ୍ତ ନିଜକୁ କେତବେଳେ ମାଲାୟଲମ ଟେଲିଫିଲ୍ମର ପ୍ରଯୋଜକ ବୋଲି କହୁଥିଲା ତ ଆଉ କେତେ ବେଳେ ଟେଲିଫିଲ୍ମ ହିରୋ ବୋଲି କହି ଲୋକଙ୍କୁ ଠକି ଚାଲିଥିଲା । ସାଇବର ଥାନା ପୋଲିସ୍ ଏତଲା ଆଧାରରେ ତଦନ୍ତ ଆଗକୁ ବଢ଼ାଇ ଟେଲିଫୋନ୍ ଟ୍ରାକିଂ ମାଧ୍ୟମରେ ପ୍ରଶାନ୍ତ କେରଳରେ ଥିବା ଜାଣିବାକୁ ପାଇଥିଲେ । ଏକ ସ୍ୱତନ୍ତ୍ର ଟିମ୍ କେରଳ ଯାଇ ଜଙ୍ଗଲ ମଧ୍ୟକୁ ତାକୁ ଗିରଫ କରିଥିବା ସେଠାକାର ପୋଲିସ୍ ସହାୟତାରେ । ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣି ତଦନ୍ତ କରୁଥିବାରୁ ସବିସେସ ତଥ୍ୟ ଦେବାକୁ ପୋଲିସ୍ ଅନିଚ୍ଛା ପ୍ରକାଶ କରିଛି । ସୂଚନାଯୋଗ୍ୟ ଯେ, ପ୍ରଶାନ୍ତ କୋଟି କୋଟି ଟଙ୍କା ସାଇବର ଠକେଇ କରି ନିଜେ ଟେଲିଫିଲ୍ମର ପ୍ରଯୋଜକ ହେବା ସହ ହିରୋ ମଧ ହେଉଥିଲା ବୋଲି ସୂଚନା ମିଳିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇରାନର...

ପରସ୍ପର ଉପରେ ପୁଣି ଆକ୍ରମଣ କରିଛନ୍ତି । ତେହରାନ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବ ନାହିଁ ବୋଲି ସ୍ପଷ୍ଟ କରିଦେବା ପରେ ଏ ବାବଦରେ ମଧ୍ୟସ୍ଥତା ପାଇଁ ଉଦ୍ୟମ କରୁଥିବା ୟୁରୋପୀୟ ସଂଘକୁ ଝଟକା ଲାଗିଛି । ଇସ୍ରାଏଲ ସେନା ଏକ୍ସରେ ଏକ ପୋଷ୍ଟରେ କହିଛି ଯେ ଇରାନ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ତେଲ୍ ଅଭିଭ୍ ସମେତ କେନ୍ଦ୍ରୀୟ ଇସ୍ରାଏଲରେ କେତେକ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି । ଇରାନ ଆକ୍ରମଣ ପରେ କିଛି କୋଠାରେ ମଧ୍ୟ ନିଆଁ ଲାଗିଥିବା ସୂଚନା ମିଳିଛି । ଇସ୍ରାଏଲ ଅଧିକାରୀମାନେ କହିଛନ୍ତି ଯେ ଇରାନ ୫ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରେ ଦକ୍ଷିଣ ଇସ୍ରାଏଲରେ ମଧ ସାଇରନ୍ ବାଜିଛି । କ୍ଷେପଣାସ୍ତ୍ର ମାଡ଼ଜନିତ କ୍ଷୟକ୍ଷତି ନେଇ ବିସ୍ତୃତ ସୂଚନା ଦିଆଯାଇନାହିଁ । ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ସ୍ଥାନୀୟ ସମୟ ରାତି ପ୍ରାୟ ୩ଟା ବେଳେ ଏକ ପୋଷ୍ଟରେ କହିଛି ଯେ ସେମାନେ କେନ୍ଦ୍ରୀୟ ଇରାନରେ କ୍ଷେପଣାସ୍ତ୍ର ଭଣ୍ଡାର ଓ ଉତ୍କ୍ଷେପଣ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲେ ।

ସପ୍ତାହେ ଧରି ଚାଲିଥିବା ଇସ୍ରାଏଲ-ଇରାନ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଇରାନର ବୈଦେଶିକ ମନ୍ତ୍ରୀ ଅଦ୍ଵାସ ଆରାଘଚି ବ୍ରିଟେନ, ଫ୍ରାନ୍ସ ଓ ଜର୍ମାନୀର ପ୍ରତିପକ୍ଷ ତଥା ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟଙ୍କୁ ଜେନେଭାରେ ଭେଟିବାର କିଛି ଘଣ୍ଟା ପରେ ଏହି ନୂଆ ଆକ୍ରମଣ ହୋଇଛି ।

ୱାଶିଂଟନ ସ୍ଥିତ ଇରାନର ମାନବାଧିକାର ସଙ୍ଗଠନ ଅନୁଯାୟୀ ଇରାନରେ ୨୬୩ ସାଧାରଣ ନାଗରିକଙ୍କ ସମେତ ଅତିକମ୍‌ରେ ୬୫୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଇସ୍ରାଏଲ କହିଛି ଯେ ଇରାନ ଇସ୍ରାଏଲ ଉପରେ ୪୫୦ଟି କ୍ଷେପଣାସ୍ତ୍ର ଓ ୧୦୦୦ ଡ୍ରୋନ୍ ନିକ୍ଷେପ କରିଛି ।

## ଶୃଙ୍ଖଳିତ...

ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନହୁଏ ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଏହା ସହିତ ସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟ ଉପଲବ୍ଧ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତ ମାନଙ୍କ ସହଯୋଗ କାମନା କରିଥିଲେ ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆମ ସାଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ । କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡିତ ଅଛି । ତେଣୁ, ଏହାର ସୁପରିଚାଳନା କେବଳ ଏକ ସରକାରୀ ଦାୟିତ୍ୱ ନୁହେଁ, ବରଂ ଏକ ପବିତ୍ର କର୍ତ୍ତବ୍ୟ । ତେଣୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ସମସ୍ତେ ସମନ୍ୱୟ ରଖି ଏହାର ସଫଳ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଥଯାତ୍ରା ସୁରୁଖୁରୁରେ ସମ୍ପାଦିତ ହେବା ପାଇଁ ନିଆ ଯାଇଥିବା ପଦକ୍ଷେପ,ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ଏବଂ ପୋଲିସ୍ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅତିଥି ମାନେ ପୁରୀ ଜିଲ୍ଲା ପ୍ରଶାସନର ସୂଚନା ପୁସ୍ତିକା ରୂପରେଖ ଉନ୍ମୋଚନ କରିଥିଲେ । ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ବିଧାୟକ ଗଣ, ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ, ଜିଲ୍ଲା ପ୍ରଶାସନର ଅଧିକାରୀଗଣ , ସେବାୟତ ଓ ମଠାଧୀଶ ଗଣ ଯୋଗଦେଇଥିଲେ । ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ହୋଇଥିବା ଉନ୍ନତି ଓ ସୌନ୍ଦର୍ଯ୍ୟ କରଣକାର୍ଯ୍ୟ ବୁଲି ଦେଖିଥିଲେ ।

## ନବୀନଙ୍କ...

ରାଜନୈତିକ ସଚିବ ଡ. ସନ୍ଦୁପ୍ତ ମିଶ୍ର କହିଛନ୍ତି ଯେ ନବୀନଙ୍କ ଭେଟିବାକୁ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଫୋନ୍ ଆସୁଛି । ସଂକ୍ରମଣ ଭୟ ଯୋଗୁଁ ସମସ୍ତଙ୍କୁ ଅପେକ୍ଷା କରିବାକୁ କୁହାଯାଉଛି । ୪୮ ଘଣ୍ଟା ପରେ ଭେଟିବାକୁ ଅନୁମତି ମିଳିବ । କୌଣସି ଅସୁବିଧା ନାହିଁ ନବୀନ ବାବୁ ସୁସ୍ଥ ଅଛନ୍ତି ବୋଲି ସେ କହିଛନ୍ତି । ଏପଟେ ନବୀନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କରି ରାଜ୍ୟ ବ୍ୟାପୀ ବିଜେଡିକର୍ମୀ ଓ ଶୁଭେଚ୍ଛୁମାନେ ବିଭିନ୍ନ ମନ୍ଦିରରେ ଦୀପ ଜାଳୁଛନ୍ତି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଓ ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ଦୀପ ଜାଳି ପୂଜାର୍ଚ୍ଚନା କରାଯାଇଥିଲା ।

## ଅଦିନିଆ ବର୍ଷା...

ସୀମାରେ ଏହା ପ୍ରବେଶ କରୁଥିବାର ଅଭିଯୋଗ ହେଉଛି । ବରଗଡ଼ ଜିଲ୍ଲା ବାଟଦେଇ ଏହା ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଯାଉଛି। କାଁଭାଁ ଧରପଗଡ଼ ହେଉଛି। ବିଶେଷ କରି ବରଗଡ଼ ଓ ସମ୍ବଲପୁର ଜିଲ୍ଲାର କିଛି ମିଲର୍ସ ସୁବର୍ଣ୍ଣପୁର ଜିଲ୍ଲାରେ ରାଇସ୍ ମିଲ୍ କରିଛନ୍ତି। ସେମାନେ ଚତୁରତାର ସହ ବରଗଡ଼ ଜିଲ୍ଲା ପାରି କରି ଧାନକୁ ସୁବର୍ଣ୍ଣପୁର ଜିଲ୍ଲାକୁ ନେଉଛନ୍ତି। ସୁବର୍ଣ୍ଣପୁରରେ ରବି ଧାନକିଣା ଟାର୍ଗେଟ୍ କମ୍ ରହିଥାଏ। ଏଣୁ ରାଇସ୍ ମିଲ ଗୁଡିକରେ ଏବେ ଛତିଶଗଡ଼ ଧାନ ଭର୍ତ୍ତି ହୋଇ ରହିଛି। ପ୍ରତିଦିନ ଶହଶହ ଧାନ ବୋଝେଇ ଟ୍ରକ୍ ଛତିଶଗଡ଼ରୁ ଆସି ବରଗଡ଼ ଜିଲ୍ଲାର ବିଭିନ୍ନ ରାସ୍ତା ଦେଇ ସୁବର୍ଣ୍ଣପୁରକୁ ଯାଉଛି। ଛତିଶଗଡ଼ ଧାନ ମୁଖ୍ୟତଃ ଛତିଶଗଡ଼ରୁ ସୋହେଲା ଓ ଅମ୍ବାଭୋନା ଦେଇ ବରଗଡ଼ ଜିଲ୍ଲାରେ ପ୍ରବେଶ କରୁଛି ଓ ବରପାଲି ଦେଇ ସୁବର୍ଣ୍ଣପୁର ଜିଲ୍ଲାର ରାମପୁର, ବିନିକା, ଡୁଙ୍ଗୁରିପାଲି ଅଭିମୁଖେ ଯାଉଥିବା ଅଭିଯୋଗ ହେଉଛି।

ଛତିଶଗଡ଼ରୁ ଆସୁଥିବା ଧାନଗାଡ଼ିକୁ ଧରପଗଡ଼ ପାଇଁ ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି। କିଛି ଦିନ ପୂର୍ବେ ପଦ୍ମପୁର ଉପଖଣ୍ଡ ସୋହେଲା ଥାନା ଅଞ୍ଚଳରେ ଦୁଇଟି ଟ୍ରକ୍ ଜବତ ହୋଇଥିଲା। ସେ ନେଇ ଥାନାରେ ମଧ ମାମଲା ହୋଇଥିଲା। ସେହିପରି ବରଗଡ଼ ଯୋଗାଣ ବିଭାଗ ଦୁଇଟି ଟ୍ରକ୍ ଜବତ କରିଥିଲା। ଉକ୍ତ ଟ୍ରକରୁ ଧାନକୁ ରାଇସ୍ ମିଲକୁ ଜିମା ଦେବାପରେ ଜିଲ୍ଲାପାଳଙ୍କ କୋର୍ଟରେ ମାମଲା ରୁଜୁ କରାଯାଇଥିବା ଯୋଗାଣ ବିଭାଗ ସୂତ୍ରରୁ ସୂଚନା ମିଳିଛି। ହେଲେ ଜବତ ହୋଇଥିବା ୪ଟି ଟ୍ରକର ଧାନ କାହାର? କେଉଁଠିକୁ ଯାଉଥିଲା? କେଉଁ ରାଇସ ମିଲ୍ ମୁ ଯିବାର ଥିଲା? ଏ ନେଇ କୌଣସି ସୂଚନା ତଦନ୍ତ ରିପୋର୍ଟରେ ଅଧିକାରୀମାନେ ଉଲ୍ଲେଖ କରିନାହାନ୍ତି ବୋଲି ଜାଣିବାକୁ ମିଳିଛି ।

ସୂଚନା ଅନୁସାରେ, କେବଳ ଡ୍ରାଇଭରମାନଙ୍କ ନାଁରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଛତିଶଗଡ଼ ଧାନ ଆରାମରେ ବିଭିନ୍ନ ଜିଲ୍ଲାର ରାଇସ୍ ମିଲ୍କୁ ପଶୁଥିଲେ ବି କଡ଼ାକଡ଼ି ଯାଞ୍ଚ ହେଉନଥିବାରୁ ଏହି କାରବାର ଜୋରଦାର ଚାଲିଛି। ରବି ଧାନକିଣା ଆରମ୍ଭରୁ ଏ ପର୍ଯ୍ୟନ୍ତ ଛତିଶଗଡ଼ରୁ ପ୍ରତ୍ୟହ ଧାନ ବୋଝେଇ ଟ୍ରକ୍ ସବୁ ବରଗଡ଼ ଦେଇ ବିଭିନ୍ନ ଜିଲ୍ଲାକୁ ଯାଉଛି।

## ଟ୍ରମ୍ପଙ୍କୁ ...



କରିବା ପାଇଁ ଆପଣ ଯେଉଁ ସାହାସିକ ନିଷ୍ପତ୍ତି ନେଲେ ତାହା ଇତିହାସ ବଦଳାଇ ଦେବ । ରାଷ୍ଟ୍ରପତି ଟ୍ରମ୍ପ ଓ ମୁଁ ପ୍ରାୟତଃ କହୁ ଯେ ଶକ୍ତି ମାଧ୍ୟମରେ ଶାନ୍ତି ଆସେ । ପ୍ରଥମେ ଶକ୍ତି ଆସେ । ତା'ପରେ ଶାନ୍ତି ଆସେ । ଆଜି ଡୋନାଲ୍ଡ ଟ୍ରମ୍ପ ଓ ଆମେରିକା ବହୁତ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆମେରିକା ସେହି କାର୍ଯ୍ୟ କରିଛି ଯାହା ପୃଥିବୀର ଅନ୍ୟ କୌଣସି ଦେଶ କରିପାରିବେ ନାହିଁ । ପୃଥିବୀର ସବୁଠୁ ବିପଜ୍ଜନକ ଶାସକ ଓ ବିପଜ୍ଜନକ ଅସ୍ତ୍ରକୁ ମାତ ଦେବାକୁ ଟ୍ରମ୍ପ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତାହାକୁ ଇତିହାସ ମନେ ରଖିବ । ଏହା ସହିତ ଯେତେ ଦିନ ପର୍ଯ୍ୟନ୍ତ ଇରାନର ପରମାଣୁ କାର୍ଯ୍ୟକ୍ରମ ନେଇ ବିପଦ ସଂପୂର୍ଣ୍ଣ ଭାବେ ଟଳି ନାହିଁ ସେପର୍ଯ୍ୟନ୍ତ ଇରାନ ବିରୋଧରେ ଇସ୍ରାଏଲର ଅପରେସନ ଜାରି ରହିବ ବୋଲି ନେତାନ୍ୟାହୁ ସ୍ପଷ୍ଟ କରି ଦେଇଛନ୍ତି ।

# ସାରୁଅବିଲ ଖଣି , ଏଫ୍ଏପି ଆଠଗଡ଼କୁ କଳିଙ୍ଗ ପରିବେଶ ଉତ୍କର୍ଷ ସମ୍ମାନ




ଭୁବନେଶ୍ୱର,(ସବ୍ୟୁ): ଦୀର୍ଘସ୍ଥାୟୀ ଖଣି ଏବଂ ପରିବେଶ ପ୍ରତି ଦାୟିତ୍ୱବୋଧ ଶିଳ୍ପ ଅଭ୍ୟାସ ପାଇଁ ଟାଟା ଷ୍ଟିଲ ପୁଣିଥରେ ସମ୍ମାନିତ ହୋଇଛି । କମ୍ପାନୀର ଫେରୋ ଆଲୟଜ୍‌ଆଣ୍ଡ୍ ମିନେରାଲ ଡିଭିଜନ (ଏଫ୍ଏଏମ୍ଡି) ଅଧୀନରେ ପରିଚାଳିତ ସାରୁଅବିଲ କ୍ରୋମାଇଟ୍ ଖଣି ଏବଂ ଫେରୋ ଆଲୟଜ୍ ପ୍ଲାଣ୍ଟ (ଏଫ୍ଏପି), ଆଠଗଡ଼କୁ ସମାନଜନକ କଳିଙ୍ଗ ପରିବେଶଉତ୍କର୍ଷ ପୁରସ୍କାର-୨୦୨୪ରେ ସମ୍ମାନିତ କରାଯାଇଛି। ଯାଜପୁର ଜିଲ୍ଲାର ସୁକିନ୍ଦା ଅଂଚଳରେ ଅବସ୍ଥିତ ସାରୁଅବିଲ କ୍ରୋମାଇଟ୍ ଖଣିକୁ ପଂଚ ତାରକା ବର୍ଗରେ ଏବଂ ଏଫ୍ଏପି ଆଠଗଡକୁ ଚାରି ତାରକା ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି।୨୦୨୪ରେ ପରିବେଶ ସଂରକ୍ଷଣ କ୍ଷେତ୍ରରେ କମ୍ପାନୀର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି ସମାନ ମିଳିଛି । ଖଣି ମୁଖ୍ୟ (ସାରୁଅବିଲ୍ ଓ କମର୍ଦ୍ଧା) ନବୀନ ଶ୍ରୀବାସ୍ତବ, ଏଫ୍ଏପି ଆଠଗଡ଼ର ମୁଖ୍ୟସର୍ବେଶ୍ୱର ନାୟକଙ୍କ ସହିତ ପରିବେଶ ପ୍ରବନ୍ଧକ (ସାରୁଅବିଲ ଏବଂ କମର୍ଦ୍ଧା) ଅବିନାଶ ମିଶ୍ର, ପରିବେଶ ପ୍ରବନ୍ଧକ (ଏଫଏପି ଆଠଗଡ୍, ଗୋପାଳପୁର ଏବଂ ବାଲେଶ୍ୱର) ଦୀପଙ୍କର ପତିକମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ।ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭାରନମେ ମ୍ୟାନେଜମେ ସର୍ଭିସେସ୍ (ଆଇକ୍ୟୁଇଏମ୍ଏସ୍) ଦ୍ୱାରା ବିଭିନ୍ନ ଶିଳ୍ପ ସଂଗଠନ ଏବଂ ପରିବେଶ ବିଶେଷଜ୍ଞଙ୍କ ସହଯୋଗରେ ଆୟୋଜିତ୧୦ମ ପରିବେଶ, ଶକ୍ତି ଏବଂ ଜଳବାୟୁ ପରିର୍ବନ- ୨୦୨୫ ଜାତୀୟ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

# ଟିପିସିଓଡିଏଲ ପକ୍ଷରୁ ଯୋଗ ଦିବସ ପାଳନ

ଭୁବନେଶ୍ୱର,(ସବ୍ୟୁ): ଟିପିସିଓଡିଏଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଟିପିସିଓଡିଏଲର କର୍ପୋରେଟ କାର୍ଯ୍ୟାଳୟ ସମେତ ସମସ୍ତସର୍କଲ, ଡିଭିଜନ ଓ ଟେକନୋଲୋଜି ସେରରେ ଏହି ଯୋଗ ଦିବସ ପାଳିତ ହୋଇଛି। ଟିପିସିଓଡିଏଲ ସିଇଓ ଶ୍ରୀ ଅରଭିନ୍ଦ୍ ସିଂହଙ୍କନେତୃତ୍ୱରେ ଟିପିସିଓଡିଏଲ କର୍ମଚାରୀ ଓ ଅଧିକାରୀମାନେ ସାମିଲ ହୋଇ ଯୋଗ କରିଥିଲେ। ଚଳିତ ବର୍ଷ ଯୋଗ ଦିବସ ଉପଲକ୍ଷେ ଥିମ୍‌ରହିଛି ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ। ଏହି ଅବସରରେ ଶ୍ରୀ ସିଂହ କହିଥିଲେ ଯେ ଯୋଗ ଏକ ସୁସ୍ଥ, ଶାରୀରିକ ଓମାନସିକସ୍ତରରେ ରହିବା ପାଇଁ ସର୍ବୋମ ଉପାୟ। ଉନ୍ନତ ସ୍ୱାସ୍ଥ୍ୟ, ଶକ୍ତି ଓ ଶାନ୍ତି ପାଇଁ ଯୋଗକୁ ନିୟମିତ ଅଭ୍ୟାସ କରିବା ଆବଶ୍ୟକ।ନିଜର ଓ ପରିବାର ସ୍ତରରେ ଉମ ସ୍ୱାସ୍ଥ୍ୟର ମହ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଶରୀର, ମନ, ସମାଜ ଓ ଆଧ୍ୟାତ୍ମିକ ଜୀବନ ପାଇଁ ଯୋଗହେଉଛି ଏକ ସର୍ବୋତ୍କୃଷ୍ଟ ମାଧ୍ୟମ । ଯୋଗ ହିଁ ଏକମାତ୍ର ମାଧ୍ୟମ ଯାହା ମନକୁ ଶାନ୍ତ କରିଥାଏ । ଦୁନିଆକୁ ଆମର ଏହି ପ୍ରାଚୀନ କଳା ଓଏହାର ସୁଫଳ ସମ୍ପର୍କରେ ଅବଗତ କରାଇବା ପାଇଁ ଆମ ଦେଶର ନେତୃତ୍ୱରେ ପୁରା ବିଶ୍ୱ ପାଳନ କରୁଛି ଯୋଗ ଦିବସ । ୨୦୧୫ରୁଅନ୍ତରାଷ୍ଟ୍ରୀୟ ସ୍ତରରେ ଜୁନ୍ ୨୧ ତାରିଖକୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି ।

# ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆକୁ ବ୍ୟବସାୟ ଲିଡରଙ୍କ ସମର୍ଥନ

ଭୁବନେଶ୍ୱର,(ସବ୍ୟୁ): ଅହମଦାବାଦ ବିମାନବନ୍ଦର ନିକଟରେ ଜୁନ ୧୨ ତାରିଖରେ ଘଟିଥିବା ବୋଇଂ ୭୮୭-୮ ଡ୍ରିମଲାଇନରଦୁର୍ଘଟଣାରେ ୨୭୫ ଜଣଙ୍କ ପ୍ରାଣ ହରାଇବା ପରଠାରୁ ଏୟାର ଇଣ୍ଡିଆ ବିରୋଧରେ ଉଠୁଥିବା ଆଲୋଚନାକୁ ଦୃଢ଼ ଭାବରେଖଣ୍ଡନ କରିଛନ୍ତି ବିଭିନ୍ନ ବ୍ୟବସାୟ ଏବଂ ବିମାନ କ୍ଷେତ୍ରର ପ୍ରମୁଖ । ଲଣ୍ଡନ ଗ୍ୟାଟଉଇକ୍ ଯାତ୍ରା କରୁଥିବା ଏହି ବିମାନଟିଉଡ଼ାଣ ଆରମ୍ଭ କରିବାର ଅଳ୍ପ ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଟାଟା ଗ୍ରୁପ୍ ଅଧୀନରେ ଥିବା ଏୟାର ଇଣ୍ଡିଆ ପାଇଁଏହି ଘଟଣା ପରେ ବିମାନ ବ୍ୟବସାୟ ଜଗତରେ ଏକତା ଦେଖାଦେଇଛି । ଭାରତୀୟ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ପୂର୍ବତନ ଅଧିକାରୀ କ୍ୟାପଟେନ କିଶୋର ଚିନ୍ତା ଏହି ଘଟଣାର ବିରଳତାବିଷୟରେ ମହତ୍ୱପୂର୍ଣ୍ଣ ତଥ୍ୟ ଦେଇଛନ୍ତି । ବିବିସିକୁ ଦିଆଯାଇଥିବା ସାକ୍ଷାତକାରରେ ଚିନ୍ତା କହିଛନ୍ତି ଯେ ଏହା ବିମାନଜଗତରେ ଏକ ଅତି ବିରଳ ଘଟଣା। ମୋ ଜ୍ଞାନ ଅନୁଯାୟୀ ଏଭଳି ଘଟଣା ପୂର୍ବରୁ କେବେ ଘଟିନାହିଁ । ଆରପିଜି ଗ୍ରୁପର ମୁଖ୍ୟ ହର୍ଷ ଗୋୟଙ୍କା ଏୟାର ଇଣ୍ଡିଆର ସଙ୍କଟ ପରିଚାଳନା ପଦ୍ଧତିକୁ ଜୋରଦାର ସମର୍ଥନ କରିଛନ୍ତି ।ଇକନୋମିକ୍ ଟାଇମ୍ସଙ୍କ ପାଇଁ ଲେଖିଥିବା ନିବନ୍ଧରେ ଗୋୟଙ୍କା ଟାଟା ଗ୍ରୁପର ପୂର୍ବ ସଙ୍କଟ ସମୟରେ ଦେଖାଇଥିବାପ୍ରତିକ୍ରିୟାକୁ ଏହା ସହିତ ତୁଳନା କରିଛନ୍ତି। ବିଶେଷକରି ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସମୟରେ ଦେଖାଇଥିବାପ୍ରତିକ୍ରିୟାକୁ ସେ ଉଲ୍ଲେଖ କରିଛନ୍ତି । ଗୋୟଙ୍କା ଲେଖିଛନ୍ତି, 'ଟାଟା ଗ୍ରୁପ୍ ଏଠାରେ ଅନନ୍ୟ। ସେମାନେ କୌଣସି ଦାୟିତ୍ୱ ଗ୍ରହଣ କରିବାକୁ ପଛୁଆ ନାହାଁନ୍ତି।'ସେମାନଙ୍କର ସ୍ପଷ୍ଟ ନେତୃତ୍ୱ ଏବଂ ଅସଲି ପ୍ରତିକ୍ରିୟାକୁ ସେ ପ୍ରଶଂସା କରିଛନ୍ତି ଯାହା ସାଧାରଣ କମ୍ପାନିଗୁଡ଼ିକର ସଙ୍କଟସମୟର ଭୁଲ୍ ପଦକ୍ଷେପ ଠାରୁ ଅଲଗା ଥିଲା।ପୂର୍ବତନ ଜେଟ୍ ଏୟାରୱେଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କପୁର ମଧ ଏୟାର ଇଣ୍ଡିଆ ବିରୋଧରେ ଉଠୁଥିବାଆଲୋଚନାକୁ ଖାରଜ କରିଛନ୍ତି । ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ, 'ଏୟାର ଇଣ୍ଡିଆର ଦଶକ ଦଶକ ଧରି ଏକ ଉତ୍କୃଷ୍ଟ ସୁରକ୍ଷା ରେକର୍ଡ ରହିଛି। ଗୋଟିଏ ଦୁର୍ଘଟଣା ଓ ଲୋକମାନେ ସମସ୍ତ ଯୁକ୍ତିଯୁକ୍ତ ବୁଦ୍ଧି ହରାଇଥିବା ସେଲେଖିଛନ୍ତି।ବିମାନ ବିଶେଷଜ୍ଞ କପୁର ଜଣାଇଛନ୍ତି ଯେ, ଇଏଆଇ୧୭୧ ଘଟଣା ପୂର୍ବରୁ ବୋଇଂ ୭୮୭ ବିମାନ ବିଶ୍ୱବ୍ୟାପୀ ୫ ନିୟୁତରୁଅଧିକ ଥର ଉଡ଼ାଣ କରିଥିଲା ଏବଂ ଏହା ପୂର୍ବରୁ କୌଣସି ଦୁର୍ଘଟଣା ବା ମୃତ୍ୟୁ ଘଟିନଥିଲା। ସେ ଦୃଢ଼ ଭାବରେ କହିଛନ୍ତି, 'ବିମାନ ଯାତାୟାତ ଏବେ ମଧ ସବୁଠାରୁ ସୁରକ୍ଷିତ ମାଧ୍ୟମ । ଏୟାର ଇଣ୍ଡିଆର ଦ୍ରୁତ ସଙ୍କଟ ପ୍ରତିକ୍ରିୟାକୁ ମଧ୍ୟ ଏହି ସମର୍ଥନ ସହିତ ମାନ୍ୟତା ମିଳିଛି । ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ୍‌ୱିଲସନ୍ ଏବଂ ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ ଘଟଣାସ୍ଥଳକୁ ତୁରନ୍ତ ଯାଇଥିଲେ।ଚନ୍ଦ୍ରଶେଖରନ୍ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଟାଟା ଗ୍ରୁପ୍ 'ନିଜ ଦାୟିତ୍ୱରୁ ପଛଘୁଞ୍ଚା ଦେବ ନାହିଁ।'ଟାଟା ଗ୍ରୁପ୍ ପ୍ରତ୍ୟେକ ପୀଡ଼ିତ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ମଧ ଘୋଷଣା କରିଛି ।

# ଆଦିତ୍ୟ ଯୋଗ କେନ୍ଦ୍ରର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବାଲେଶ୍ୱର,(ସବ୍ୟୁ):ବାଲେଶ୍ୱର ଗୋପାଳ ଗାଁ ସ୍ଥିତ ଆଦିତ୍ୟ ଯୋଗ କେନ୍ଦ୍ର ଆନୁକୂଲ୍ୟରେରେ ହୋଟେଲ ଟପ୍ ଏଣ୍ଡ ଟେଷ୍ଟି ହଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳୁ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା । ଯୋଗ ସେଣ୍ଟରରେ ସମସ୍ତ ସଦସ୍ୟ ସଦସ୍ୟ ଯୋଗ କରିଥିଲେ । ପରେ ଯୋଗ ସେଣ୍ଟରର ମୁଖ୍ୟ ପରିଚାଳକ ତଥା ଯୋଗ ଗୁରୁ ଗୌରାଙ୍ଗ ବିନ୍ଧାଣିଙ୍କ ପୌରୋହିତ୍ୟ କରିବା ସହ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେମୁଣା ଇସ୍କନ ମନ୍ଦିରର ମୁଖ୍ୟ ପରିଚାଳକ ମୁକୁନ୍ଦ ଚୈତନ୍ୟ ଦାସ ଯୋଗଦେଇ ଯୋଗର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପତାଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ତଥା ଯୋଗଗୁରୁ କରୁଣା କର ଶିଆଳ,ନୂତନବାର୍ତ୍ତାର ସମ୍ପାଦକ ତଥା ଯୁବ ସମାଜସେବୀ ଇଂ ବିଭୂପଦ ଦାସ ,ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୋଗର ପ୍ରଚାର ପ୍ରସାର କିଭଳି ହୋଇପାରିବ ସେଥି ପ୍ରତି ସମସ୍ତେ ଉଦ୍ୟମ କରିବାକୁ ସେ ନିବେଦନ କରିଥିଲେ ।ଆଧୁନିକ ସମାଜ ରେ ଯୁବ ଗୋଷ୍ଠୀ ଜିମ ରେ ସ୍ୱାସ୍ଥ୍ୟର ବିକାଶ ପାଇଁ ନିୟମିତ ଯାଉଥିବା ବେଳେ ମାନସିକ ସ୍ୱାସ୍ଥ୍ୟ ର ବିକାଶ ଲାଗି ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦେଇଥିଲେ।ଆଦିତ୍ୟ ଯୋଗ ସେଣ୍ଟରର ପ୍ରତିଷ୍ଠାତା ଗୌରାଙ୍ଗ ବିନ୍ଧାଣିଙ୍କ ପ୍ରଚେଷ୍ଟାକୁ ଇଂ ବିଭୂପଦ ଦାସ ଭୂୟସୀ ପ୍ରଶଂସା କରିବା ସହ ଅନେକ ଅସୁସ୍ଥ ଲୋକ କିଭଳି ଯୋଗ ମାଧ୍ୟମ ରେ ସୁସ୍ଥ ହୋଇପାରିଛନ୍ତି ସେ ଅନୁଭୁତି ସମ୍ପର୍କରେ କହିଥିଲେ । ଏହି ଅବସରରେ ପୂର୍ବରୁ ଯୋଗ ସେଣ୍ଟରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରଞ୍ଜିତା ଲଡ଼ା ମଞ୍ଚ ସଞ୍ଚାଳନ କରିଥିବା ବେଳେ ସୌମେନ୍ଦ୍ର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ । ପରେ ଅନୁଷ୍ଠାନରେ ସଦସ୍ୟାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୫୧ ୟୁନିଟ ସଂଗ୍ରହ

ଦୋବଲ,(ସବ୍ୟୁ):ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ଷ୍ଟେଟ ବ୍ୟାଙ୍କ ଶାଖା ଆନୁକୁଲ୍ୟରେ ଶନିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସବିଆଇ ଶାଖା ପରିଚାଳକ ନିଗମାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଏସବିଆଇ ଦୋବଲର ଫିଲ୍ଡ ଅଫିସର ତ୍ରିବିକ୍ରମ ସାହୁ ସ୍ଥାନୀୟ ଅଂଚଳର ଲୋକଙ୍କୁ ଏହି ମହତ ରକ୍ତଦାନ କରିବାକୁ ଆଗେଇ ଆସନ୍ତୁ ବୋଲି ଅନୁରୋଧ କରିଥିଲେ।ଏହି ଅବସରରେ ମୋଟ ୫୨ୟୁନିଟ ରକ୍ତ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଭଦ୍ରକ ରକ୍ତଭଣ୍ଡାର କେନ୍ଦ୍ରର ଡାକ୍ତରମାନେ ଏହି ଶିବିରରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ପ୍ରମୁଖ ଅଫିସର ଶାନ୍ତିପଦ ଜେନା,ବିଜୟ ହାଁସଦା,ନବଘନ ଓଝା,ସୁବ୍ରତ ସେଠୀ,ଏମଡି ହନିଫ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜ୍ଞାନେନ୍ଦ୍ର ସାହୁ,ଶରତ ଶଙ୍ଖୁଆ,ହରମୋହନ ପତି,ଅକ୍ଷୟ ସେଠୀ,ସନ୍ତୋଷ ବେହେରା,ବିଜୟ ବେହେରା,ନରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆଗରପଡ଼ାକୁ ବରପୁତ୍ର ଐତିହ୍ୟ ଗ୍ରାମ ମାନ୍ୟତା

ଆଗରପଡ଼ା,(ସବ୍ୟୁ):ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ମୁଖ୍ୟମଂତ୍ରୀ ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜନ୍ମସ୍ଥାନ ଆଗରପଡ଼ାକୁ ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିସି ମାଧ୍ୟମରେ ଘୋଷଣା କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ଡାଏଟ ନିକଟରେ ଏକ ଉତ୍ସବର ଆୟୋଜନ ହୋଇଥିଲା। ଜିଲ୍ଲାପାଳ ,ଅତିରିକ୍ତ ଜିଲ୍ଲାପାଳ,ବିଡିଓ,ତହସିଲଦାର ପ୍ରମୁଖ ପ୍ରଶାସନିକ ଅଧିକାରୀମାନଙ୍କ ସହ ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ଆଡ଼ଭୋକେଟ ମନୋଜ ରାୟ,ବିଜେପି ନେତା ସୁଧାଂଶୁ ଶେଖର ନାୟକ,ତପନ ସିଂହ,ଅନିରୁଦ୍ଧ ସିଂହ,ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ,ସରପଂଚ ପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ୧୮ ନୂଆ ଡାଇରିଆ ରୋଗୀ ଚିହ୍ନଟ :ବଡଚଣାରେ ଆଉଜଣେ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳାରେ ଡାଇରିଆ ପ୍ରକୋପ ଧିରେଧିରେ ନିୟନ୍ତ୍ରଣକୁ ଆସୁଛି।ଅନ୍ୟ ଦିନ ତୁଳନାରେ ରବିବାର ଦିନ ଏହିଦୁଇ ବ୍ଲକ ଅଞ୍ଚଳରେ ରୋଗୀଙ୍କ ସଂଖ୍ୟା କମ ହୋଇଛି। ତେବେ ବଡଚଣା ବ୍ଲକ ଚମ୍ପାପୁର ପଞ୍ଚାୟତ ଗୋପିନାଥପୁର ଗ୍ରାମରେ ଜଣେ ଯୁବକଙ୍କର ଡାଇରିଆରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।ମୃତ ଯୁବକଙ୍କର ନାମ ଚିନ୍ମୟକୁମାର ଦାସ(୩୫ବର୍ଷ) ଓ ତାଙ୍କ ବାପାଙ୍କ ନାମ ଶିବପ୍ରସାଦ ଦାସ ବୋଲି ଜଣାପଡିଛି। ଜାଡାବାନ୍ତି ରୋଗରେ ଆକ୍ରାନ୍ତ ହେବାପରେ ଚିନ୍ମୟଙ୍କୁ ପ୍ରଥମେ ଛତିଆ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ହାଇଟେକ ମେଡିକାଲକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।ଖବରପାଇ ବଡଚଣା ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ମୃତକଙ୍କ ଘରେ ପହଞ୍ଚି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ରବିବାର ଦିନ ବଡଚଣା ଓ ଧର୍ମଶାଳା ବ୍ଲକରେ ଆଉ ୧୮ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି ଓ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଥି ମଧ୍ୟରୁ ବଡଚଣାରେ ୧୨ଜଣ ଓ ଧର୍ମଶାଳାରେ ୬ଜଣ ରୋଗୀ ରହିଥିବା ସୂଚନା ମିଳିଛି। ଏବେସୁଧା ଏହିଦୁଇ ବ୍ଲକରେ ୧୨ଶହରୁ ଉର୍ଦ୍ଧ୍ୱ ରୋଗୀ ଡାଇରିଆରେ ଆକ୍ରାନ୍ତ ହୋଇଥିଲାବେଳେ ସେଥିରୁ ୧୧ଶହରୁ ଉର୍ଦ୍ଧ୍ୱ ରୋଗୀ ସୁସ୍ଥହୋଇ ଘରକୁ ଫେରିଥିବା ଜଣାପଡିଛି। ତେବେ ଦର୍ପଣ ତହସିଲର ମାନସକୁମାର ତ୍ରିପାଠୀ ରବିବାର ଦିନ ଶାଳପଡା,ଛତିଆ ଓ ସୀହା ଅଞ୍ଚଳର ଆଉ ୩୦ଟି ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢାଉ କରାଯାଇଛି। ଏଥିସହ ୯ଟି ସ୍ଥାନରୁ ରବିବାର ଦିନ ଜଳ ନମୁନା ସଂଗ୍ରହ କରାଯାଇ ପରିକ୍ଷା ପାଇଁ ପଠାଯାଇଥିବା ତହସିଲର ସୂଚନା ଦେଇଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F.No- 15 dated 17.06.2025. I, Budhia Naik address Patharabandha, Beherasahi, Bani vihar, Ps- Sahidnagar, Bhubaneswar-751007. Declare that I have changed my name from Chitaranjan Nayak to Budhia Naik. Henceforth, I shall be known as **Budhia Naik** for all future purposes.

Sd/- Budhia Naik

**AFFIDAVIT**

BY VIRTURE OF AN AFFIDAVIT BEFORE THE EXEUTIVE MAGISTRATE KHORDHA. MY ACTUAL NAME & SUR NEME IS **PRIYANKA JENA**, IN MY ADHAAR NO- 553004921903, BUT WRONGLY RECORDED AS **PRIYANKA PATRA**, W/O- ASISH KUMAR PARTA, AT- PADHIRIPALLI, P/O- ATURICONA, DIST- KEUNJHAR. WHICH NEEDS CORRECTION AS **PRIYANKA JENA**, D/O- BRAJA KISHORE JENA, AT- NARADIA, P/O- PANCHAPALLI, PS- ERASAMA, DIST- JAGATSINGHPUR, ODISHA SO THAT **PRIYANKA JENA** & **PRIYANKA PATRA** ONE PERSON. I SHALL BE KHOWN AS FOR ALL PURPOSE

**AFFIDAVIT**

By virtue of an affidavit sworn before the Executive Magistrate, Jatni. I, Amirun Bibi, Aged (27), W/o- Mohammed Anis, of At- Rathipur, Po- Kantia, Ps- Jatni, Dist- Khordha, Odisha Pin-752050. Declared by this affidavit no. 08, dated. 02.06.2025, that in aadhar no- 605498281067 & Pan card no- GRIPB0672J, my name is mentioned as Amirun Bibi but in my Aadhar card no- 605498281067, my name is metioned as Armrun Begum. I declared that Amirun Bibi & Armrun Begumis related to one & same person. Henceforth, I shal be known as Amirun Bibi for all purposes.

**OFFICE OF THE HEADMISTRESS**
**KASTURABA GANDHI BALIKA VIDYALAYA, NAYAKGUDA**
**AT/PO- NAYAKGUDA, BLOCK- MATHILI,**
**DIST- MALKANGIRI, PIN- 764044**

No. 30/2025 DATE-21/06/2025

**TENDER CALL NOTICE NO - 01/2025-2026**

Sealed tenders are invited from reputed firms and manufacturers having GSTIN No. for supply of (1) Grocery and Snacks items, (2) Sports Dress/ Night dress and foot wear items, (3) Students Sup.TLM and office Stationary, (4) Cosmetics and Toilet items, (5) Vegetables, (6) Nonveg, (7) Electrical items, (8) Bakery items to Kasturaba Gandhi Balika Vidyalaya, Nayakguda, Block- Mathili, Dist- Malkangiri, (Odisha) for the financial year 2025-2026. The tender form with other particular items and list of items can be obtained from the office of the Headmistress, K.G.B.V, Nayakguda from 10 A.M. to 04 P.M. in all working days from dt- 24/06/2025 to 20/06/2025 on payment of Rs 1000/- (Rupees one thousand) only. The tenderer completed in all respect along with requisite document and earnest money in shape of bank draft in favour of **School Management Committee, KGBV, Nayakguda** Payable at **CBI** (Central Bank of India), Malkangiri would only be deposited in this Vidyalaya up to 4 P.M. on dated 30/06/2025. The purchase advisory committee (PAC) meeting will be held on dated-02/07/2025 at 11 A.M in this Vidyalaya for opening of tender. The PAC reserves the right to accept / reject the tender in whole or in part without assigning any reason thereof.

**Sd/- Headmistress, KGBV, Nayakguda**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ନିଶାବେପାରୀ ଗିରଫ : ବ୍ରାଉନ୍‌ସୁଗର ଜବତ



ଜଟଣୀ,(ସବ୍ୟୁ): ଜଟଣୀ ପୁଲିସ ଚଢ଼ଉ କରି ବ୍ରାଉନ୍‌ସୁଗାର ଜବତ କରିବାସହ ଦୁଇ ନିଶା ବେପାରୀକୁ ଗିରଫ କରିଛନ୍ତି। ଧରାପଡ଼ିଥିବା ଦୁଇ ନିଶାବେପାରୀ ହେଲେ ଖୋର୍ଦ୍ଧା ଟାଉନ୍ ଥାନା ଶ୍ରୀରାମନଗରରେ ରହୁଥିବା ଟାଙ୍ଗୀ ଅଂଚଳର ରାଜେଶ କୁମାର ମହାପାତ୍ର ଓ ଖୋର୍ଦ୍ଧା ଭାଲିଆବାଡ଼ିରେ ରହୁଥିବା ରଣପୁର ଅଂଚଳର ଓମ୍‌ପ୍ରକାଶ ରଥ। ଏମାନଙ୍କ ଠାରୁ ପୁଲିସ ୧୨ ଗ୍ରାମ ବ୍ରାଉନ୍‌ସୁଗାର, ୧ ହଜାର ଟଙ୍କା ଓ ଗୋଟିଏ ବାଇକ୍ ଜବତ କରିଛି। ପଚରାଉଚୁରା ସମୟରେ ଦୀର୍ଘଦିନ ହେବ ଦୁଇ ଅଭିଯୁକ୍ତ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ପୁଲିସ କହିଛି। ଖୁଦୁପୁର ଛକରେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଛିଡା ହୋଇଥିବା ଖବର ପାଇ ପୁଲିସ ଚଢ଼ାଉ କରି ପୁଲିସ ସେମାନଙ୍କୁ କାବୁ କରିଥିଲା।

# ଚାରି ରେଳକର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର

ଜଟଣୀ, (ସବ୍ୟୁ): ଖୋର୍ଦ୍ଧରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜୱା କର୍ତବ୍ୟ ପ୍ରତି ସଚ୍ଚୋଟତା ଏବଂ ନିଷ୍ଠାପରତା ପାଇଁ ଡିଭିଜନର ୪ ଜଣ ରେଳକର୍ମଚାରୀଙ୍କୁ ସମ୍ମାନୀତ କରିଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କର୍ମଚାରୀମାନେ ହେଲେ- ରୋନିଙ୍କି ଦୁର୍ଗାରାଓ,ଟେକ୍-୨ ମେମୁ କାର୍‌ସେଡ୍, ଖୋର୍ଦ୍ଧାରୋଡ଼, ସିର୍ଦ୍ଧାର୍ଥଶଙ୍କର ସାହୁ, ଷ୍ଟେସନମାଷ୍ଟର ରଘୁନାଥପୁର, ଜି ମୋହନ ବାବୁ ଷ୍ଟେସନ ଅଧିକ୍ଷକ, ଭୁବନେଶ୍ୱର ଏବଂ ଶ୍ରୀ ପରଦେଶୀ ଧନୁଞ୍ଜୟ, ଟେକ୍-୨/ ସିଆଣ୍ଡଡବ୍ଲ୍ୟୁ, ଖୋର୍ଦ୍ଧାରୋଡ଼। କର୍ମଚାରୀମାନଙ୍କର ସମୟୋଚିତ ସତର୍କତା ପାଇଁ, ଯାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିଲା, ଟ୍ରେନ୍‌ଗୁଡିକର ସୁରକ୍ଷିତ ପରିଚାଳନା ହୋଇପାରିଥିଲା। ଏବଂ ଟ୍ରେନ୍‌ଗୁଡିକୁ ବିଳମ୍ବ ହେବାରୁ ବଂଚିତ କରାଯାଇଥିଲା। ଡିଆର୍‌ଏମ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳ, ବରିଷ୍ଠ ମଣ୍ଡଳ ନିରାପତା ଅଧିକାରୀ ଆଶିଷ କୁମାର ସେନାପତି ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ ପାଇଁ ସୌଭିକ୍‌ଙ୍କ ଦୀପଦାନ



ଚୌଦ୍ୱାର,(ସବ୍ୟୁ.): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ହେତୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଠାକୁରଙ୍କୁ ଦୀପ ଦାନ କରିଛନ୍ତି । ସ୍ଥାନୀୟ ୭ନଂ. ୱାର୍ଡ଼ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ବହୁ ଜନସାଧାରଣଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ବିଶ୍ୱାଳ ଆଜି ସନ୍ଧ୍ୟାରେ ଦୀପଦାନ କରିବା ସହିତ ଠାକୁରଙ୍କ ସଂଧ୍ୟା ଆଳତୀରେ ଯୋଗ ଦେଇଥିଲେ । ଏହି ଦୀପଦାନ କାର୍ଯ୍ୟକ୍ରମରେ ଅଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ଚେୟାରମ୍ୟାନ୍ ପ୍ରେମଚାନ୍ଦ ନାୟକ, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ସୁବ୍ରତ ସାମଲ, ସମସ୍ତ ବିଜେଡ଼ି କାଉନ୍‌ସିଲର, ପୂର୍ବତନ କାଉନ୍‌ସିଲର, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ନଗର ବିଜେଡ଼ି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଯୁବ ନେତା ଅର୍ଜୁନ ପଣ୍ଡା, ମହିଳା ନେତ୍ରୀ କଲ୍ୟାଣୀ ସାହାଣୀ, ମୀନା ଚୌଧୁରୀଙ୍କ ସମେତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ମନ୍ଦିର ପରିଚାଳନା କମିଟିର ଅଧକ୍ଷ ତଥା ବରିଷ୍ଠ କାଉନ୍‌ସିଲର ଦିଲ୍ଲୀପ ସାହୁ ପରିଚାଳନା କରିଥିଲେ ।

## ଓଡ଼ିଶା ପତ୍ରକାର ସଂଘର କର୍ମକର୍ତ୍ତା ନିର୍ବାଚନ

# ଅବିନାଶ ସଭାପତି, ରାମଦାସ ସାଧାରଣ ସମ୍ପାଦକ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅଗ୍ରଣୀ ସାମ୍ବାଦିକ ସଂଘ 'ଓଡ଼ିଶା ପତ୍ରକାର ସଂଘ'ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ୨୦୨୫-୨୮ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ରବିବାର ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ସଭାପତି, ସମ୍ପାଦକ ଓ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ ।

ପ୍ରଥମେ ସଂଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାପରେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ବିଶେଷକରି ଗ୍ରାମାଞ୍ଚଳ ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସାମ୍ବାଦିକଙ୍କୁ ସୁରକ୍ଷା, ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ବୃଦ୍ଧ ପିତାମାତାଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ୍ କରିବା, ପେନ୍‌ସନ୍ ପ୍ରଦାନ ପ୍ରମୁଖ ଦାବି ଉପରେ ଆଲୋଚନା କରାଯାଇ




ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାପରେ ସଂଘର ତ୍ରୈବାର୍ଷିକ କର୍ମକର୍ତ୍ତା ଚୟନ କରାଯାଇଥିଲା । ନିର୍ବାଚନ ଅଧିକାରୀ ଭାବେ ଉମେଶ ରାୟ ନିର୍ବାଚନ ପରିଚାଳନା କରିଥିଲେ । ରାଜ୍ୟ ସଭାପତି ଭାବେ ଅବିନାଶ ମିଶ୍ର, ସାଧାରଣ ସମ୍ପାଦକ ଭାବେ ରାମଦାସ ଲିମାଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ସୁରେଶ ଦାଶ, ହରପ୍ରସାଦ ଦାସ, ଯୁଗଳ ଶବର ଓ ଅଶୋକ ପାଇକରାୟଙ୍କୁ ଚୟନ କରାଯାଇଥିଲା । ସେହିପରି ସଂଗଠନ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ମିଶ୍ର, ସମ୍ପାଦକ ଭାବେ ମନୋଜ ଦାସ, ମିତ୍ରଭାନୁ ପଲେଇ, ନଳିନୀ ପାଣି ଓ ରସାନନ୍ଦ ବେହେରାଙ୍କୁ ମନୋନୀତ କରାଯାଇଛି । କୋଷାଧକ୍ଷ ଭାବେ କିଶୋର ରଥଙ୍କୁ ଚୟନ କରାଯାଇଛି । ଏଥିସହିତ ୨୦ଜଣଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଉମେଶ ରାୟ,ସତ୍ୟବାଦୀ ନାୟକ,ଶଙ୍କର ବେହେରା,ବିଜୟ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ସାହୁ,ସସ୍ମିତା ମଲ୍ଲିକ, ବିଷ୍ଣୁପ୍ରିୟା ମହାନ୍ତି, ନୃସିଂହ ମହାପାତ୍ର, ତୁଳସୀରାମ ଜଗତ,ଶ୍ରୀ ରଘୁନାଥ ଖାମ୍ବା, ନିଗମାନନ୍ଦ ଦାସ,ସୁସିଲ କୁମାର ଆଇଚ,ରାକେଶ ଦାସ, କିଶରାନନ୍ଦ ଜେନା, ଅଭିମନ୍ୟୁ ମହାରଣା,ଅଶ୍ୱିନୀ ପତି,ବାସୁଦେବ ରାଉଳ,ବଂଶୀଧର ଦାସମନୋନୀତ କରାଯାଇଛି ।

## ଦ୍ୱାଦଶୀ ତିଥିରେ ଶ୍ରୀଜିଉମାନଙ୍କର ରାଜପ୍ରାସାଦ ବିଜେ ନୀତି

ପୁରୀ (ସବ୍ୟୁ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁ ଦିବ୍ୟସ୍ନାନ କରି ଜ୍ୱରରେ ପିଡୀତ ହୋଇଥିବା ବେଳେ ଏକାଦଶୀ ତିଥିରେ ଖଳିଲାଗି ଓ ଦଶମୂଳ ମୋଦକ ସେବନ କରି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଅଣସରରେ ଆଜି ଦ୍ୱାଦଶୀ ତିଥିରେ ଶ୍ରୀଜିଉ ମାନଙ୍କର ଅନୁଷ୍ଠିତ ହୋଇଛି ରାଜପ୍ରାସାଦ ବିଜେ ନୀତି। ଶ୍ରୀମନ୍ଦିରରୁ ଶ୍ରୀନହରକୁ ରାଜପ୍ରସାଦ ବିଜେ କରାଯାଇଛି। ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ ଏହି ଖବର ଗଜପତି ମହାରାଜାଙ୍କୁ ସୂଚିତ କରାଇବା ନିମନ୍ତେ ଦଇତାପତି ଓ ବିଦ୍ୟାପତି ଶ୍ରୀଜୀଉଙ୍କ ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ରକୁ ନେଇ ଶ୍ରୀମନ୍ଦିରରୁ ଶ୍ରୀନହରକୁ ବିଜେ କରିଛନ୍ତି। ପରେ ଗଜପତିଙ୍କ ଶ୍ରୀହସ୍ତ ଛୁଆଁ ବସ୍ତ୍ର ବା ଶାଢୀକୁ ମୁଣ୍ଡରେ ବାନ୍ଧିଛନ୍ତି ଦଇତାପତି ସେବକ। ଯାହାକୁ ଶାଢୀବନ୍ଧା ନୀତି କୁହନ୍ତି। ଅନ୍ୟପଟେ ଗଜପତିଙ୍କ ସହ ଶୃଙ୍ଖଳିତ ରଥଯାତ୍ରା ପାଇଁ ସେବାୟତ ମାନେ ଆଲୋଚନା କରିଛନ୍ତି।

## ଚୋରା ଦେଶୀମଦ ବେପାରୀଙ୍କୁ ଜେନାପୁର ପୋଲିସର ଅନୁକମ୍ପା

# ଗିରଫ ଦାବିରେ ଥାନାରେ ହୋହାଲ୍ଲା କଲେ ମହିଳା

ଚଣ୍ଡିଖୋଲ/ଚଡେଇଧରା ,(ସବ୍ୟୁ) : ଯାଜପୁର ଜିଲ୍ଲାର ଜେନାପୁର ଥାନା ପୋଲିସର ଜଣେ ଚୋରାମଦ ବେପାରୀ ପ୍ରତି ଅନୁକମ୍ପା ପ୍ରଦର୍ଶନ ନେଇ ମଧୁପୁରଗଡ ପଞ୍ଚାୟତର ରଗଡିପଶୀ ଓ ବାଉଁଶମୂଳି ଗ୍ରାମର ମହିଳା ମାନେ ଗୁରୁତର ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ପେଇ ରବିବାର ସନ୍ଧ୍ୟାରେ ବହୁ ମହିଳା ଥାନାରେ ପହଞ୍ଚି ହୋହାଲା କରିବାସହ କିଛି ସମୟ ଧାରଣାରେ ବସିଥିବା ଜଣାପଡିଛି । ବାଉଁଶମୂଳି ଗ୍ରାମରେ ଜଣେ ମହିଳା ଓ ତାଙ୍କ ପୁଅ ଦୀର୍ଘ ଦିନହେବ ଚୋରା ଦେଶୀମଦ ବେପାର କରୁଥିବା ଯୋଗୁଁ ଗ୍ରାମିଣ ପରିବେଶ ନଷ୍ଟ ହେବାସହ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି ହେଉଥିଲା । ଏହାକୁନେଇ ଲୋକେ ବାରମ୍ବାର ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହି ବେଆଇନ କାର୍ଯ୍ୟ ରୋକିବା ପାଇଁ କେହି ଦୃଷ୍ଟି ଦେଇନଥିଲେ । ଶେଷରେ ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଗତ ଶନିବାର ଦିନ ଅପରାହ୍ନରେ ଚୋରା ଦେଶୀମଦ ସହିତ ଏହି ବେପାରରେ ସଂପୃକ୍ତ ମା ପୁଅକୁ ଦୀର୍ଘ ସମୟ ଅଟକରଖି ଜେନାପୁର ପୋଲିସକୁ ଖର ଦେଇଥିଲେ । ହେଲେ ଦୀର୍ଘ ଅଢେଇ ଘଣ୍ଟାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ ଚୋରାମଦକୁ ଜବତ କରିନଥିଲା। ଅଟକଥି ମଦ ବେପାରୀ ମାପୁଅଙ୍କୁ ଗିରଫ କରିନଥିଲା ।ପରନ୍ତୁ ଚୋରା ଦେଶୀମଦ ବେପାରକୁ ବିରୋଧ କରୁଥିବା ମହିଳା ମାନେ ଥାନାକୁ ଯାଇ ଏତଲା ଦେବାକୁ କହି ଘଟଣାସ୍ଥଳରୁ ସ୍ଥଳରୁ ପଳାଇ ଯାଇଥିଲା । ପୋଲିସ ଯିବାପରେ ଚୋରାଦମ ବେପାରୁ ଓ ତାଙ୍କ ପରିବାର ମହିଳା ମାନଙ୍କୁ ଅଶୀଳ ଭାଷାରେ ଗାଳି କିଥିଲେ ।ପରେ ମହିଳାମାନେ ସଂଘ ବଦ୍ଧହୋଇ ଶନିବାର ସନ୍ଧ୍ୟାରେ ଜେନାପୁର ଥାନାରେ ପହଞ୍ଚି ଲିଖିତ ଏତଲା ଦେଇ ଅବିଳମ୍ବେ ଚୋରାମଦ ଜବତ କରିବା ସହ ବେପାରୀ ମାପୁଅଙ୍କୁ ଗିରଫ ପାଇଁ ଦାବି କରିଥିଲେ । ପୋଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେବ କହି ମହିଳା ମାନଙ୍କୁ ଥାନାରୁ ବିଦା କରିଦେଇ ଥିଲେ ।ହେଲେ ରବିବାର ସନ୍ଧ୍ୟାସୁଧା ସଂପୃକ୍ତ ଚୋରା ଦେଶୀମଦ ଜବତ ବା ବେପାରୀଙ୍କୁ ଗିରଫ କରାନଯିବାରୁ ପୁନର୍ବାର ମହିଳାମାନେ ଏକାଠିହୋଇ ଜେନାପୁର ଥାନାରେ ପହଞ୍ଚି ଧାରଣାରେ ବସି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

# ଶ୍ରୀଦୁର୍ଗା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

କଟକ, (ସବ୍ୟୁ): ଜନମାନସରେ କବିତା ସବୁଠୁ ଅଧିକ ଆଦର ଲାଭ କରିଆସିଛି । କବିତା କେବଳ ଆନନ୍ଦ ଦିଏନାହିଁ. ସମାଜକୁ ସୁଧାରିବା ଦିଗରେ ମଧ ଏହାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଯେତେ ଭଲ କବିତା



ପ୍ରକାଶ ପାଇବ, ସମାଜର ସେତେ ଉପକାର ସାଧିତ ହେବ ବୋଲି ବିଶିଷ୍ଟ ସାହିତ୍ୟକମାନେ ମତବ୍ୟକ୍ତ କରିଛନ୍ତି । ରବିବାର ପୂର୍ବାହ୍ନରେ ଖପୁରିଆ ଶିଳ୍ପାଞ୍ଚଳ ଅନ୍ତର୍ଗତ ସିଦ୍ଧିଦୁର୍ଗା ମଣ୍ଡପରେ 'ଶ୍ରୀଦୁର୍ଗା ସାହିତ୍ୟ ସଂସଦ'ର ମାସିକ ସାହିତ୍ୟ ଆସରରେ ମଞ୍ଚାସୀନ ସାହିତ୍ୟିକମାନେ ଏହିମତେ ମତ ପ୍ରକାଶ କରିଛନ୍ତି ।

ସଂସଦର ସଭାପତି ପଣ୍ଡିତ ଡକ୍ଟର ଚୈତନ୍ୟ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରକୁ ବିଶିଷ୍ଟ ସାହିତ୍ୟିକ ଡକ୍ଟର ରବୀନ୍ଦ୍ର କୁମାର ବିହାରୀ ଉଦ୍ଘାଟନ କରିଥିଲେ । ଏଥିରେ ପଣ୍ଡିତ ଡକ୍ଟର ଅଭୟ କୁମାର ଦାଶ, ପଣ୍ଡିତ ଡକ୍ଟର ନୀଳକଣ୍ଠ ରାଉତ, କୈଳାସ ଚନ୍ଦ୍ର ଜେନା, ବ୍ରହ୍ମାନନ୍ଦ ବିଶ୍ୱାଳ, ପତିତପାବନ ମହାପାତ୍ର ଓ ଚୈତନ୍ୟ ରାଉତ ମଞ୍ଚାସୀନ ଅତିଥି ଭାବରେ ଯୋଗଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗୀତାଞ୍ଜଳି ପୃଷ୍ଟି ଓ ପ୍ରମିଳା ପତିଙ୍କ ସଂଯୋଜନାରେ ୭୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ପରେପରେ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁକାନ୍ତି ମହାନ୍ତି ଓ ଛବିରାମ ସେଠୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ସଂଗଠନ ସଂପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ମହଙ୍ଗା ପଡ଼ିଲା ପରକୀୟା ପ୍ରୀତି : ଥାନାରେ ଦୁଇ ବିବାହିତ ପ୍ରେମୀ ଯୁଗଳ

ବାଲିପାଟଣା , (ସବ୍ୟୁ): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା କୁଳନ୍ତିରା ଶାସନ ଅଞ୍ଚଳରେ ପରକୀୟା ପ୍ରୀତିର ଏକ ଘଟଣା ସାମ୍ନାକୁ ଆସିଛି । ସ୍ୱାମୀ ଘରେ ନ ଥିବା ସମୟରେ ସ୍ତ୍ରୀ ଜଣେ ଦୂର ସମ୍ପର୍କୀୟ ପୁରୁଷ ବନ୍ଧୁଙ୍କୁ ବିଳମ୍ବିତ ରାତିରେ ଘରକୁ ଡାକି ଫସିଯାଇଛନ୍ତି । ଶାଶୁ ଏବଂ ଶଶୁର ବୋହୂ ଘର ଭିତରେ ପୁରୁଷ ପିଲାଙ୍କ ଶବ୍ଦ ଶୁଣି ବାହାରୁ କବାଟ କିଳି ଦେଇଥିଲେ । ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ କୁଳନ୍ତିରା ଶାସନର ନକୁଳ ଭୋଇଙ୍କ ପୁଅ ନିରୋଜ କୁମାର ଭୋଇ ଓରଫ ନିରୁଆ ଗତ ୭ ବର୍ଷ ତଳେ ବାଲକାଟୀ ଫାଣ୍ଡି ପ୍ରତାପଶାସନ ଗ୍ରାମରେ ବୈଦିକ ରୀତିନୀତିରେ ବିବାହ କରିଥିଲେ । ସେମାନଙ୍କର ଗୋଟିଏ ୪ ବର୍ଷର ପୁଅ ଏବଂ ଦେଢ଼ ବର୍ଷର ଝିଅ ଅଛନ୍ତି । ନିରୁଆ ଏକ ଘରୋଇ କମ୍ପାନିରେ କାମ କରନ୍ତି । ସବୁଦିନ ଭଳି ଶନିବାର ରାତିରେ ନିରୁଆ ଡ୍ୟୁଟିକୁ ଯାଇଥିଲା ବେଳେ ସ୍ତ୍ରୀ (୨୪) ଭିଙ୍ଗାରପୁର ବେଣ୍ଟପୁରଅଞ୍ଚଳର ଜଣେ ବ୍ୟକ୍ତି(୩୫)ଙ୍କୁ ଘରକୁ ଡାକି ଥିଲେ । ଘର ଭିତରେ ୨ ଜଣ ଶବ୍ଦ ଶୁଣି ବାହାର ପଟୁ କବାଟ କିଳି ଦେଇଥିଲେ ଶାଶୂଶ୍ୱଶୂର । ପରେ ଗାଁ ଲୋକଙ୍କୁ ଖବର ଦେଇ ଥାନାରେ ଅଭିଯୋଗ କରିଥିଲେ । ଥାନା ସେଠାରୁ ଦୁଇ ପ୍ରେମୀ ଯୁଗଳଙ୍କୁ ଉଧାର କରି ଥାନାରେ ଅଟକ ରଖି ପଚାର ଉଚରା କରିଛି ।ସ୍ୱା ମୀ ନିରଜ ଥାନାରେ ପହଂଚି ତାକୁ ଘରକୁ ନେବେନାହିଁ ବୋଲି ପୋଲିସକୁ କହିଛନ୍ତି ।।ରଣ ଏଇଟା ପ୍ରଥମେ ନୁହେଁ ବାରମ୍ବାର ଏ ଘଟଣା ଆଗରୁ ତାଙ୍କ ସମ୍ପର୍କୀୟଙ୍କ ଘରେ ଘଟିଛି । ଆଉ ବରଦାସ୍ତ କରିହେବ ନାହ ।ଏପଟେ ସ୍ତ୍ରୀ ତାଙ୍କ ମତାମତରେ କୁହନ୍ତି ମୁଁ ମୋ ପିଲାଙ୍କୁ ନେଇ ତାଙ୍କ ପାଖରୁ ଚାଲିଯିବି । ସେପଟେ ଦୁଇଟି ପିଲାଙ୍କୁ ଛାଡିବାକୁ ତାଙ୍କ ସ୍ୱାମୀ ଅରାଜି ହେଉଛନ୍ତି । ପାରିପାର୍ଶ୍ୱିକ ଅବସ୍ଥାରୁ ଯାହା ଜଣା ପଡୁଛି ରସିକିଆ ପ୍ରେମିକ କୁଳାନ୍ତିର ଗାଁରେ ନିସ୍ତୁକ ମାଡ଼ ଖାଇଛି ।ଏପଟେ ଆଇନ ଅନୁସାରେ ପଦକ୍ଷେପ ନିଆଯିବବୋଲି ଥାନା ଏଏସ .ଆଇ ପ୍ରମୋଦିନ ମିଶ୍ର କହିଛନ୍ତି ।

# ଖୋର୍ଦ୍ଧାରୋଡ଼ ଡିଭିଜନ ପକ୍ଷରୁ ଯୋଗ ଦିବସ



ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ଼ ରେଳଡିଭିଜନ ପକ୍ଷରୁ ସ୍ଥାନୀୟ ରେଲୱେ ଷ୍ଟାଡିୟମ୍‌ରେ ଆଜି ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯାଇଥିଲା। ଡିଭିଜନର ପ୍ରବନ୍ଧକ ଏଚ୍‌ଏସ୍ ବାଜୱା, ଅତିରିକ୍ତ ପ୍ରବନ୍ଧକ ପିକେ ବେହେରା, ଶୁଭ୍ରଜ୍ୟୋତି ମଣ୍ଡଳ, ଶାଖା ଅଧିକାରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପୁରୀ ଦିବ୍ୟଯୋଗ ତାଲିମ ଚିକିତ୍ସା କେନ୍ଦ୍ରର ସ୍ୱାସ୍ଥ୍ୟ ଓ ସୁସ୍ଥତା ପରାମର୍ଶଦାତା ମଧୁସ୍ମିତା ଦାସ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ଞାନେନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହି ଆସନ ଓ ପ୍ରାଣାୟାମ ସହିତ ଉତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଗୁରୁତ୍ୱ ଉପରେ କହିଥିଲେ। ଡିଭିଜନର ବିଭିନ୍ନ ରେଳଷ୍ଟେସନରେ କର୍ମଚାରୀଙ୍କ ଦ୍ୱାରା ଦିବସ ପାଳନ ହୋଇଥିଲା। କାର୍ଯ୍ୟକ୍ରମକୁ ଡିଭିଜନର ବରିଷ୍ଠ କାର୍ମିକ ଅଧିକାରୀ ଆର୍‌ଏନ୍‌ଏ ପରିଡ଼ା ପରିଚାଳନା କରିଥିଲେ।

# ବାଲେଶ୍ୱର ଜିଲ୍ଲା ବନ୍ୟା ପ୍ଲାବିତ ଲୋକଙ୍କ ଉଦ୍ଧାର ପାଇଁ ପିସିସିର କମିଟି ଗଠିତ

ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ଅଞ୍ଚଳର ବନ୍ୟା ପ୍ଲାବିତ ଲୋକଙ୍କର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବନ୍ୟା କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ପୂର୍ବତନ ସାଂସଦ ପ୍ରାର୍ଥୀ ତଥା ଏଆଇସିସି ସଦସ୍ୟ ନବଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ପିସିସି ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା ସଂଗଠନ ଦାୟୀତ୍ୱରେ ଥିବା ଡ. ଦେବାଶିଷ ପଟ୍ଟନାୟକ ସେହି ବନ୍ୟା ପ୍ଲାବିତ ଅଞ୍ଚଳକୁ ଗସ୍ତ କରିବେ । ଅନ୍ୟ ମାନଙ୍କ ମଧ୍ୟରେ ନବଜ୍ୟୋତି ପଟ୍ଟନାୟକ ,ଅଧକ୍ଷ । ସଂଜୀବ ଗିରି.ସଂଯୋଜକ (ଜିଲ୍ଲା ସଭାପତି), ଭୋଗରାଇ ବନ୍ୟା ପ୍ଲାବିତ ଅଂଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବନ କାର୍ଯ୍ୟକ୍ରମ ପାଇଁ ସତ୍ୟଶିବ ସୁନ୍ଦର ଦାସ ସଦସ୍ୟ ରହିଥିବା ବେଳେ ସନ୍ତୋଷ ଜେନା, ସଦସ୍ୟ , ମୀନାରାଣି ସୁର, ସଦସ୍ୟା ମମତା ସାହୁ,ସଦସ୍ୟା ରହିଛନ୍ତି । ସେହିପରି ବାଲିଆପାଳ ବନ୍ୟା ପ୍ଲାବିତ ଅଞ୍ଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବନ୍ୟା କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଜନ ନାୟକ ସଦସ୍ୟ, ଜଗନ୍ନାଥ ବିଶ୍ୱାଳ,ସଦସ୍ୟ, ରଞ୍ଜିତା ନାୟକ, ସଦସ୍ୟା, ବାବାଜି ଦେହୁରି,ସଦସ୍ୟ,ମୁରଲୀ ମନୋହର ସାହୁ ସଦସ୍ୟ ରହିଛନ୍ତି । ସେହିପରି ଜଳଶ୍ୱେର ବନ୍ୟା ପ୍ଲାବିତ ଅଞ୍ଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ କାର୍ଯ୍ୟକ୍ରମ ପାଇଁ ସତ୍ୟେ ଦାସ ସଦସ୍ୟ, ଦେବିଚାନ୍ଦ ସଦସ୍ୟ ମଞ୍ଜୀଶ୍ରୀ ପଣ୍ଡା,ସଦସ୍ୟା, ଗିରିଜା ଶଙ୍କର ଦାସ ସଦସ୍ୟ ଓ ରାଜୀବ ପରିଡା ସଦସ୍ୟ ରହିଛନ୍ତି ।

## ବେଦାନ୍ତ ଲାଞ୍ଜିଗଡ଼ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ

# ୧ ଲକ୍ଷରୁ ଅଧିକ ଗଛ ଲଗାଇବା ପାଇଁ ମେଗା ଚାରା ରୋପଣ ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ପରିବେଶଗତ ସ୍ଥିରତା ପ୍ରତି ଏହାର ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପୁନଃନିର୍ମାଣରେ, ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ "ମୋ ଗଛ ମୋ ପରିବାର" (ମୋ ଗଛ, ମୋ ପରିବାର) ଶୀର୍ଷକ ଏକ ମେଗା ଚାରା ରୋପଣ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନରେ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ ୧,୦୦,୦୦୦ ରୁ ଅଧିକ ଫଳଦାୟକ ଚାରା ରୋପଣ ଲକ୍ଷ୍ୟ ରଖାଯାଇଛି, ଯାହା ଓଡ଼ିଶାର ୩୦,୦୦୦ ରୁ ଅଧିକ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବ। ଆମ୍ବ, ଗୁଆ, କାକଫ୍ରୁଟ୍ ଏବଂ ମୋରିଙ୍ଗା ଭଳି ଲୋକପ୍ରିୟ ପ୍ରଜାତିଗୁଡ଼ିକୁ ସେମାନଙ୍କ ପରିବେଶଗତ, ପୁଷ୍ଟିକର ଏବଂ ଆର୍ଥିକ ମୂଲ୍ୟ ପାଇଁ ଚୟନ କରାଯାଇଛି।

ଭାଲୁଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଂଟ ପରିସରରେ ଏକ ସମ୍ପ୍ରଦାୟ ନେତୃତ୍ୱାଧୀନ ରୋପଣ ଅଭିଯାନ ମାଧ୍ୟମରେ ଏହି ପ୍ରୟାସ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି ରୋପଣ ପ୍ରତୀକାତ୍ମକ ଭାବରେ "ମୋ ଗଛ, ମୋ ପରିବାର" ଥିମ୍ ସହିତ ଜଡିତ ଥିଲା। ପରିବାରର ସଦସ୍ୟ ଭାବରେ ପ୍ରତ୍ୟେକ ଗଛକୁ ପାଳନ କରିବା ପାଇଁ ଏହା ଏକ ହୃଦୟସ୍ପର୍ଶୀ ପ୍ରତିଜ୍ଞା ଅଟେ। ଏହି ସ୍ମାରକୀ ପ୍ରୟାସକୁ ୬୦୦ ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକଙ୍କ ଦ୍ୱାରା ସମର୍ଥନ କରାଯାଇଛି ଏବଂ ବେଦାନ୍ତର ବରିଷ୍ଠ




ପରିଚାଳନା ସଦସ୍ୟଙ୍କ ଦ୍ୱାରା ସମର୍ଥିତ, ଏହାକୁ ଏହି ଅଂଚଳର ସର୍ବବୃହତ ପରିବେଶ-ଚାଳିତ ସମ୍ପ୍ରଦାୟ ଆନ୍ଦୋଳନ ମଧ୍ୟରୁ ଗୋଟିଏ । ଭୂଦୃଶ୍ୟକୁ ସୁନ୍ଦର କରିବା ବ୍ୟତୀତ, ଏହି ଚାରା ରୋପଣ ଅଭିଯାନ ଗଛଗୁଡ଼ିକର ଜୀବନକାଳ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଟନ୍ କାର୍ବନ ନିର୍ଗମନକୁ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହା ବର୍ଦ୍ଧିତ ଜୈବ ବିବିଧତାରେ ଯୋଗଦାନ କରିବ ଏବଂ ପ୍ରାକୃତିକ ଜଙ୍ଗଲର ପୁନରୁଧାନକୁ ସମର୍ଥନ କରିବ। ଏହି ପଦକ୍ଷେପ ମୃତ୍ତିକା ସଂରକ୍ଷଣକୁ ଉନ୍ନତ କରିବା ଏବଂ କ୍ଷୟକୁ ରୋକିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଫଳ ଫଳୁଥିବା ଗଛ ପ୍ରଚଳନ କରି, ଏହା ଅମଳ ଏବଂ ଆନୁଷଙ୍ଗିକ ଆୟ-ଉତ୍ପାଦନକାରୀ କାର୍ଯ୍ୟକଳାପ ମାଧ୍ୟମରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବାକୁ ସ୍ଥିର କରାଯାଇଛି। ଏହା ସହିତ, ଏହା ପରିବେଶଗତ ଦୃଷ୍ଟିରୁ ସମ୍ବେଦନଶୀଳ ଅଂଚଳରେ ଜଳବାୟୁ ସ୍ଥିରତା ନିର୍ମାଣ କରିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ବିଷୟରେ କହି, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ବେଦାନ୍ତ ଲାଞ୍ଜିଗଡ଼ରେ, ସ୍ଥାୟୀତ୍ୱ କେବଳ ଏକ ଦାୟିତ୍ୱ ନୁହେଁ - ଏହା ଜୀବନର ଏକ ଉପାୟ। 'ମୋ ଗଛ ମୋ ପରିବାର' ମାଧ୍ୟମରେ, ଆମେ ଆଶା, ଏକତା ଏବଂ ସମୃଦ୍ଧିର ବୀଜ ବୁଣୁଛୁ। ଆମେ ଏକ ସବୁଜ ଏବଂ ଅଧିକ ସ୍ଥିର ଆସନ୍ତାକାଲି ଆଡ଼କୁ ସମ୍ପ୍ରଦାୟ ସହିତ ହାତ ମିଳାଇ ଚାଲିବାକୁ ପ୍ରୟାସ କରୁଛୁ।" ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଭିଯାନକୁ ବୃଦ୍ଧି କରିବା ସହିତ, ଏହି ଅଭିଯାନ ଭାରତର ଜଳବାୟୁ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେବାର ବେଦାନ୍ତର ବ୍ୟାପକ ମିଶନ ସହିତ ମଧ୍ୟ ସମାନ ହେବ।

## ବଡ଼ ଗୁପ୍ତଚର ତ୍ରୁଟି !

# ଆମେରିକାର ଆକ୍ରମଣ ପୂର୍ବରୁ ୟୁରାନିୟମ ହଟାଇ ସାରିଥିଲା ଇରାନ୍


ଓ୍ୱାଶିଂଟନ: ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି । ଆମେରିକା ଆକ୍ରମଣ କରି ଇରାନର ତିନୋଟି ପରମାଣୁ ସ୍ଥାନକୁ ଧ୍ୱଂସ କରିଥିବା ଦାବି କରିଛି । ଇରାନ ଏହି ଆକ୍ରମଣକୁ ଏକ ଅପ୍ରବର୍ତ୍ତନୀୟ ଯୁଦ୍ଧ କାର୍ଯ୍ୟ ଭାବରେ ଦେଖୁଛି ଏବଂ ଆମେରିକାକୁ କହିଛି ଯେ, ସେ ଚୁପ୍ ବସିବ ନାହିଁ ଏବଂ ପ୍ରତିଶୋଧ ନେବ । ଏହି ସମୟରେ, ଇରାନ ମଧ୍ୟ ଦାବି କରିଛି ଯେ, ଆମେରିକା ଦ୍ୱାରା ଆକ୍ରମଣ କରାଯାଇଥିବା ତିନୋଟି ପରମାଣୁ ସ୍ଥାନରୁ କୌଣସି ପରମାଣୁ ଲିକେଜ୍ ହୋଇନାହିଁ ଏବଂ ୟୁରାନିୟମ ପୂର୍ବରୁ ହଟାଇ ଦିଆଯାଇଛି ।

ଇରାନର ତିନୋଟି ପରମାଣୁ ସ୍ଥାନ ମଧ୍ୟରୁ ଫୋର୍ଡୋକୁ ଗୋଟିଏ ବୋଲି ବିବେଚନା କରାଯାଏ ଯେଉଁଠାରେ ଆମେରିକା ବୋମା ପକାଇଥିଲା । ଫୋର୍ଡୋକୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି କୁହାଯାଏ ଯେଉଁଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂତଳୟୁରାନିୟମ ସମୃଦ୍ଧି ସୁବିଧା ମଧ୍ୟ ରହିଛି । କିନ୍ତୁ କୋମ୍ କାଉଣ୍ଟିରେ ଅବସ୍ଥିତ ଫୋର୍ଡୋ ପରମାଣୁ ସୁବିଧାର ଜଣେ ସାଂସଦ କହିଛନ୍ତି ଯେ, ରବିବାର ରାତିରେ ଆମେରିକାର ଆକ୍ରମଣ ପରେ, ପରମାଣୁ ସ୍ଥାନରୁ କୌଣସି ବିପଦପୂର୍ଣ୍ଣ ସାମଗ୍ରୀ ନିର୍ଗତ ହୋଇନାହିଁ କାରଣ ପୂର୍ବରୁ ଇରାନ ସେସବୁ ସ୍ଥାନକୁ ଖାଲି କରିଦେଇଥିଲା ।

ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠିଛି ଯେ, ଏହା ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକର ଏକ ବଡ଼ ଭୁଲ କି? ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକ କ'ଣ ଇରାନର ପରମାଣୁ ସ୍ଥାନଗୁଡ଼ିକର ସଠିକ୍ ମୂଲ୍ୟାଙ୍କନ କରିବାରେ ବିଫଳ ହୋଇଛନ୍ତି, କାରଣ ଇରାନ ପୂର୍ବରୁ ଆମେରିକା ବୋମା ପକାଇଥିବା ଫୋର୍ଡୋ ସ୍ଥାନରୁୟୁରାନିୟମ ହଟାଇସାରିଥିଲା ।

ଇରାନୀ ସଂସଦରେ ସିଓଏମର ପ୍ରତିନିଧି ମହମ୍ମଦ ମନନ ରାଇସି ସ୍ଥାନୀୟ ଇରାନୀ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଆଶ୍ୱାସନା ଦେଇଛନ୍ତି ଯେ, ଆମେରିକା ରାଷ୍ଟ୍ରପତିଙ୍କ ଦାବି ବିପରୀତ ଫୋର୍ଡୋ ନ୍ୟୁକ୍ଲିୟର ସୁବିଧା କେନ୍ଦ୍ରର କୌଣସି ଗୁରୁତର କ୍ଷତି ହୋଇନାହିଁ । ସେ କହିଛନ୍ତି ଯେ, କେବଳ ଭୂମି ଅଂଶ କ୍ଷତିଗ୍ରସ୍ତ ହୋଇଛି ଯାହାକୁ ମରାମତି କରାଯାଇପାରିବ ।

ସାଂସଦ ରାଇସି ଏହି ଅଞ୍ଚଳର ଲୋକମାନଙ୍କୁ ମଧ୍ୟ ଆଶ୍ୱସ୍ତ କରିଛନ୍ତି ଯେ, ଆମେରିକା ଆକ୍ରମଣ ପରେ କୌଣସି ରେଡିଓଆକଟିଭ୍ ନିର୍ଗମନ ହୋଇନାହିଁ କାରଣ ଆକ୍ରମଣର ବହୁ ପୂର୍ବରୁ ସେଠାରୁ ବିପଦପୂର୍ଣ୍ଣ ସାମଗ୍ରୀ ଅପସାରିତ କରାଯାଇଥିଲା । ସେ ଏହା ମଧ୍ୟ କହିଛନ୍ତି, ଏବେ ଏହା ଇରାନ ଉପରେ ନିର୍ଭର କରେ ଯେ, ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନୀ ପରମାଣୁ ସ୍ଥାନ ଉପରେ ଆକ୍ରମଣ କରିବାର ମୂର୍ଖତାପୂର୍ଣ୍ଣ କାର୍ଯ୍ୟର କିପରି ପ୍ରତିକ୍ରିୟା ଦେଉଛି ।



ରବିବାର ସକାଳେ ରାଷ୍ଟ୍ରପତି ଟ୍ରମ୍ପ ଏକ ବଡ଼ ଦାବି କରିଥିଲେ ଯେ, ଇରାନର ୩ଟି ପରମାଣୁ ସ୍ଥାନ ଉପରେ ବୋମା ମାଡ଼ କରାଯାଇ ଧ୍ୱଂସ କରାଯାଇଛି । ଜଣେ ସିଓଏମ ଅଧିକାରୀ ମଧ୍ୟ ଆକ୍ରମଣକୁ ନିଶ୍ଚିତ କରି କହିଛନ୍ତି ଯେ, ଫୋର୍ଡୋ ସ୍ଥାନର କେବଳ ଏକ ଅଂଶ ପ୍ରଭାବିତ ହୋଇଛି ।

ଆକ୍ରମଣ ପରେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଆମେରିକାକୁ ଏକ କଡ଼ା ଚେତାବନୀ ଦେଇ କହିଛନ୍ତି, ଆମେରିକୀୟମାନେ ପୂର୍ବ ଅପେକ୍ଷା ଅଧିକ କ୍ଷତି ଏବଂ ଧMI ପାଇଁ ପ୍ରସ୍ତୁତ ରହିବା ଉଚିତ୍ । ତାଙ୍କର ଏହି ମନ୍ତବ୍ୟ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି ।

## ପାକିସ୍ତାନକୁ ଓୱେସୀଙ୍କ ତାଚ୍ଛଲ୍ୟ

ନୂଆଦିଲ୍ଲୀ: ଆମେରିକା ରବିବାର ବୋମାମାଡ଼ କରି ଇରାନର ୩ଟି ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିଦେବା ପରେ ପାକିସ୍ତାନକୁ ଛିଗୁଲେଇଛନ୍ତି ଏଆଇଏମ୍ଆଇଏମ୍ ମୁଖ୍ୟ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ ଓୱେସୀ ।

ସେ କହିଛନ୍ତି, ଆମେ ନିଶ୍ଚିତ ଭାବେ ପାକିସ୍ତାନୀମାନଙ୍କୁ ପଚାରିବା କଥା ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଉ ବୋଲି ସେମାନେ ଚାହୁଁଛନ୍ତି ନା ନାହିଁ? ଏଥିପାଇଁ କ'ଣ ସେମାନଙ୍କ ଜେନେରାଲ (ପାକିସ୍ତାନ ଫିଲ୍ଡ ମାର୍ଶଲ ଆସିମ ମୁନିର) ଟ୍ରମ୍ପଙ୍କ ସହିତ ଭୋଜନ କରିଥିଲେ?

ଓୱେସୀ କହିଛନ୍ତି ଯେ ଇରାନ ପାଖରେ ପରମାଣୁ ଅସ୍ତ୍ର ଥିବାକୁ ନେଇ ଏକ ଝଡ଼ ସୃଷ୍ଟି ହୋଇଛି । ଇରାକକୁ ନେଇ ସେହି କଥା ହୋଇଥିଲା । କିନ୍ତୁ କିଛି ବାହାରିଲା ନାହିଁ । ଲିବ୍ୟାକୁ ନେଇ ବି ସମାନ କଥା ହୋଇଥିଲା । କିନ୍ତୁ କିଛି ବାହାରିଲା ନାହିଁ ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨୦୨୬ ନୋବେଲ ଶାନ୍ତି ପୁରସ୍କାର ମିଳିବା କଥା ବୋଲି ଗତକାଲି ଓକିଲାତି କରିଥିଲା ପାକିସ୍ତାନ । ଏନେଇ ପାକିସ୍ତାନ ସରକାରଙ୍କ ପକ୍ଷରୁ ଗୋଟିଏ ବିବୃତି ଜାରି କରାଯାଇଥିଲା । ଏଥିରେ ଟ୍ରମ୍ପଙ୍କୁ ବିଶ୍ୱଗୁରୁ କହି ଭୂୟସୀ ପ୍ରଶଂସା କରାଯାଇଥିଲା ।

ନିକଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନରେ ଟ୍ରମ୍ପ ଉଭୟ କୂଟନୀତିକ ଓ ବ୍ୟକ୍ତିଗତ ନେତୃତ୍ୱର ପରିଚୟ ଦେଇଥିଲେ । ବିବାଦର ସମାଧାନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପାକିସ୍ତାନ ଦାବି କରି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯିବା ସପକ୍ଷରେ ଯୁକ୍ତି ରଖିଥିଲା ।

ଭାରତ-ପାକିସ୍ତାନ ବିବାଦ ପରେ ଫିଲ୍ଡ ମାର୍ଶଲ ଆସିମ ମୁନିର ଆମେରିକା ଯାଇଥିଲେ । ସେଠାରେ ସେ ଟ୍ରମ୍ପଙ୍କ ସହିତ ଲଞ୍ଚ୍ କରିଥିଲେ । ତା'ପରେ ସେ ଟ୍ରମ୍ପଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ମିଳିବା କଥା ବୋଲି କହିଥିଲେ ।

ପାକିସ୍ତାନ ପୂର୍ବରୁ ଟ୍ରମ୍ପ ନିଜ ତରଫରୁ ବାରମ୍ବାର ଭାରତ ଓ ପାକିସ୍ତାନ ବିବାଦର ସମାଧାନ ତାଙ୍କ ମଧ୍ୟସ୍ଥତା ଯୋଗୁ ହୋଇ ଥିବା କହିଥିଲେ ଓ ଏବେ ବି କହି ଚାଲିଛନ୍ତି । ଭାରତ ସରକାର ଏହାକୁ ଖଣ୍ଡନ କରିଛନ୍ତି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଟ୍ରମ୍ପଙ୍କ ସହ ଫୋନରେ କଥା ହୋଇ ଏ ବିଷୟରେ ତାଙ୍କୁ ଅବଗତ କରାଇଥିଲେ । ତଥାପି ଭାରତ-ପାକିସ୍ତାନ ବିବାଦ ସମାଧାନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୁଣି ଥରେ କହିଛନ୍ତି ।

## ପହଲଗାମ ଆତଙ୍କବାଦୀ ଆକ୍ରମଣରେ ବଡ଼ ସଫଳତା

### ଆଶ୍ରୟ ଦେଇଥିବା ୨ ସ୍ଥାନୀୟ ଲୋକ ଗିରଫ

ଶ୍ରୀନଗର: ଜମ୍ମୁ-କଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଏକ ବଡ଼ ସଫଳତା ହାସଲ କରିଛି । ଏହି ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଏନଆଇଏ ପକ୍ଷରୁ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଉଭୟ ସନ୍ଦିଗ୍ଧ ବ୍ୟକ୍ତି ପହଲଗାମର ବାସିନ୍ଦା । ପହଲଗାମରେ ହୋଇଥିବା ନିର୍ମମ ଆକ୍ରମଣରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ଏବଂ ୧୬ ଜଣ ଗୁରୁତର ଆହତ ହୋଇଥିଲେ । ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ପାଇଁ ଏନଆଇଏ ୨ ଜଣଙ୍କୁ ଗିରଫ କରିଛି ।

ବିବୃତିରେ, ତଦନ୍ତକାରୀ ସଂସ୍ଥା କହିଛି ଯେ, ପହଲଗାମର ବାଟକୋଟର ପରଭେଜ ଅହମ୍ମଦ ଜୋଥାର ଏବଂ ପହଲଗାମର ହିଲ ପାର୍କର ବଶିର ଅହମ୍ମଦ ଜୋଥାର ଆକ୍ରମଣରେ ସମ୍ପୃକ୍ତ ୩ ଜଣ ସଶସ୍ତ୍ର ଆତଙ୍କବାଦୀଙ୍କ ପରିଚୟ ପ୍ରକାଶ କରିଛନ୍ତି ଏବଂ ସେମାନେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ସହିତ ଜଡିତ ପାକିସ୍ତାନୀ ନାଗରିକ ବୋଲି ମଧ୍ୟ ନିଶ୍ଚିତ କରିଛନ୍ତି ।

ଏନଆଇଏ ତଦନ୍ତ ଅନୁଯାୟୀ, ଗିରଫ ପରଭେଜ ଅହମ୍ମଦ ଏବଂ ବଶିର ଅହମ୍ମଦ ଆକ୍ରମଣ ପୂର୍ବରୁ ହିଲ ପାର୍କର ଏକ କୁଡ଼ିଆରେ ଜାଣିଶୁଣି ତିନି ଜଣ ସଶସ୍ତ୍ର ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିଲେ । ସେମାନେ ଦୁହେଁ ୨୨ ଏପ୍ରିଲ ଅପରାହ୍ନରେ ପହଲଗାମ ଗସ୍ତରେ ଆସୁଥିବା ପର୍ଯ୍ୟଟକଙ୍କୁ ସେମାନଙ୍କ ଧାର୍ମିକ ପରିଚୟ ଆଧାରରେ ବାଛି ବାଛି ହତ୍ୟା କରିଥିବା ଆତଙ୍କବାଦୀମାନଙ୍କୁ ଖାଦ୍ୟ, ବାସସ୍ଥାନ ଏବଂ ଲଜିଷ୍ଟିକ୍ ସହାୟତା ଯୋଗାଇଥିଲେ । ଏହି ଆକ୍ରମଣ ଗତ ଦଶନ୍ଧି ମଧ୍ୟରେ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ଥିଲା ।

ଜାତୀୟ ତଦନ୍ତକାରୀ ସଂସ୍ଥା କହିଛି ଯେ, ଉଭୟ ସନ୍ଦିଗ୍ଧଙ୍କୁ ୧୯୬୭ ମସିହାର ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନର ଧାରା ୧୯ ଅନୁଯାୟୀ ଗିରଫ କରାଯାଇଛି । ୨୨ ଏପ୍ରିଲରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ଏକ ମାମଲା ପଞ୍ଜିକରଣ କରିବା ପରେ ତଦନ୍ତକାରୀ ସଂସ୍ଥା ମାମଲାର ଅଧିକ ତଦନ୍ତ କରୁଛି ।

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ତଦନ୍ତ ଏଜେନ୍ସିଗୁଡ଼ିକ ଆକ୍ରମଣର ଅପରାଧୀଙ୍କୁ ଗିରଫ କରିବା ପାଇଁ ନିରନ୍ତର ଅଭିଯାନ ଚଳାଇଛନ୍ତି, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ଆତଙ୍କବାଦୀଙ୍କ ପାଖରେ ପହଞ୍ଚି ପାରି ନାହାନ୍ତି । ଏପରି ପରିସ୍ଥିତିରେ, ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଧରାପଡ଼ିଥିବା ଦୁଇ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ତଦନ୍ତ ଏଜେନ୍ସିଗୁଡ଼ିକ ସେମାନଙ୍କ ପାଖରେ ପହଞ୍ଚିପାରିବେ ବୋଲି ଆଶା ସୃଷ୍ଟି ହୋଇଛି ।

ଆକ୍ରମଣ ପରେ, ତଦନ୍ତ ଏଜେନ୍ସି ସନ୍ଦିଗ୍ଧ ବ୍ୟକ୍ତିଙ୍କ ସ୍କେଚ୍ ମଧ୍ୟ ଜାରି କରିଥିଲେ । ପରେ, ଏହି ଆତଙ୍କବାଦୀମାନଙ୍କ ପାଇଁ ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଥିଲା, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ଆତଙ୍କବାଦୀ ଏନଆଇଏଠାରୁ ଅପହଞ୍ଚ ଅଛନ୍ତି ।

## ଆତ୍ମସମର୍ପଣ ନୀତିର ଫାଇଦା ଉଠାଇ ଅସ୍ତ୍ର ସମର୍ପଣ କରନ୍ତୁ ମାଓବାଦୀ: ଶାହ

ରାୟପୁର: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରାୟପୁରରେ ଛତିଶଗଡ଼, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡର ଡିଜିପି, ଏଡିଜିପି ଏବଂ ବରିଷ୍ଠ ଅଧିକାରୀଙ୍କ ସହ ନକ୍ସଲବାଦ ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି ।




କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଗତ ଦେଢ଼ ବର୍ଷ ମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାୟଙ୍କ ସରକାର ଏବଂ ଉପମୁଖ୍ୟମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ବିଜୟ ଶର୍ମାଙ୍କର ସବୁଠାରୁ ବଡ଼ ସଫଳତା ହେଉଛି ସେମାନେ ପୂର୍ବରୁ ଅଟକି ରହିଥିବା ନକ୍ସଲ ବିରୋଧୀ ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି ଏବଂ ରାଜ୍ୟକୁ ନକ୍ସଲବାଦରୁ ମୁକ୍ତ କରିବା ଦିଗରେ ଅଗ୍ରସର ହୋଇଛନ୍ତି । ଶ୍ରୀ ସାୟ ଏବଂ ଶ୍ରୀ ଶର୍ମା କେବଳ ନକ୍ସଲ ବିରୋଧୀ ଅଭିଯାନକୁ ନୂତନ ଗତି ପ୍ରଦାନ କରିନଥିଲେ, ବରଂ ବାରମ୍ବାର ଅଭିଯାନକୁ ମାର୍ଗଦର୍ଶନ କରିଥିଲେ । ସୁରକ୍ଷା ବାହିନୀର ମନୋବଳ ବୃଦ୍ଧି କରିଥିଲେ ଏବଂ ସମ୍ପୂର୍ଣ୍ଣ ସମର୍ପଣ ସହିତ ଏହି ଲଢ଼େଇରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଆତ୍ମବିଶ୍ୱାସର ସହ ଦୋହରାଇଥିଲେ ଯେ ୨୦୨୬ ମସିହା ମାର୍ଚ୍ଚ ୩୧ ସୁଦ୍ଧା ଦେଶ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦ ମୁକ୍ତ ହୋଇଯିବ । ଆମ ସୁରକ୍ଷା ବାହିନୀ ଦ୍ୱାରା ପ୍ରଦର୍ଶିତ ସାହସିକତା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସଠିକ ରଣନୀତି ଆଧାରରେ ଆମେ ନିଶ୍ଚିତ ଭାବେ ଏହି ଲକ୍ଷ୍ୟ ହାସଲ କରିବୁ । ପ୍ରତିବର୍ଷ ବର୍ଷା ଋତୁରେ ବିଶ୍ରାମ ନେଉଥିବା ନକ୍ସଲମାନେ ଚଳିତ ବର୍ଷ ମୌସୁମୀରେ ଶାନ୍ତିରେ ଶୋଇପାରିବେ ନାହିଁ । କାରଣ ଆମର ସୁରକ୍ଷା ବାହିନୀ ସେମାନଙ୍କର ଅପରେସନ ଜାରି ରଖିବେ ।

ଶ୍ରୀ ଶାହ ସମସ୍ତ ଯୁବକମାନଙ୍କୁ ଆହ୍ୱାନ କରିଛନ୍ତି ଯେଉଁମାନେ ନକ୍ସଲବାଦର ପଥରେ ପଥଭ୍ରଷ୍ଟ ହୋଇଛନ୍ତି, ସେମାନେ ଅସ୍ତ୍ର ସମର୍ପଣ କରନ୍ତୁ ଏବଂ ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତିର ଲାଭ ଉଠାନ୍ତୁ । ଯୁବକମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ନୂତନ ଛତିଶଗଡ଼ର ବିକାଶ ଯାତ୍ରାରେ ଯୋଗଦେବା ପାଇଁ ସେମାନଙ୍କୁ ଏହାଠାରୁ ଭଲ ସୁଯୋଗ ମିଳିବ ନାହିଁ । ହିଂସା ମାର୍ଗରେ ଚାଲୁଥିବା ଯୁବକମାନଙ୍କୁ ସରକାରଙ୍କୁ ବିଶ୍ୱାସ କରିବା ଏବଂ ସମାଜର ମୁଖ୍ୟଧାରାରେ ଯୋଗଦେବା ପାଇଁ ଶ୍ରୀ ଶାହ ଅନୁରୋଧ କରିଥିଲେ । ଏପରି କରିବା ଦ୍ୱାରା ସେମାନେ ସ୍ୱୟଂଚାଳିତ ଭାବେ ଛତିଶଗଡ଼ର ବିକାଶ ଯାତ୍ରା ସହିତ ଯୋଡ଼ି ହୋଇଯିବେ । କେନ୍ଦ୍ର ଏବଂ ଛତିଶଗଡ଼ ସରକାର ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବେ ଏବଂ ଆହୁରି ଅଧିକ ସହାୟତା ପ୍ରଦାନ କରିବା ଲାଗି ପ୍ରୟାସ କରିବେ ।

## ମଶା ଆକୃତିର ଡ୍ରୋନ୍ ତିଆରି କରିଛି ଚୀନ୍

ନୂଆଦିଲ୍ଲୀ : ଚୀନ୍‌ର ନ୍ୟାସନାଲ୍ ୟୁନିଭରସିଟି ଅଫ୍ ଡିଫେନ୍ସ ଟେକ୍ନୋଲିଜି (ଏନ୍‌ୟୁଡିଟି) ପକ୍ଷରୁ ମଶା ଆକୃତିର ଡ୍ରୋନ୍ ପ୍ରସ୍ତୁତ କରାଯାଇଛି । ଏହି ଡ୍ରୋନ୍ ସେନା ଅପରେସନ୍‌ରେ ନିୟୋଜିତ ହେବ । ଦକ୍ଷିଣ ଚୀନ୍ ମର୍ଣ୍ଣି ପୋଷ୍ଟରେ ଏଭଳି ଖବର ପ୍ରକାଶ ପାଇବା ପରେ ସବୁଠି ହଇଚଇ ସୃଷ୍ଟି ହୋଇଛି । ଚୀନ୍‌ର କେନ୍ଦ୍ରୀୟ ଟେଲିଭିଜନ୍‌ର ଏକ ଭିଡିଓ କ୍ଲିପ୍ ପ୍ରସାରଣରେ ଦେଖାଯାଇଥିଲା ଯେ, ଜଣେ ଛାତ୍ର ତାଙ୍କ ଦୁଇ ଆଙ୍ଗୁଠିରେ ମଶା ଆକୃତିର ଡ୍ରୋନକୁ ଧରିଛନ୍ତି । ଯୁଦ୍ଧ ସମୟରେ ଏଭଳି ଡ୍ରୋନ୍ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହରେ ଗୁପ୍ତଚର ଭୂମିକା ନିର୍ବାହ କରିବ ।

## ୧୯ଟି ରୁଟରେ ଉଡ଼ାଣ କମାଇବ ଏୟାରଇଣ୍ଡିଆ

ନୂଆଦିଲ୍ଲୀ: ଟାଟା ଗ୍ରୁପ ମାଲିକାନାରେ ଥିବା ଏୟାର ଇଣ୍ଡିଆ କହିଛି ଯେ ଏହା ୧୯ ଟି ରୁଟରେ ନ୍ୟାରୋବଡ଼ି ବିମାନ ଦ୍ୱାରା ଚାଲୁଥିବା ୧୧୮ ଟି ସାପ୍ତାହିକ ଉଡ଼ାଣକୁ ଅସ୍ଥାୟୀ ଭାବରେ ହ୍ରାସ କରିବ ଏବଂ ତିନୋଟି ରୁଟରେ ସେବାକୁ ସ୍ଥଗିତ କରିବ । କମ୍ପାନୀ କିଛି ଦିନ ପୂର୍ବରୁ କହିଥିଲା ଯେ ଏହା ଓ୍ୱାଇଡବଡି ବିମାନ ଦ୍ୱାରା ପରିଚାଳିତ ଏହାର ଅନ୍ତର୍ଜାତୀୟ ଉଡ଼ାଣକୁ ଅସ୍ଥାୟୀ ଭାବରେ ୧୫ ପ୍ରତିଶତ ହ୍ରାସ କରିବ । ମୋଟ ନ୍ୟାରୋବଡି ଫ୍ଲିଟକୁ ଅସ୍ଥାୟୀ ଭାବରେ ପାଞ୍ଚ ପ୍ରତିଶତରୁ କମ୍ ହ୍ରାସ କରିବାକୁ ଯାଉଛି ।

ଏହି ସ୍ୱେଚ୍ଛାକୃତ ନିଷ୍ପତ୍ତି ଯୋଗୁଁ ତିନୋଟି ରୁଟରେ ଏୟାର ଇଣ୍ଡିଆ ସେବା ଅସ୍ଥାୟୀ ଭାବରେ ବନ୍ଦ ହୋଇଯିବ ଏବଂ ୧୯ ଟି ରୁଟରେ ଉଡ଼ାଣ ହ୍ରାସ ପାଇବ । ଏହି ପରିବର୍ତ୍ତନଗୁଡ଼ିକ ଅତି କମରେ ୧୫ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ପ୍ରଭାବଶାଳୀ ରହିବ । ବେଙ୍ଗାଲୁରୁ-ସିଙ୍ଗାପୁର, ପୁଣେ-ସିଙ୍ଗାପୁର ଏବଂ ମୁମ୍ବାଇ-ବାଗଡୋଗ୍ରା ରୁଟରେ ସପ୍ତାହକୁ ୭ଟି ଉଡ଼ାଣ ୧୫ ଜୁଲାଇ ପର୍ଯ୍ୟନ୍ତ ବନ୍ଦ ରହିବ । ଦିଲ୍ଲୀ-ବେଙ୍ଗାଲୁରୁ ଏବଂ ଦିଲ୍ଲୀ-ମୁମ୍ବାଇ ସମେତ ଅନ୍ୟ ଅନେକ ରୁଟରେ ଉଡ଼ାଣ ସଂଖ୍ୟା ହ୍ରାସ ପାଇବ । ଏୟାରଲାଇନ୍ସ ଅନୁଯାୟୀ, ଏହି ହ୍ରାସର ଲକ୍ଷ୍ୟ ହେଉଛି ଏୟାର ଇଣ୍ଡିଆର ନେଟଓ୍ୱାର୍କ କାର୍ଯ୍ୟର ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଯାତ୍ରୀମାନଙ୍କୁ ଶେଷ ମୁହୂର୍ତ୍ତରେ ଅସୁବିଧା ହ୍ରାସ କରିବା ।

## ରାଜା ରଘୁବଂଶୀ ହତ୍ୟା ମାମଲାରେ ପ୍ରପର୍ଟି ଡିଲର ଗିରଫ





ଇନ୍ଦୋର: ରାଜା ରଘୁବଂଶୀ ହତ୍ୟା ମାମଲାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଲୁଚାଇବା ଅଭିଯୋଗରେ ଇନ୍ଦୋରରୁ ଜଣେ ପ୍ରପର୍ଟି ଡିଲରଙ୍କୁ ଗିରଫ କରିଛି ମେଘାଳୟ ପୋଲିସ । ପୋଲିସ ସୂଚନା ଅନୁସାରେ, ପ୍ରପର୍ଟି ଡିଲର ହତ୍ୟାର ମୁଖ୍ୟ ଅଭିଯୁକ୍ତ ଏବଂ ମୃତ ରାଜା ରଘୁବଂଶୀଙ୍କ ପତ୍ନୀ ସୋନମଙ୍କ ବ୍ୟାଗ ଲୁଚାଇ ରଖିଥିଲେ । ହତ୍ୟା ପରେ ସୋନମ ଇନ୍ଦୋରର ଏକ ଘରେ ଲୁଚି ରହିଥିଲେ । ଅତିରିକ୍ତ ଡେପୁଟି କମିଶନର ରାଜେଶ ଦଣ୍ଡୋଟିଆ କହିଛନ୍ତି ଯେ ପ୍ରପର୍ଟି ଡିଲର ଶିଲୋମ ଜେମ୍ସଙ୍କୁ ବ୍ୟାଗ ଲୁଚାଇବା ମାମଲାରେ ଗିରଫ କରାଯାଇଛି । ସେ କହିଛନ୍ତି ଯେ ଇନ୍ଦୋରରେ ଲୁଚି ରହିଥିବା ସମୟରେ ସୋନମ ଯେଉଁ ବ୍ୟାଗ ଲୁଚାଇଥିଲେ ସେଥିରେ ହତ୍ୟା ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରହିଛି । ତେବେ ଏଥିରେ ପୋଷାକ, ସୁନା ଗହଣା, ବନ୍ଧୁକ ସହ ହତ୍ୟାରେ ଜଡ଼ିତ ଅନ୍ୟ ସାମଗ୍ରୀ ରହିଥିଲା ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଜେମ୍ସ, ହତ୍ୟାକାଣ୍ଡରେ ଜଡିତ ଅଭିଯୁକ୍ତ ବିଶାଲ ଚୌହାନଙ୍କ ପାଇଁ ଫ୍ଲାଟ ଭଡାରେ ନେଇଥିଲେ । ଯେଉଁଠି ହତ୍ୟା ପରେ ସୋନମ ଆସି ରହିଥିଲେ । ତେବେ ଜେମ୍ସ କିଛି ଦିନ ପୂର୍ବରୁ ଗଣମାଧ୍ୟମ ସମ୍ମୁଖରେ ଦାବି କରିଥିଲା ଯେ ସେ ମେ ୩୦ ତାରିଖରେ ବିଶାଲଙ୍କୁ ୧୭ ହଜାର ଟଙ୍କାରେ ଭଡାରେ ଏକ ଘର ଦେଇଥିଲେ । କିନ୍ତୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ତାହା ଖାଲି ପଡ଼ିଥିଲା । ଉଲ୍ଲେଖଯୋଗ୍ୟ, ମେଘାଳୟକୁ ହନିମୁନ ପାଇଁ ଯାଇଥିବା ରଘୁବଂଶୀ ମେ ୨୩ ତାରିଖରେ ନିଖୋଜ ହୋଇଯାଇଥିଲେ ଏବଂ ଜୁନ୍ ୨ ତାରିଖରେ ତାଙ୍କ ମୃତଦେହ ମିଳିଥିଲା । ଏହି ମାମଲାରେ ମୃତ ରଘୁବଂଶୀଙ୍କ ପତ୍ନୀ ସୋନମ ଏବଂ ତାଙ୍କ ପ୍ରେମିକଙ୍କ ସମେତ ହତ୍ୟାକାଣ୍ଡରେ ସଂପୃକ୍ତ ପାଞ୍ଚ ଜଣ ଅଭିଯୁକ୍ତ ବର୍ତ୍ତମାନ ମେଘାଳୟ ଜେଲରେ ନ୍ୟାୟିକ ହେପାଜତରେ ଅଛନ୍ତି ।

## ବର୍ମିଂହାମ-ଦିଲ୍ଲୀ ଏୟାର ଇଣ୍ଡିଆ ବିମାନକୁ ରିୟାଦରେ ଅବତରଣ

ନୂଆଦିଲ୍ଲୀ: ଏୟାର ଇଣ୍ଡିଆକୁ ବୋମା ଧମକ । ବର୍ମିଂହାମ (ୟୁକେ) ରୁ ଦିଲ୍ଲୀ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନକୁ ବୋମା ଧମକ ମିଳିବା ପରେ ଏହାକୁ ସାଉଦି ଆରବର ରିୟାଦକୁ ଡାଇଭର୍ଟ କରାଯାଇଥିଲା । ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ନେଇ ଏୟାରଲାଇନ୍ସ ତରଫରୁ ସୂଚନା ଦିଆଯାଇଛି ।

ବୋମା ସମ୍ପର୍କରେ ତୁରନ୍ତ ତଦନ୍ତ କରାଯାଇଥିବା ନେଇ ଏୟାର ଇଣ୍ଡିଆ ନିଜ ବିବୃତିରେ ପ୍ରକାଶ କରିଛି । ତେବେ ଯାଞ୍ଚରୁ ସେପରି କିଛି ସନ୍ଦେହ ଜନକ ତଥ୍ୟ ମିଳିନଥିବା ଜଣାପଡିଛି । ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବିମାନରୁ ବାହାର କରାଯାଇ ହୋଟେଲରେ ରଖାଯାଇଛି । ଯାତ୍ରୀମାନଙ୍କୁ ଯଥାଶୀଘ୍ର ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାକୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ନେଇ ବିମାନ କମ୍ପାନୀ ତରଫରୁ କୁହାଯାଇଛି ।

ସୂଚନାଯୋଗ୍ୟ, ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର କିଛି ମିନିଟ୍ ପରେ ଏୟାର ଇଣ୍ଡିଆର ବିମାନ ଏ ଆଇ ୧୭୧ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଲା । ଯେଉଁଥିରେ ବିମାନରେ ଥିବା ୨୪୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେବଳ ଜଣେ ଯାତ୍ରୀ ଚମତ୍କାର ଭାବରେ ବଞ୍ଚି ଯାଇଥିଲେ । ତେବେ ବିମାନଟି ଯେଉଁ ମେଡିକାଲ କଲେଜରେ ବାଡେଇ ହୋଇଥିଲା ସେହି ସ୍ଥାନ ଏବଂ ତାହାର ଆଖପାଖରେ ସ୍ଥାନରେ ଉପସ୍ଥିତ ଥିବା ୨୯ରୁ ଅଧିକ ଲୋକଙ୍କର ମଧ୍ୟ ସେହି ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଏହା ପରଠାରୁ ବିମାନ କମ୍ପାନୀ ସୁରକ୍ଷା ଯାଞ୍ଚ ଉପରେ କଡା ନଜର ରଖିଛି ।

# କୌଣସି ଦେଶ ପରମାଣୁ ବୋମା ବିକ୍ରି କରିପାରିବ କି?

ନୂଆଦିଲ୍ଲୀ: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଏବେ ଆମେରିକା ସାମିଲ ହୋଇଛି । ଆମେରିକା ଇରାନର ତିନୋଟି ପରମାଣୁ ଘାଟି ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ବି-୨ ଷ୍ଟିଲଥ୍ ବୋମାବର୍ଷଣକାରୀ ବିମାନରୁ ବୋମା ପକାଇଛି, ଯେଉଁଥିରେ ଇରାନକୁ ବହୁତ କ୍ଷତି ସହିବାକୁ ପଡିଛି । ଇସ୍ରାଏଲ ଆମେରିକାର ଏହି ଆକ୍ରମଣ ଏବଂ ପରମାଣୁ ଘାଟିକୁ ଟାର୍ଗେଟ କରିବାର କାର୍ଯ୍ୟକୁ ସ୍ୱାଗତ କରିଛି । ଆପଣଙ୍କୁ ଜଣାଇ ଦେଉଛୁ ଯେ, ଜୁନ୍ ୧୩ ରେ ଇରାନ ଉପରେ ହୋଇଥିବା ଆକ୍ରମଣରେ ଇସ୍ରାଏଲ ପରମାଣୁ ଘାଟିକୁ ଟାର୍ଗେଟ କରିଥିଲା ।

ଇସ୍ରାଏଲ ବିଶ୍ୱାସ କରେ ଯେ ଯଦି ଇରାନ ପରମାଣୁ ବୋମା ତିଆରି କରେ, ତେବେ ସେ ପ୍ରଥମେ ଇସ୍ରାଏଲୀ ଲୋକଙ୍କ ଉପରେ ଆକ୍ରମଣ କରିବ । ଏହି ବିପଦକୁ ଦୃଷ୍ଟିରେ ରଖି, ଇସ୍ରାଏଲ ଦୀର୍ଘ ସମୟ ଧରି ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ନଜର ରଖି ଆସୁଛି । ଅନ୍ୟପକ୍ଷରେ, ଇରାନ ମଧ୍ୟ ପରମାଣୁ କ୍ଷମତା ହାସଲ କରିବାକୁ ପ୍ରତିଜ୍ଞା କରିଛି ଏବଂ ଏହି ଦେଶ ଦଶନ୍ଧି ଧରି ଏଥିପାଇଁ ଚେଷ୍ଟା କରିଆସୁଛି । ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ ଅନ୍ୟ ଅସ୍ତ୍ରଶସ୍ତ୍ର ପରି ଇରାନ କାହିଁକି କୌଣସି ଦେଶଠାରୁ ପରମାଣୁ ବୋମା କିଣିପାରିବ ନାହିଁ? ବିଶ୍ୱର ବଡ଼ ବଡ଼ ଦେଶ ମଧ୍ୟ ପରମାଣୁ ଅସ୍ତ୍ର ବିକ୍ରୟ କରିପାରିବେ କି? ଆସନ୍ତୁ ଜାଣିବା ଏ ସମ୍ପର୍କରେ ନିୟମ କ'ଣ କହୁଛି?

ବିଶ୍ୱରେ କେବଳ ୯ଟି ଦେଶ ଏପରି ଅଛନ୍ତି ଯେଉଁମାନେ ପରମାଣୁ ଅସ୍ତ୍ର ରଖିଛନ୍ତି । ଏହି ଦେଶଗୁଡ଼ିକ ମଧ୍ୟରେ ରୁଷ, ଆମେରିକା, ବ୍ରିଟେନ, ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ତାନ, ଇସ୍ରାଏଲ୍ ଏବଂ ଉତ୍ତର କୋରିଆ ଅନ୍ତର୍ଭୁକ୍ତ । କିନ୍ତୁ, ୧୯୭୦ ମସିହାର ପରମାଣୁ ଅସ୍ତ୍ରପ୍ରସାର ଚୁକ୍ତିନାମା ଅନୁଯାୟୀ, କେବଳ ପାଞ୍ଚଟି ଦେଶ ରୁଷ, ଆମେରିକା, ବ୍ରିଟେନ, ଫ୍ରାନ୍ସ, ଚୀନ୍ ପରମାଣୁ ଅସ୍ତ୍ର ରଖିବାର ଅଧିକାର ରଖିଛନ୍ତି । ଏହି ଚୁକ୍ତିନାମା ଆସିବା ପୂର୍ବରୁ ମଧ୍ୟ ଏହି ଦେଶମାନେ ପରମାଣୁ ବୋମା ତିଆରି କରିଥିଲେ ।



ବିଶ୍ୱର ଅନେକ ଦେଶ ମଧ୍ୟରେ ଅସ୍ତ୍ରଶସ୍ତ୍ର ସମ୍ପର୍କରେ ଚୁକ୍ତି ହେଉଛି, ଯେଉଁଥିରେ କ୍ଷେପଣାସ୍ତ୍ରରୁ ଡ୍ରୋନ୍ ଏବଂ ଯୁଦ୍ଧ ବିମାନରୁ ଟ୍ୟାଙ୍କ ପର୍ଯ୍ୟନ୍ତ ବିକ୍ରି କରାଯାଏ । ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠେ ଯେ କୌଣସି ଦେଶ ଏହି ଅସ୍ତ୍ର ପରି ପରମାଣୁ ଅସ୍ତ୍ର ବିକ୍ରୟ କରିପାରିବ କି? ଏହି ପ୍ରଶ୍ନ ଯେତେ ସହଜ, ଏହାର ଉତ୍ତର ସେତେ କଷ୍ଟକର । ପ୍ରକୃତରେ, ପରମାଣୁ ବୋମା ଏକ ଏପରି ଅସ୍ତ୍ର ଯାହା ଯେକୌଣସି ସମୟରେ ବିଶ୍ୱରେ ବିନାଶ ଆଣିପାରେ । ଏପରି ପରିସ୍ଥିତିରେ, ଜାତିସଂଘ ଏହାର ବ୍ୟବହାର, କ୍ରୟ ଏବଂ ବିକ୍ରୟ ଉପରେ କଡ଼ା ନଜର ରଖେ । ସେହି ସମୟରେ, ବିଶ୍ୱର ପରମାଣୁ ଶକ୍ତିଶାଳୀ ଦେଶଗୁଡ଼ିକ ଏହା ମଧ୍ୟ ନିଶ୍ଚିତ କରନ୍ତି ଯେ କୌଣସି ଦେଶ ଅନ୍ୟ କୌଣସି ଦେଶକୁ ପରମାଣୁ ଅସ୍ତ୍ର କିମ୍ବା ଏହାର ପ୍ରଯୁକ୍ତିବିଦ୍ୟା ବିକ୍ରୟ କରିପାରିବେ ନାହିଁ ।

## ଲିଡ୍ସ ଟେଷ୍ଟ

# ବୁମରାଙ୍କୁ ୫ ୱିକେଟ୍ : ଇଂଲଣ୍ଡ ୪୬୫

ଲିଡ୍ସ, ୨୨।୬ (ଏଜେନ୍ସି) : ପ୍ରଥମେ ବ୍ୟାଟ୍‌ର ଓ ପରେ ପରେ ଭାରତୀୟ ବୋଲ୍‌ର କମାଲ ଦେଖାଇଛନ୍ତି । ଇଂଲଣ୍ଡରେ ଯଶସ୍ୱୀ ଜୟସ୍ୱାଲ୍, ଅଧିନାୟକ ଶୁଭମନ୍ ଗିଲ୍ ଓ ଉପ ଅଧିନାୟକ ରିଷଭ ପନ୍ତ ଶତକୀୟ ଇନିଂସ୍ ଖେଳିଥିଲେ । ତୃତୀୟ ଦିନ ଭାରତୀୟ ବୋଲ୍‌ର କମାଲ କରିଛନ୍ତି । ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରୀଷ୍ଣା ୧୦ ୱିକେଟ୍ ଝଡାଇ ଇଂଲଣ୍ଡ ଇନିଂସରେ ଯବନିକା ଟାଣିଛନ୍ତି । ତେଣୁ ତୃତୀୟ ଦିବସ ଟା ପାନ ବିରତି ବେଳକୁ ଇଂଲଣ୍ଡ ପ୍ରଥମ ଇନିଂସରେ ୧୦୦.୪ ଓଭରରେ ୪୬୫ ରନ୍ କରି ଅଲ୍ ଆଉଟ୍ ହୋଇଛି । ତେଣୁ ଭାରତ ୬ ରନ୍‌ର ଅଗ୍ରଣୀ ହାସଲ କରିଛି । ପୂର୍ବରୁ ପ୍ରଥମ ପାଳିରେ ଭାରତ ୪୭୧ ରନ୍ କରିଥିଲା । ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ଦ୍ୱିତୀୟ ଇନିଂସ ବ୍ୟାଟିଙ୍ଗ କରି ୨୩.୫ ଓଭରରେ ୨ ୱିକେଟ୍ ହରାଇ ୯୦ ରନ୍ କରିଛି । ବର୍ଷା ଯୋଗୁଁ ପାଖାପାଖି ୧୦ ଓଭର ଖେଳ ସମ୍ଭବ ହୋଇପାରନାହିଁ । ଲୋକେଶ ରାହୁଲ ୪୭ ରନ୍ ଓ ଶୁଭମନ୍ ଗିଲ୍ ୬ ରନ୍ କରି ଅପରାଜିତ ଅଛନ୍ତି ।

ତୃତୀୟ ଦିନ ଇଂଲଣ୍ଡ ଅସମାପ୍ତ ଇନିଂସ ୨୦୯/୩ ରୁ ଖେଳ ଆରମ୍ଭ କରିଥିଲା । ଶତକ ହାସଲ୍ କରିଥିବା ଓଲି ପୋପ୍ ପ୍ରଥମ ଅଧିବେଶନରେ ବେଶି ସମୟ ରହିପାରିନଥିଲେ । ସେ ୧୦୬ ରନ୍ କରି ପ୍ରସିଦ୍ଧ କ୍ରୀଷ୍ଣାଙ୍କ ଶିକାର ହୋଇଥିଲେ । ହ୍ୟାରି ବ୍ରୁକ୍ ଜମାଣିଆ ଖେଳିଥିଲେ ବି ମାତ୍ର ୧ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ । ସେ ୧୧୨ ବଲରୁ ୯୯ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଅଧିନାୟକ ବେନ୍ ଷ୍ଟୋକ୍ସ ୨୦, ଜାମି ସ୍ମିଥ୍ ୪୦, କ୍ରିସ୍ ୱକସ୍ ୩୮, ବ୍ରେଡନ୍ କାରସେ ୨୨ ଓ ଜୋସ୍ ଟଙ୍ଗ ୧୧ ରନ୍ କରିଥିଲେ । ତେଣୁ ଇଂଲଣ୍ଡ ୧୦୦.୪ ଓଭରରେ ୪୬୫ ରନ୍‌ର ସ୍କୋର କରି ଭାରତକୁ କଡା ଟକ୍କର ଦେଇଛି । ଭାରତ ବୋଲିଂ ମଧ୍ୟ ପ୍ରଶଂସନୀୟ ରହିଛି । ତିନିଜଣ ଦ୍ରୁତ ବୋଲର ୧୦ ୱିକେଟ୍ ଅକ୍ତିଆର କରିଛନ୍ତି । ଯଶପ୍ରୀତ ବୁମରା ୨୪.୪ ଓଭରରେ ବୋଲିଂ ୫ ୱିକେଟ୍ ଅକ୍ତିଆର କରିଥିଲେ । ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୩ ଟି ଓ ମହମ୍ମଦ



ସିରାଜ ୨ ୱିକେଟ୍ ନେଇଥିଲେ । ୨୩ ଓଭରେ ୪ ମେଡେନ୍ ସହ ୬୮ ରନ୍ ବ୍ୟୟ କରିଥିବା ସ୍ପିନ୍ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କୁ ୱିକେଟ୍ ସଫଳତା ମିଳିନଥିଲା ।

ଇଂଲଣ୍ଡକୁ ଅଲଆଉଟ୍ କରିବା ପରେ ୬ ରନ୍ ଆଗୁଆ ରହି ଭାରତ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା । ଯଶସ୍ୱୀ ଜୟସ୍ୱାଲଙ୍କ ସହ ଲୋକେଶ ରାହୁଲ ପାଳି ଆରମ୍ଭ କରିଥିଲେ । ଶତକ ଇନିଂସ ଖେଳିଥିବା ଜୟସ୍ୱାଲ୍ ଦ୍ୱିତୀୟ ପାଳିରେ ମାତ୍ର ୪ ରନ୍ କରି କାରସେଙ୍କ ଶିକାର ହୋଇଥିଲେ । ତେବେ ଲୋକେଶ ରାହୁଲ ଏକ ବଡ ଇନିଂସ ଆଶାରେ ବ୍ୟାଟିଙ୍ଗ୍ ମଙ୍ଗ ଧରିଛନ୍ତି । ସେ ୭୫ ବଲ୍‌ର ସମ୍ମୁଖୀନ ହୋଇ ୭ ଟି ଚୌକା ସହାୟତାରେ ଅପରାଜିତ ୪୭ ରନ୍ କରିଛନ୍ତି । ଭାରତୀୟ ଇନିଂସର ଶେଷ ୱିକେଟ୍ ଭାବେ ସାଇ ସୁଦର୍ଶନ ୪୮ ବଲରୁ ୩୦ ରନ୍ କରି ଷ୍ଟୋକସ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ଶୁଭମନ୍ ଗିଲ୍ ୬ ରନ୍ କରି ଅପରାଜିତ ଅଛନ୍ତି ।

# ରାଗିଗଲେ ପନ୍ତ



ଲିଡସ୍, ୨୨।୬ (ଏଜେନ୍ସି) : ଲିଡସ୍ ଟେଷ୍ଟରେ ଟିମ୍ ଇଣ୍ଡିଆର ଉପଅଧିନାୟକ ରିଷଭ ପନ୍ତ ରାଗିଯିବାର ଭିଡିଓ ଭାଇରାଲ୍ ହୋଇଛି । ତୃତୀୟ ଦିନ ପ୍ରଥମ ଅଧିବେଶନରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା । ପନ୍ତ ବଲ୍ ନେଇ ଅମ୍ପାୟାରଙ୍କ ପାଖକୁ ଯାଇଥିଲେ । ବଲଟି ତାଙ୍କ ହାତକୁ ବଢାଇ ତାର ଅବସ୍ଥା ଭଲ ନଥିବା କହିଥିଲେ । ଅମ୍ପାୟାର ବଲଟିକୁ ଯାଞ୍ଚ କରି ପନ୍ତଙ୍କୁ ଫେରାଇ ଦେଇଥିଲେ । ଏଥିରେ ଏକମତ ହୋଇ ପନ୍ତ ଅମ୍ପାୟାରଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ହେଲେ ଅମ୍ପାୟାର ସେହି ବଲରେ ଖେଳ ଜାରି ରହିବ ବୋଲି କହିଥିଲେ । ଅମ୍ପାୟାର ଯାହା କହିଥିଲେ ସେଥିରେ ପନ୍ତ ସନ୍ତୁଷ୍ଟ ନଥିଲେ । ପରେ ସେ ବଲଟିକୁ ଫିଙ୍ଗି ଦେଇ ଚାଲିଯାଇଥିଲେ । ୬୩ତମ ଓଭରରେ ଇଂଲଣ୍ଡର ଅଧିନାୟକ ବେନ୍ ଷ୍ଟୋକ୍ ଓ ହ୍ୟାରି ବ୍ରୁକ୍ ବ୍ୟାଟିଙ୍ଗ୍ କରୁଥିବା ବେଳେ ଏହି ଘଟଣା ଘଟିଥିଲା ।

## ଅଲେଖ ଚନ୍ଦ୍ର ସ୍ମାରକୀ ଓପନ୍ ଚେସ୍

# ଲଭ୍ୟଜ୍ୟୋତି ବିଜେତା

ଭୁବନେଶ୍ୱର, ୨୨।୬(ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ଆସୋସିଏସନ୍ ଆନୁକୂଲ୍ୟରେ କେଶୁରାର ରୟାଲ୍ ପବ୍ଲିକ୍ସ ସ୍କୁଲ ପ୍ରାଙ୍ଗଣରେ ଚତୁର୍ଥ ଅଲେଖଚନ୍ଦ୍ର ଦେବତା ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କେନ୍ଦ୍ରାପଡାର ଲଭ୍ୟଜ୍ୟୋତି ରାଉତରାୟ ୪.୫ ପଏଣ୍ଟ ସହ ବିଜେତା ହୋଇଛନ୍ତି । ୫ ରାଉଣ୍ଡ ଏହି ପ୍ରତିଯୋଗିତାରେ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ଦ୍ୱିତୀୟ, ଜଟଣୀର ସ୍ଥିତ ପ୍ରଜ୍ଞା ସାହୁ ତୃତୀୟ, କଟକର ପ୍ରତ୍ୟୁଷ ମହାପାତ୍ର ଚତୁର୍ଥ, ଭୁବେନଶ୍ୱରର ବିନୀତ ନାୟକ ପଞ୍ଚମ, ଜଟଣୀର ରଶ୍ମିରଞ୍ଜନ ବସ୍ତିଆ ଷଷ୍ଠ ଏବଂ ଭୁବନେଶ୍ୱରର ସଞ୍ଜିବନ ନାୟକ ସପ୍ତମ ସ୍ଥାନ ଅଧିକାର କରିଥିଲେ । ସେହିଭଳି ବିଭିନ୍ନ ବୟସ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା । ସୁପ୍ରିୟା ନାୟକଙ୍କ ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସିଡ୍ରିମ୍ ଇ କର୍ମସ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦେବତା ଯୋଗ ଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତଃ ଅଲେଖ ଚନ୍ଦ୍ର ଦେବତାଙ୍କ ବୋହୂ ସ୍ମୃତି ଦେବତା ଉପସ୍ଥିତ ଥିଲେ ।



# ଟେଷ୍ଟରୁ ମାଥ୍ୟୁସଙ୍କ ଅବସର

କଲମ୍ବୋ, ୨୨।୬(ଏଜେନ୍ସି) : ଶ୍ରୀଲଙ୍କାର ତାରକା ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଟେଷ୍ଟ କ୍ରିକେଟର ଅବସର ନେଇଛନ୍ତି । ସେ ପୂର୍ବରୁ ଅବସର ସମ୍ପର୍କରେ ସୂଚନା ଦେଇଥିଲେ । ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ଶେଷ ହେବା ପରେ ଏହି ଘୋଷଣା କରିଥିଲେ । ସେ ଟି-୨୦ ଖେଳିବା ଜାରି ରଖିବେ । ୨୦୨୬ ଟି -୨୦ ବିଶ୍ୱକପ୍ ଜିତିବା ତାଙ୍କର ସ୍ୱପ୍ନ ବୋଲି କହିଛନ୍ତି । ବିଶ୍ୱକପ୍ ଜିତି କ୍ୟାରିୟର ଶେଷ କରିବାକୁ ଇଚ୍ଛା ରଖିଛନ୍ତି । ୨୦୧୪ ଟି -୨୦ ବିଶ୍ୱ କପ୍ ଶ୍ରୀଲଙ୍କା ଜିତିଥିଲା ।



ଫାଇନାଲ୍‌ରେ ଭାରତକୁ ହରାଇବାରେ ମାଥ୍ୟୁସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି । ପ୍ରଥମେ ବ୍ୟାଟିଙ୍ଗ କରି ବାଂଲାଦେଶ ୪୯୫ ରନ୍ କରିଥିଲା । ଜବାବରେ ଶ୍ରୀଲଙ୍କା ୪୮୫ ରନ୍ ରେ ସୀମିତ ରହିଥିଲା । ମାଥ୍ୟୁସ୍ ୩୯ ରନ୍ କରିଥିଲେ । ପୁଣି ବାଂଲାଦେଶ ୨ୟ ପାଳିରେ ୬ ୱିକେଟ୍ ହରାଇ ୨୮୫ ରନ୍ କରିଥିଲା । ଶ୍ରୀଲଙ୍କା ୪ ୱିକେଟ୍ ହରାଇ ୭୨ ରନ୍ କରିଥିବା ବେଳେ ମ୍ୟାଚ୍ ଡ୍ର ଘୋଷଣା ହୋଇଥିଲା । ମାଥ୍ୟୁସ୍ ୧୧୯ ଟେଷ୍ଟରେ ୮୨୧୪ ରନ୍ ସଂଗ୍ରହ କରିଛନ୍ତି । ୧୬ ଟି ଶତକ ସାମିଲ୍ ରହିଛି ।

## ରଗ୍‌ବୀ ପ୍ରିମିୟର ଲିଗ୍

# କଳିଙ୍ଗ ବ୍ଲାକ୍ ଟାଇଗର୍ସର ପ୍ରଥମ ବିଜୟ



ମୁମ୍ବାଇ,୨୨।୬ (ଏଜେନ୍ସି) : ରଗ୍‌ବୀ ପ୍ରିମିୟର ଲିଗ୍‌ରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ପ୍ରଥମ ବିଜୟ ହାସଲ କରିଛି । ମୁମ୍ବାଇର ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୭ତମ ମ୍ୟାଚ୍‌ରେ ଦିଲ୍ଲୀ ରେଡ୍‌କୁ ୧୯-୧୫ ବ୍ୟବଧାନରେ ଧରାଶାୟୀ କରିଛି । ପୂର୍ବରୁ ଦିଲ୍ଲୀ ନିକଟରୁ କଳିଙ୍ଗ ହାରିଥିଲା । ତେଣୁ ଏହି ବିଜୟ କଳିଙ୍ଗ ବ୍ଲାକ୍ ଟାଇଗର୍ସକୁ ଆସୋସ୍ତି ଆଣି ଦେଇଛି । କଳିଙ୍ଗ ବ୍ଲାକ୍ ଟାଇଗର୍ସ ପାଇଁ ଚ୍ୟାଲେଞ୍ଜ୍ ପୂର୍ଣ୍ଣ ଅଭିଯାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ଆଣି ଦେଇଛି । ଚୂଡାନ୍ତ ମିନିଟ୍‌ଗୁଡିକରେ ଦିଲ୍ଲୀ ନିରବଚ୍ଛିନ୍ନ ଭାବେ ଆଗକୁ ବଢିବା ପ୍ରୟାସ କରିଥିଲା । କିନ୍ତୁ ବ୍ଲାକ୍ ଟାଇଗର୍ସ ଆଉ ଏକ ସ୍କୋର କରି ସୁଯୋଗ ଦେଇନଥିଲା । କଳିଙ୍ଗ ପକ୍ଷରୁ ଆଶିଷ ଶବର, ଲୁକାସ ଲାକାମ୍ପ ଏବା କାଇଲେ ଟ୍ରେମ୍ବଲେ ସ୍କୋର କରିଥିଲେ । ହ୍ୟାରି ମ୍ୟାକନଲ୍‌ଟି, ପେରୀ ବେକର ଓ ଟ୍ରେମ୍ବଲେଙ୍କ ଉଚ୍ଚ କୋଟିର ପ୍ରଦର୍ଶନ ଯୋଗୁଁ ଓଡିଶା ପ୍ରଥମ ବିଜୟ ହାସଲ କରିଛି । ଜମାଣିଆ ପ୍ରଦର୍ଶନ ପାଇଁ ଲୁକାସଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା । ମ୍ୟାଚ୍ ପରେ ଲୁକାସ୍ ଦଳ ବିଜୟରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ବିଗତ ମ୍ୟାଚ୍‌ଗୁଡିକର ପରାଜୟ ଆମ ମନୋବଳ ଭାଙ୍ଗି ଦେଇଥିଲା । ଏହି ଜମାଣିଆ ବିଜୟ ପରେ ସବୁ ଖେଳାଳି ଉଲ୍ଲସିତ ଅଛନ୍ତି । ପରବର୍ତ୍ତୀ ମ୍ୟାଚ୍‌ଗୁଡିକରେ ଆହୁରୀ ଆକ୍ରମଣାତ୍ମକ ଖେଳି ଆଗକୁ ବଢିବେ ବୋଲି ଲୁକାସ କହିଛନ୍ତି । ମୁଁ ଆଶା କରୁଛି ଯେ, ଆମେ ଶୀର୍ଷ ୪ଟି ଦଳ ମଧ୍ୟରେ ସ୍ଥାନ ପାଇବୁ । ଏହି ବିଜୟ ସହିତ କଳିଙ୍ଗ ବ୍ଲାକ ଟାଇଗର୍ସ ଖାତା ଖୋଲିବା ସହ ସେମାନଙ୍କ ଅଭିଯାନ ଓ ଆତ୍ମ ବିଶ୍ୱାସର ସହିତ ପୁନଃ ଶକ୍ତି ପ୍ରଦାନ କରିଛି । ବ୍ଲାକ୍ ଟାଇଗର୍ସ ତାର ପରବର୍ତ୍ତୀ ମ୍ୟାଚ୍ ମୁମ୍ବାଇ ଡ୍ରିମ୍ସକୁ ଭେଟିବ ।

# ଅଡୁଆରେ ସନ୍‌ରାଇଜର୍ସ ମାଲିକାଣୀ କାବ୍ୟା

ହାଇଦ୍ରାବାଦ, ୨୨।୬(ଏଜେନ୍ସି) : ସନ୍‌ରାଇଜର୍ସ ହାଇଦ୍ରାବାଦ ସିଇଓ କାବ୍ୟା ମାରନ୍‌ଙ୍କ ସମସ୍ୟା ବଢିବାରେ ଲାଗିଛି । ପାରିବାରିକ କଳହ ଗୋଟିଏ କାରଣ ହୋଇଥିବା



ବେଳେ ଦକ୍ଷିଣ ଭାରତର ବଢ ମିଡିଆ ହାଉସ୍ ସନ୍ ନେଟ୍‌ୱାର୍କ ତଥା କାବ୍ୟାଙ୍କ ବାପା କଳାନିଧି ମାରନଙ୍କ ଉପରେ ମନିଲଣ୍ଡରିଂ ଅଭିଯୋଗ ଆସିଛି । କଳାନିଧିଙ୍କ ଭାଇ ତଥା ପୂର୍ବତନ ସାଂସଦ ଦୟାନିଧି ମାରନ୍ ଏହି ଅଭିଯୋଗ ଆଣିଛନ୍ତି । ତେଣୁ ସନ୍ ନେଟୱାର୍କ ଓ ଆଇପିଏଲ୍ ଟିମ୍ ଏସ୍‌ଆରଏଚ୍ ପାଇଁ ଚିନ୍ତା ବଢାଇଛି । ସନ୍ ନେଟ୍‌ୱାର୍କସ୍ ସେୟାରକୁ ନେଇ ବିବାଦ ଲାଗି ରହିଛି । ୨୦୦୩ ପୂର୍ବରୁ ମାରନ୍ ପରିବାର ଓ କରୁଣା ନିଧି ପରିବାର ପାଖରେ କମ୍ପାନୀର ସମାନ ସେୟାର ଥିଲା । ହେଲେ ଏହା ପରେ ଏଥିରେ ପରିବର୍ତ୍ତନ ହୋଇଥିଲା । ଅଭିଯୋଗ ହୋଇଛି କମ୍ପାନୀର ଅର୍ଥକୁ ଅପବ୍ୟବହାର କରାଯାଇ ସନ୍ ଡାଇରେକ୍ଟିଭି, ସନ୍ ପିକ୍‌ଚର୍ସ, ଏଫ୍‌ଏମ୍ ଚ୍ୟାନେଲ୍ ଓ ଆଇପିଏଲ୍ ଟିମ୍ ଏସ୍‌ଆର୍‌ଏଚ୍ ପରି କମ୍ପାନୀ ଛିଡା କରାଯାଇଛି । ଏବେ ଯଦି ୨୦୦୩ ର ସେୟାର ପାର୍ଟନ ଲାଗୁ କରିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ମାଲିକାନା ପରିବର୍ତ୍ତନ ହୋଇପାରେ । ଯାହାର ପ୍ରଭାବ ଆଇପିଏଲ୍ ଟିମ୍ ସନ୍‌ରାଇଜର୍ସ ଉପରେ ପଡିବ ।

# କଳିଙ୍ଗରେ ଆରମ୍ଭ ହେଲା ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିଅନସିପ୍

ଭୁବନେଶ୍ୱର,୨୨।୬(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିଅନସିପ୍ ପ୍ରତିଯୋଗିତା (ସନ୍ତରଣ ପ୍ରତିଯୋଗିତା) ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ଜୁନ୍ ୨୬ ତାରିଖରେ ଶେଷ ହେବ ।

ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ସ୍ୱିମିଙ୍ଗ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱର୍ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶାରୁ ୭ଜଣ ପୁରୁଷ ଓ ୭ ଜଣ ମହିଳା ସର୍ବମୋଟ୍ ୧୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।

ଆଜି ପ୍ରଥମ ଦିନରେ ଓଡ଼ିଶାର କ୍ରୀଡ଼ାବିତ୍ ସୃଷ୍ଟି ଉପାଧ୍ୟାୟ ୧୦୦ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ପ୍ରତିଯୋଗିତାର ଉଦଘାଟନୀ ସମାରୋହରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଓଡ଼ିଶାରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିଅନସିପ୍ ପ୍ରତିଯୋଗିତାର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସୁନାମ ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି । ଏଥିସହିତ ସମସ୍ତ କ୍ରୀଡ଼ାବିତ୍ମାନଙ୍କର ଉଜ୍ଜଳ ଭବିଷ୍ୟତର କାମନା କରୁଛି । କ୍ରୀଡ଼ା ଓ କ୍ରୀଡ଼ାବିତ୍ମାନଙ୍କର ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାରେ ସନ୍ତରଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ ଦିନରେ ୧୩ ଟି ଜିଲ୍ଲାରେ ୧୩ଟି ସୁଇମିଙ୍ଗ ପୁଲ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ଆମ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ସନ୍ତରଣରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ ।

**ସ୍ୱର୍ଣ୍ଣ ଜିତିଲେ ସୃଷ୍ଟି ଉପାଧ୍ୟାୟ**

ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ସଭାପତି ଆର.ଏନ ଜୟପ୍ରକାଶ, ଏସିଆନ୍ ଆକ୍ୱାଟିକ୍ ଫେଡ଼େରେସନର ଭାଇସ୍ ପ୍ରେସିଡେଣ୍ଟ ବିରେନ୍ଦ୍ର ନାନାବତୀ, ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ମୋନାଲ ଚୋକ୍ସି, ଓଡ଼ିଶା ଷ୍ଟେଟ ସ୍ୱିମିଙ୍ଗ ଆସୋସିଏସନର ଜେନେରାଲ ସେକ୍ରେଟାରୀ ଗୋଲାପମଣି ମହାନ୍ତ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କୋଚ୍ ହେବାକୁ ଗାଙ୍ଗୁଲିଙ୍କ ଇଚ୍ଛା

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି) : ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ରାଜନୀତି କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ, ଭାରତୀୟ ଦଳର କୋଚ୍ ହେବା ପାଇଁ ତାଙ୍କର ଇଚ୍ଛା ଅଛି । ଜୁଲାଇ ମାସରେ ଗାଙ୍ଗୁଲିଙ୍କୁ ୫୩ ବର୍ଷ ହେବ । ଗାଙ୍ଗୁଲି ୨୦୧୮ -୧୯ ଓ ୨୦୨୨-୨୪ ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ମେଣ୍ଟର ଥିଲେ । ସେ ଭାରତୀୟ ଦଳର କୋଚ୍ ହେବାକୁ ଇଚ୍ଛା ଅଛି କି ବୋଲି ପ୍ରଶ୍ନର ଉତ୍ତରରେ ଗାଙ୍ଗୁଲି କହିଛନ୍ତି ମୁଁ ଏ ବିଷୟରେ ଚିନ୍ତା କରିନାହିଁ । କାରଣ ମୁଁ ଭିନ୍ନ ଭିନ୍ନ ଭୂମିକାରେ ରହିଆସିଅଛି । ସେ ଏହା ମଧ୍ୟ କହିଛନ୍ତି ମୁଁ ୨୦୧୩ରେ କ୍ରିକେଟ୍‌ରୁ ସନ୍ୟାସ ନେଇଥିଲି । ପୁଣି ବିସିସିଆଇର ଅଧ୍ୟକ୍ଷ ହେଲି । ଦେଖିବା ଆଗକୁ କଣ ହେଉଛି । ମୋର ବୟସ ୫୦ ରୁ ଅଧିକ ହେଲାଣି । କୋଚ୍ ହେବା ପାଇଁ ମୋର କୌଣସି ଆପତ୍ତି ନାହିଁ । ତେବେ ଗୋଟିଏ କଥା ସ୍ପଷ୍ଟ ଯେ, ମୁଁ ରାଜନୀତିକୁ ଆସିବି ନାହିଁ ।

୨୦୨୬ରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ସେ କୌଣସି ରାଜନୈତିକ ଦଳରେ ଯୋଗ ଦେବେ ନାହିଁ ବୋଲି କହିଛନ୍ତି । ଯଦି ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଫର ଦିଆଯାଏ ତଥାପି ଏଥିରେ ତାଙ୍କର କୌଣସି ରୁଚି ନାହିଁ ବୋଲି ଗାଙ୍ଗୁଲି କହିଛନ୍ତି । ପୂର୍ବତନ ଭାରତୀୟ ଅଧିନାକୟ ତଥା କୋଚ୍ ଗୌତମ ଗମ୍ଭୀରଙ୍କ ପ୍ରଶଂସା କରି ସେ କହିଛନ୍ତି ଦୁବାଇରେ ଚାମ୍ପଅନ୍‌ସ ଟ୍ରଫି ପରଠାରୁ ଗମ୍ଭୀର ଲୟ ଧରିଛନ୍ତି । ଗୌତମ ଏବେ ଭଲ କାମ କରୁଛନ୍ତି । ଆରମ୍ଭ ଖରାପ ଥିଲା । ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡଠାରୁ ଟେଷ୍ଟ ଶୃଙ୍ଖଳା ହାରିଥିଲା । ମାତ୍ର ଚାମ୍ପିଅନ୍ ଟ୍ରଫି ପରେ ସେ ଲୟ ଧରିପାରିଛନ୍ତି । ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଦଳ ଏବଂ ଗମ୍ଭୀରଙ୍କ ପାଇଁ ବେଶ ମହତ୍ତ୍ୱ ପୂର୍ଣ୍ଣ ରହିବ । ତାଙ୍କର କାମ କରିବାର ଉତ୍ସାହକୁ ଦେଖିଛି । ସେ ଏକଦମ୍ ସିଧାସଳଖ କଥା ହୁଅନ୍ତି । ସେ ନିଜ ବିଚାରକୁ ଖୋଲିଖୋଲି ରଖି ପାରନ୍ତି ବୋଲି ଗାଙ୍ଗୁଲି କହିଛନ୍ତି ।






**ସୂଚନା**

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି